

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୫ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 25 MARCH 2024

Vol.No. 35 ■ No.84 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଘୋଷଣା ହେଲା ବିଜେପି ପ୍ରାର୍ଥୀ ତାଲିକା

■ସମ୍ବଲପୁରରୁ ଧର୍ମେନ୍ଦ୍ର, ବ୍ରହ୍ମପୁରରୁ ଲଢ଼ିବେ ପ୍ରଦୀପ

■ଭୁବନେଶ୍ୱରରୁ ପୁଣି ଲଢ଼ିବେ ଅପରାଜିତା ଷଡ଼ଙ୍ଗୀ




ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪/୩ : ଏଥିରେ ଓଡ଼ିଶାର ୧୮ଟି ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ହୋଇଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ରବିବାର ପଞ୍ଚମ ପର୍ଯ୍ୟାୟରେ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଓଡ଼ିଶା ପାଇଁ ପ୍ରାର୍ଥୀ ତାଲିକା ଜାରି କରିଛି ବିଜେପି। ପଞ୍ଚମ ପର୍ଯ୍ୟାୟ ତାଲିକାରେ ଓଡ଼ିଶା ପାଇଁ ୧୮ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଛି। ହେଲେ କଟକ, ଯାଜପୁର ଓ କନ୍ଧମାଳ ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇନି। ଏଥର ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ାରୁ ବୈଜୟନ୍ତ ପଣ୍ଡା, ଭୁବନେଶ୍ୱରରୁ ଅପରାଜିତା ଷଡଙ୍ଗୀ, ପୁରୀରୁ ସମ୍ବିତ ପାତ୍ର, ବାଲେଶ୍ୱରରୁ ପ୍ରତାପ ଷଡଙ୍ଗୀ ପ୍ରାର୍ଥୀ ହୋଇଛନ୍ତି। ସେହିପରି କେନ୍ଦୁଝରରୁ ଅନନ୍ତ ନାୟକ, ମୟୂରଭଞ୍ଜରୁ ନବଚରଣ ମାଝୀ, ଭଦ୍ରକରୁ ଅଭିମନ୍ୟୁ ସେଠୀ, ଢେଙ୍କାନାଳରୁ ରୁଦ୍ର ନାରାୟଣ ପାଣି, ବଲାଙ୍ଗିରରୁ ସଙ୍ଗୀତା ସିଂହଦେଓ, କଳାହାଣ୍ଡିରୁ ମାଳବିକା କେଶରୀ ଦେଓ, ନବରଙ୍ଗପୁରରୁ ବଳଭଦ୍ର ମାଝୀ, ଜଗତସିଂହପୁରରୁ ବିଭୁ ପ୍ରସାଦ ତରାଇ, ଆସିକାରୁ ଅନିତା ଶୁଭଦର୍ଶିନୀ, ବ୍ରହ୍ମପୁରରୁ ପ୍ରଦୀପ ପାଣିଗ୍ରାହୀ, କୋରାପୁଟରୁ କାଳେରାମ ମାଝୀ, ବରଗଡ଼ରୁ ପ୍ରଦୀପ ପୁରୋହିତ, ସୁନ୍ଦରଗଡ଼ରୁ ଜୁଏଲ ଓରାମ ପ୍ରାର୍ଥୀ ହୋଇଛନ୍ତି। ପ୍ରାର୍ଥୀ ତାଲିକା ଘୋଷଣା ପରେ ସମ୍ବଲପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସେଲିବ୍ରେସନ୍ କରାଯାଇଛି। କର୍ମୀମାନେ ବାଣ ଫୁଟାଇ ସେଲିବ୍ରେସନ୍ କରୁଥିବା ଦେଖିବାକୁ ମିଳିଛି।

## ରାଜଧାନୀ ଏକ୍ସପ୍ରେସରୁ ଗଞ୍ଜେଇ ଜବତ: ଜଣେ ଗିରଫ

ଭଦ୍ରକ, ୨୪/୩ (ନି.ପ୍ର): ଭଦ୍ରକ ରେଳବାଇ ପୁଲିସ ରାଜଧାନୀ ଏକ୍ସପ୍ରେସରୁ ଗଞ୍ଜେଇ ଜବତ କରିବା ସହିତ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ନବନୀତ କୁମାର (୨୮)। ତାଙ୍କ ଘର ବିହାରର ବୈଶାଳୀ ଜିଲାର ଖୋଜପୁର ଗ୍ରାମରେ। ତାଙ୍କ ଠାରୁ ୩ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ନବନୀତ ଦୁଇଟି ବ୍ୟାଗରେ ଗଞ୍ଜେଇ ନେଇ ଭୁବନେଶ୍ୱର ରେଳ ଷ୍ଟେସନରୁ ରାଜଧାନୀ ଏକ୍ସପ୍ରେସରେ ଚଢ଼ିଥିଲେ। ଭୁବନେଶ୍ୱର ଷ୍ଟେସନରେ ମୁତୟନ ଆରପିଏଫ କର୍ମଚାରୀ ନବନୀତଙ୍କ ହାବଭାବକୁ ସନ୍ଦେହ କରିଥିଲେ। ଟ୍ରେନ ଭୁବନେଶ୍ୱର ଷ୍ଟେସନ ଛାଡ଼ିବା ପରେ ଭଦ୍ରକ ରେଳବାଇ ପୁଲିସକୁ ଏ ବାବଦରେ ଭୁବନେଶ୍ୱର ଆରପିଏଫ ପକ୍ଷରୁ ସୂଚନା ଦିଆଯାଇଥିଲା। ରାଜଧାନୀ ଏକ୍ସପ୍ରେସ ଭଦ୍ରକରେ ପହଞ୍ଚିବା ପରେ ସମ୍ପୃକ୍ତ ଯୁବକଙ୍କୁ ଟ୍ରେନ ଭିତରେ ଠାବ କରାଯାଇଥିଲା। ଆଉ ଯାଞ୍ଚ ବେଳେ ତାଙ୍କ ବ୍ୟାଗରୁ ଗଞ୍ଜେଇ ମିଳିଥିଲା। ଭଦ୍ରକ ରେଳବାଇ ଥାନାରେ ଏକ ମାମଲା ରୁଜୁ କରାଯାଇ ନବନୀତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ହୋଲି ପାଇଁ ଅମାନିଆଙ୍କୁ ସତର୍କ କରାଇଲେ ଭୁବନେଶ୍ୱର ଡିସିପି



ଭୁବନେଶ୍ୱର, ୨୪/୩ (ନି.ପ୍ର): ହୋଲିରେ ସାବାଡ ହେବେ ଅମାନିଆ। ହୋଟେଲରେ ହୋଲି ପାର୍ଟି ଉପରେ ରହିବ କମିଶନରେଟ୍ ପୁଲିସର ନଜର। ରାଜଧାନୀ ଭୁବନେଶ୍ୱରରେ ହୋଲି ସୁରକ୍ଷାକୁ ନେଇ କଡାକଡି କଲା କମିଶନରେଟ୍ ପୁଲିସ। ଅମନିଆଙ୍କୁ ସବାଡ କରାଯିବ। ଅପମିଶ୍ରଣ ହୋଇଥିବା କେମିକାଲ ରଙ୍ଗ ବ୍ୟବହାର କଲେ ନିଆଯିବ ଆକ୍ସନ। ରାସ୍ତାରେ ପାଟ୍ରୋଲିଂ ବଢ଼ାଯିବ। କେମିକାଲ ରଙ୍ଗ ବିକ୍ରି କରୁଥିବା ଦୋକାନ ଉପରେ ଚଢାଉ ହେବ। ଆଜି ଏ ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ। ଡିସିପି କହିଛନ୍ତି, ଡିଏସ୍‌ପି ରାଙ୍କର ଅଧିକାରୀ ନେତୃତ୍ୱରେ ଟିମ୍ ଗଠନ ହୋଇଛି। ୧୫ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ ହେବେ। ଲିଙ୍ଗରାଜ, ବିନ୍ଦୁସାଗର, ଦୟା ନଦୀରେ ଓଡ୍ରଫ୍ ଟିମ୍ ମୁତୟନ ହେବେ। ରଙ୍ଗ ଫେଳି ପରେ ଗାଧୋଇବାକୁ ଯାଉଥିବା ଲୋକଙ୍କ ପାଇଁ ଲାଗିବ ସର୍ତକ ସୂଚନା ଫଳକ ଲାଗିବ। ବିଭିନ୍ନ ସ୍ଥାନରେ ହେଉଥିବା ଇଭେଣ୍ଟ ଗୁଡ଼ିକରେ ନଜର ରଖିବ ପୁଲିସ। ହୋଲିରେ ଯୁବତୀମାନଙ୍କୁ କମେଣ୍ଟ କିମ୍ବା ଅସଦାଚରଣ ଘଟଣାକୁ ରୋକିବା ପାଇଁ ଟିମ ଗଠନ ହୋଇଛି। ଯଦି କୌଣସି କମେଣ୍ଟ ମାରା ଘଟଣା ଆସୁଛି, ତେବେ ତୁରନ୍ତ ପୁଲିସକୁ ଜଣାଇବାକୁ ଡିସିପି କହିଛନ୍ତି। ବିଭିନ୍ନ ହୋଟେଲରେ ହୋଲି ପାର୍ଟି କରିବାକୁ ହେଲେ ଅନୁମତି ନିତ୍ୟାନ୍ତ ଆବଶ୍ୟକ। ସେଥିପାଇଁ ପୁଲିସଙ୍କଠାରୁ ଅନୁମତି ନେବାକୁ ପଡ଼ିବ।

## ଶକ୍ତିପଦ ପଣ୍ଡାଙ୍କ 'ବିନ୍ଦୁ ବିନ୍ଦୁ କବିତା ସିନ୍ଧୁ' ଲୋକାର୍ପିତ



ରେମୁଣା, ୨୪/୩ (ନି.ପ୍ର): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ପଣ୍ଡିତ ଶକ୍ତିପଦ ପଣ୍ଡାଙ୍କ ଶମାଙ୍କ ଏକାଦଶତମ ଗ୍ରନ୍ଥ 'ବିନ୍ଦୁ ବିନ୍ଦୁ କବିତା ସିନ୍ଧୁ' ସ୍ଥାନୀୟ କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଉନ୍ମୋଚିତ ହୋଇଯାଇଛି । ସଭାପତି ଡ. ସତ୍ୟରଞ୍ଜନ ଦାସଙ୍କ ପୌରୋହିତ୍ୟ ଓ ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ପ୍ରଫେସର ଡ. ସୁବାସ ଚନ୍ଦ୍ର ଦାଶ, ବିଭାଗ ମୁଖ୍ୟ ସଂସ୍କୃତ ଭାଷା ସାହିତ୍ୟ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ମୁଖ୍ୟବକ୍ତା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ, ସଂପାଦିକା ଧ୍ୱନିପ୍ରତିଧ୍ୱନି ଓ ସାଗରିକା, ସମୀକ୍ଷକ କବି ନିରଞ୍ଜନ ସାହୁ, ସମ୍ମାନନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ପ୍ରଶାନ୍ତ କୁମାର ମହାପାତ୍ର, କ୍ଷୀରଚୋରା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇ 'ବିନ୍ଦୁ ବିନ୍ଦୁ କବିତା ସିନ୍ଧୁ'ର ଉଭୟ ଆଶିଂକ ଓ ଆତ୍ମିକ ଦିଗ ଉପରେ ଆଲୋଚନା କରି ତାଙ୍କର ସାରସ୍ୱତ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ । କବୟିତ୍ରୀ ସତ୍ୟଭାମା ମୁଦୁଲି ମଞ୍ଚ ଆହ୍ୱାନ ଓ ଭାଷା ସଂଗୀତ ଗାନ କରିଥିବା ବେଳେ ପଣ୍ଡିତ ସର୍ବେଶ୍ୱର ପତି ଓ କୁମୁଦ ଚନ୍ଦ୍ର ଦାସ ମଙ୍ଗଳାଷ୍ଟକ ପାଠ କରିଥିଲେ । କବି ପଣ୍ଡିତ ଶକ୍ତିପଦ ପଣ୍ଡା ଲେଖକୀୟ ଅଭିବ୍ୟକ୍ତି ରଖିଥିବା ବେଳେ ପ୍ରକାଶକ ଜଗନ୍ନାଥ ପାତ୍ର ପ୍ରକାଶକୀୟ ଅଭିମତ ରଖିଥିଲେ । ପ୍ରଥମ ଅଧିବେଶନରେ କବି ଡ.ରତ୍ନାକର ସିଂହ, ପ୍ରଭାକର ସାହୁଙ୍କ ସଂଯୋଜନାରେ ଏକ ଆଧାତ୍ମିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ମଧୁସୂଦନ ମାଝୀ, ତପନ କୁମାର ଦାସ, ଜଳଧର ପଣ୍ଡା, କମଳାକାନ୍ତ ଦାସ ସମେତ ୩୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ ବେଳେ ଉପେନ୍ଦ୍ର ପୁହାଣ ସ୍ୱାଗତଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ରେମୁଣା ସାହିତ୍ୟ ସଂସଦର ସମସ୍ତ ସଦସ୍ୟ ସଦସ୍ୟା ଓ ପଣ୍ଡା ପରିବାରର ସଦସ୍ୟମାନେ ସହାୟତା କରିଥିଲେ। ଶେଷରେ କବି ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ଇଡି ହେପାଜତରେ ଥାଇ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଲେ କେଜ୍ରିଓ୍ୱାଲ



ନୂଆଦିଲ୍ଲୀ, ୨୪/୩ : ଗିରଫ ହେବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି ଅରବିନ୍ଦ କେଜ୍ରିଓ୍ୱାଲ। ଖରାଦିନ ଆସୁଥିବାରୁ ଲୋକଙ୍କ ପାଣି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଆଦେଶ ଦେଇଛନ୍ତି। ଇଡି ହେପାଜତରେ ଥାଇ ପ୍ରଥମ କରି ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି କେଜ୍ରିଓ୍ୱାଲ। ସୂଚନା ଅନୁସାରେ, କେଜ୍ରିଓ୍ୱାଲ ଇଡି ହେପାଜତରେ ଥାଇ ଜଳ ମନ୍ତ୍ରଣାଳୟକୁ ▶▶ପୃଷ୍ଠା ୭

## ଆଇଏସଆଇଏସ ଲିଙ୍କ୍ ସନ୍ଦେହରେ ଜଣେ ଆଇଆଇଟି ଛାତ୍ର ଅଟକ

ନୂଆଦିଲ୍ଲୀ, ୨୪/୩ : ଆଇଏସଆଇଏସ ଲିଙ୍କ୍ ସନ୍ଦେହରେ ଜଣେ ଆଆଇଟି ଗୁହାଟୀ ଛାତ୍ର ଅଟକ। ଅଟକ ହୋଇଥିବା ଛାତ୍ର ଚତୁର୍ଥ ବର୍ଷର ବାୟୋଟେକ୍ନୋଲୋଜି ବିଭାଗର। ସେ ନିକଟରେ ଏକ ସୋଶାଲ ମିଡିଆ ପ୍ଲାଟଫର୍ମ ଏବଂ ଇମେଲରେ ଆତଙ୍କବାଦୀ ସଂଗଠନରେ ଯୋଗଦେବାକୁ ଚାହୁଁଥିବା କହିଥିଲେ। ଏପରି ଖୋଲା ଲେଟର୍ ଲେଖିବା ପରେ ଆଇଆଇଟି-ଗୁଆହାଟି କ୍ୟାମ୍ପସରୁ ନିଖୋଜ ହୋଇଯାଇଥିଲେ। ଆଜି ପୁଲିସ ତାଙ୍କୁ ଆସାମର କାମ୍ରୁପ ଜିଲ୍ଲା ହାଜୋରୁ ଠାବ କରିଛି। ପୁଲିସ ସୂତ୍ର ଅନୁଯାୟୀ, ଦିଲ୍ଲୀର ଏହି ଛାତ୍ର ଜଣକ ଲିଙ୍କଡଇନରେ ଏକ ନୋଟ୍ ଲେଖି ଆତଙ୍କବାଦୀ ସଂଗଠନରେ ଯୋଗଦେବାକୁ ଚାହୁଁଥିବା କହିଥିଲେ। ଏହାପରେ ତାଙ୍କ ଉପରେ ଲୁକଆଉଟ୍ ନୋଟିସ୍ ଜାରି କରାଯାଇଥିଲା। ଆଜି ଗୁହାଟୀଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା କାମ୍ରୁପ ଜିଲ୍ଲାର ହାଜୋରୁ ଠାବ ହୋଇଛନ୍ତି।
ଅତିରିକ୍ତ ପୁଲିସ ଅଧୀକ୍ଷକ (ଏସଟିଏଫ) କଲ୍ୟାଣ କୁମାର ପାଠକ କହିଛନ୍ତି ଯେ, ଏକ ଇମେଲ ପାଇବା ପରେ ଆମେ ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛୁ। ତାଙ୍କ ହଷ୍ଟେଲ ରୁମରୁ ଆଇଏସଆଇଏସ ପତାକା ଏବଂ ଏକ ଇସଲାମିକ ହସ୍ତପୁସ୍ତକ ସଦୃଶ ଏକ କଳା ପତାକା ଜବତ କରାଯାଇଥିବା ସୂତ୍ରରୁ ଜଣାପଡିଛି। ହଷ୍ଟେଲରେ ସେ ଏକୁଟିଆ ରହୁଥିଲେ। କ୍ୟାମ୍ପସରେ ତାଙ୍କର କୌଣସି ସାଙ୍ଗ ନଥିବା ପୁଲିସ କହିଛି। ବର୍ତ୍ତମାନ ସମ୍ପୃକ୍ତ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ।






## କେଜ୍ରିଓ୍ୱାଲଙ୍କ ଗିରଫଦାରୀ ବିରୁଦ୍ଧରେ ବାହାରିଲା ଇଣ୍ଡିଆ ମେଣ୍ଟ: ମାର୍ଚ୍ଚ ୩୧ରେ କରିବେ ମହା ରାଲି




ନୂଆଦିଲ୍ଲୀ, ୨୪/୩ : ଲୋକସଭା ନିର୍ବାଚନ ମାହୋଲ ମଧ୍ୟରେ ଜେଲରେ ଅଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ। ଦିଲ୍ଲୀ ଅବକାରୀ ନୀତିରେ ଅର୍ଥ ହେରଫେର ଅଭିଯୋଗରେ କେଜ୍ରିଓ୍ୱାଲଙ୍କୁ ଗିରଫ କରିଛି ଇଡି। ଆପ୍ ଇଡିର କାର୍ଯ୍ୟାନୁଷ୍ଠାନକୁ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଅଭିଯୋଗ କରିଆସୁ ଥିବାବେଳେ ଏବେ ଗିରଫଦାରୀ ବିରୁଦ୍ଧରେ ବାହାରିଛନ୍ତି ଇଣ୍ଡି ମେଣ୍ଟ। ଆସନ୍ତା ୩୧ରେ ଇଣ୍ଡି ମେଣ୍ଟ ଦଳ ଦିଲ୍ଲୀରେ ମେଗା ରାଲି କରିବା ନେଇ ଘୋଷଣା କରାଯାଇଛି। ଆଜି ମେଣ୍ଟ ଦଳ ସହଯୋଗୀ ଆପ୍ ଏବଂ କଂଗ୍ରେସ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। କେଜ୍ରିଓ୍ୱାଲଙ୍କ ଗିରଫଦାରୀ ବିରୁଦ୍ଧରେ ରାମଲେଲା ମଇଦାନରେ ରାଲିର ଆୟୋଜନ ହେବ ବୋଲି ମେଣ୍ଟ ଦଳ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ସମୟରେ ଆପ୍ ନେତା ଗୋପାଳ ରାୟ କହିଛନ୍ତି, 'ଗଣତନ୍ତ୍ର ଏବଂ ଦେଶ ବିପଦରେ। ସମସ୍ତ ଇଣ୍ଡିଆ ମେଣ୍ଟ ଦଳ ଦେଶର ସ୍ୱାର୍ଥ ତଥା ଗଣତନ୍ତ୍ରର ସୁରକ୍ଷା ପାଇଁ ଏହି ମହା ରାଲି କରିବେ।' ଏକଛତ୍ରବାଦ ଶାସନ ଚଳାଇ ଦେଶରେ ଗଣତନ୍ତ୍ରକୁ ହତ୍ୟା କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଗିରଫ କରାଯାଇଛି। ଯେଉଁମାନେ ସମ୍ବିଧାନ ଏବଂ ଗଣତନ୍ତ୍ରକୁ ଭଲପାଉଛନ୍ତି, ସମ୍ମାନ କରୁଛନ୍ତି ସେମାନଙ୍କ ଉପରେ ରାଗ ଅଛି। ଜଣେ ପରେ ଜଣେ ବିରୋଧୀ ଦଳ ନେତାଙ୍କ ବିରୁଦ୍ଧରେ ମିଛ ମାମଲା ଦାୟର କରିବାକୁ ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର କରୁଥିବା ଆପ୍ ନେତା ଗୋପାଳ ରାୟ ଅଭିଯୋଗ କରିଛନ୍ତି। କଂଗ୍ରେସ ଦିଲ୍ଲୀ ମୁଖ୍ୟ ଅରବିନ୍ଦର ସିଂହ ଲଭଲି କହିଛନ୍ତି, 'ମାର୍ଚ୍ଚ ୩୧ରେ ହେବାକୁ ଥିବା 'ମହା ରାଲି' ରାଜନୈତିକ ନୁହେଁ ବରଂ ଦେଶର ଗଣତନ୍ତ୍ରକୁ ବଞ୍ଚାଇବା ଏବଂ କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିବା।'

୨

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୫ ମାର୍ଚ୍ଚ, ସୋମବାର, ୨୦୨୪

# ହୋଲି... ହୋଲି...



# ଭାରତୀୟ ସଂସ୍କୃତିରେ ଦୋଳପୂର୍ଣ୍ଣିମା

ପଣ୍ଡିତ ଦୈତ୍ୟାରି ମହାପାତ୍ର

ଭାରତୀୟ ସଂସ୍କୃତିରେ ହୋଲି ଓଡ଼ିଶାରେ ଏକ ପ୍ରାଚୀନ ପର୍ବ। ବୈଷ୍ଣବ ମତବାଦର ପ୍ରଚାର ଓ ପ୍ରସାର ସହିତ ଏହି ପର୍ବର ନିବିଡ଼ ସମ୍ପର୍କ ରହିଛି। "କୃଷ୍ଣସ୍ତୁ ଭଗବାନ ସ୍ୱୟଂ" ଅର୍ଥାତ୍ ଶ୍ରୀକୃଷ୍ଣ ସ୍ୱୟଂ ପରଂବ୍ରହ୍ମ। ଭଗବାନ ଶ୍ରୀକୃଷ୍ଣ ଲୀଳା ଶ୍ରୀମଦ ଭାଗବତ, ହରିବଂଶ, ନାରଦୀୟ ପଞ୍ଚରାତ୍ର ଆଦି ବିଭିନ୍ନ ଗ୍ରନ୍ଥରେ ପ୍ରମାଣିତ ହୋଇଛି। ସର୍ବପ୍ରଥମେ ବାସୁଦେବ ତା'ପରେ ଭାଗବତ ବର୍ଣ୍ଣିତ ଗୋପୀଜନ୍ମ କଳ୍ପରେ ମୂର୍ତ୍ତି ସମଗ୍ର ଭୂଖଣ୍ଡରେ ପ୍ରତିଷ୍ଠାଲାଭ କରିଛି। ବିଶ୍ୱରେ ପୂର୍ଣ୍ଣବ୍ରହ୍ମ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଜୀବରୂପିଣୀ ଦେବୀ ଶ୍ରୀରାଧାଙ୍କର ମିଳନର ମାହାତ୍ମ୍ୟ ଏହି ପର୍ବରେ ବିଶେଷ ଭାବେ ପରିଲକ୍ଷିତ ହୁଏ। ଉତ୍କଳୀୟ ଭକ୍ତକବି ଜୟଦେବଙ୍କ ଦ୍ୱାରା କାନ୍ତ ଭାବାଶ୍ରିତ "ପ୍ରେମାନୁଗା ଭକ୍ତି"ର ସୃଷ୍ଟି। ଗୀତଗୋବିନ୍ଦ ସୁଲଳିତ ଜ୍ଞାନ ମାଧ୍ୟମରେ ଜୀବ ପ୍ରମ ବାସନ୍ତୀ ଲୀଳାକୁ ସାକାର କରାଯାଇଛି। ଭକ୍ତକବି ଜୟଦେବଙ୍କ ଭାଷାରେ "ରାଧାମାଧବୟୋର୍ଜୟନ୍ତି ଯମୁନା କୂଳେରହଃ କେଳୟଃ"।

ଜୀବରୂପିଣୀ ଗୋପୀ ଗୋପାଙ୍ଗନାମାନେ ପରମାତ୍ମା ଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟଲାଭ କରି ପରମ ପ୍ରେମ ରସରେ ମଜିଯାଇ ବୃନ୍ଦାବନରେ ରାସଲୀଳା ଆରମ୍ଭ କରିଥିଲେ। ତାହାକୁ "ଦୋଳଯାତ୍ରା ବା ହୋଲିପର୍ବ" ବୋଲି କୁହାଯାଏ। ହୋଲି ଉତ୍ସବ ଉତ୍କଳୀୟ ସଂସ୍କୃତିରେ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରୁ ଆରମ୍ଭ ହୋଇଥାଏ। ଏହି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ। ବିଶ୍ୱ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାର ବିଭିନ୍ନ ବୈଷ୍ଣବ ମନ୍ଦିରମାନଙ୍କରେ ଏହି ଦୋଳ ଯାତ୍ରା ନିଷ୍ଠାର ସହିତ ପାଳନ କରାଯାଏ। ଦୋଳ ଉତ୍ସବ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଦୋଳ ମଣ୍ଡପକୁ ବୀଜେ କରିଥାନ୍ତି। ଦୋଳ ପୂର୍ଣ୍ଣିମାରେ ଶ୍ରୀ ମହାପ୍ରଭୁଙ୍କର "ରାଜାବେଶ" ଅନୁଷ୍ଠିତ ହୋଇଥାଏ।

ଏହି ଦୋଳ ଉତ୍ସବ ସମ୍ବନ୍ଧରେ ଅନେକ ଶାସ୍ତ୍ରରେ ପ୍ରାମଣିକ ମତ ରହିଥିଲେ ମଧ୍ୟ ପଦ୍ମ ପୂରାଣରେ ବିଶେଷଭାବେ ବର୍ଣ୍ଣନା କରାଯାଇଛି। ଯଥା-

"ବିଶେଷତଃ କଳିଯୁଗେ ଦୋଳୋତ୍ସବ ବିଧିୟତେ।
ଫାଲଗୁନେ ଚ ଚତୁର୍ଦ୍ଦଶ୍ୟାମଷ୍ଟମେ ଯାମସଂଜ୍ଞକେ ॥
ଅଥବା ପୌର୍ଣ୍ଣମାସ୍ୟାଂ ତୁ ପ୍ରତିପତ୍ ସିଦ୍ଧିମିଶ୍ରିତୌ।
ଯୁଜୟେବ ବିଧିବଦ୍ ଭକ୍ତ୍ୟା ଫଲଗୁଚୂର୍ଣ୍ଣୈଷ୍ଟ ଚତୁର୍ବିଧୈଃ॥"

ସ୍କନ୍ଦ ପୁରାଣର ବର୍ଣ୍ଣନାରୁ ପ୍ରମାଣିତ ହୁଏ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୋଳ ଉତ୍ସବ ଦୋଳ ମଣ୍ଡପରେ ଅନୁଷ୍ଠିତ ହୋଇଥାଏ। ଶ୍ରୀଗୋବିନ୍ଦଙ୍କ ଶ୍ରୀଦେବୀଙ୍କ ସହିତ ଦୋଳାରେ ଆବରଣ କରାଯାଇ ପାରମ୍ପରିକ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଏ। ବିଶ୍ୱାସ କରାଯାଏ, ଏହି ଉତ୍ସବକୁ ଦେଖିବା ପାଇଁ ସ୍ୱର୍ଗର ସମସ୍ତ ଦେବତାଗଣ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନେତୃତ୍ୱରେ ଦୋଳମଣ୍ଡପ ଚତୁଃପାର୍ଶ୍ୱରେ ବିରାଜମାନ କରିଥାନ୍ତି। ଏହି ଉତ୍ସବରେ ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଦୋଳବେଶରେ ସଜ୍ଜିତ କରାଇ ଗୋପୀମାନେ ତାଙ୍କ ଶରୀରରେ ବିଭିନ୍ନ ପ୍ରକାରରେ ସୁଗନ୍ଧିତ ଚୂର୍ଣ୍ଣ ବର୍ଷଣ କରିଥାନ୍ତି। ଗରୁଡ଼ ପୁରାଣ ବର୍ଣ୍ଣନା ଅନୁଯାୟୀ ହୋଲି ଉତ୍ସବ ପ୍ରାୟ ଏକ ମାସ ଧରି ପାଳନ କରାଯାଏ।

"ଗୋପୀଭିର୍ଷ୍ଣୈବ ପୋଲାକୈଲୀଳାଦୋଳିକୟନଗମ୍,
ଚିନ୍ତାୟିତ୍ୱା ଜଗନ୍ନାଥଂ ବିବିକେଦ ଗନ୍ଧ ଚୂର୍ଣ୍ଣକୈ
ଦୋଳାରୂଢ଼ଂ ସମଭ୍ୟର୍ଚ୍ଚ୍ୟମାସମୋଦୋଳୟେତ୍ କଳୌ ॥"

ଦୋଳ ଉତ୍ସବର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ପୁରାଣରେ ଭିନ୍ନ ଭିନ୍ନ ଶାସ୍ତ୍ରୀୟ ମତ ରହିଛି। ଭଗବାନ ବିଷ୍ଣୁ ହେଉଛନ୍ତି ଜଗତର ପରିତ୍ରାଣ କର୍ତ୍ତା। ଏହି ଦିନ ଶଙ୍ଖଚୂଡ଼ ହୋଲିକାକୁ ଦହନ କରିଥିଲେ। ତେଣୁ ଏହି ପର୍ବର ନାମ ହେଉଛି "ହୋଲି"। ସମଗ୍ର ଭାରତବର୍ଷରେ ବିଭିନ୍ନ ସ୍ଥାନରେ ଏହି ପର୍ବ ପାଳିତ ହୋଇଥାଏ। ଭଗବାନ ଶ୍ରୀଚୈତନ୍ୟଦେବ ଦୋଳ ପୂର୍ଣ୍ଣମା ଦିନ ଜନ୍ମ ହୋଇଥିବାରୁ ଗୌଡ଼ୀୟ ଭକ୍ତମାନେ ଏହି ଦିନଟିକୁ ମହୋତ୍ସବ ଦିନ ରୂପେ ପାଳନ କରିଥାନ୍ତି। ଶ୍ରୀଚୈତନ୍ୟଦେବ ଉତ୍କଳକୁ ଆଗମନ ପରେ ଓଡ଼ିଶାର ରାଧାକୃଷ୍ଣ ପୂଜା ଲୋକପ୍ରିୟ ହୋଇଥିଲା। ସେଥିପାଇଁ ଉତ୍କଳରେ ରାଧାକୃଷ୍ଣଙ୍କର "ଶରତ ରାସ", "ବସନ୍ତ ରାସ" ଅତ୍ୟନ୍ତ ପ୍ରାଣବନ୍ତ ହୋଇଉଠିଛି। ବାସ୍ତବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାତ୍ତ୍ୱିକ ଭାବ ଭକ୍ତିପୂର୍ଣ୍ଣ, ଦୋଳଯାତ୍ରା ଏବଂ ରାଧାକୃଷ୍ଣଙ୍କର ଆଡ଼ମ୍ବର ପୂର୍ଣ୍ଣ ହୋଲି ମହୋତ୍ସବ ଉତ୍କଳର ଜନଜୀବନକୁ ବସନ୍ତର ମାଧୁରୀରେ ମଧୁମୟ କରିବା ସହିତ ପ୍ରତ୍ୟେକଙ୍କ ହୃଦୟକୁ ଆମୋଦିତ କରିଛି।

ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ଦୋଳଯାତ୍ରା ପାଳିତ ହୋଇ ଦୋଳପୂର୍ଣ୍ଣମା ଦିନ ସମାପ୍ତ ହୋଇଥାଏ। ଏହି ଦିବସ ଗୁଡ଼ିକରେ ଅବିର ଓ ରଙ୍ଗ ଖେଳ ଅତ୍ୟନ୍ତ ଆଡ଼ମ୍ବର ସହିତ ପାଳିତ ହୋଇଥାଏ। ଶ୍ରୀମନ୍ଦିରରେ ଏବଂ ଉତ୍କଳର ପ୍ରତି ଗ୍ରାମରେ ପାରମ୍ପରିକ ବିଧିବିଧାନର ସହିତ ନବ ପଞ୍ଜିକା ପୂଜାର୍ଚ୍ଚନା କରାଯାଇ ପଠନ କରାଯାଏ।



ଉତ୍କଳର ସଂସ୍କୃତିରେ ହୋଲି ଖେଳକୁ ମହା ଆଡ଼ମ୍ବର ସହିତ ପାଳନ କରିବା ପୂର୍ବକ ଘଣ୍ଟ, ଘଣ୍ଟା, ଶଙ୍ଖ, ବାଦ୍ୟନାଦ, ହରିବୋଲ, ହୁଳହୁଳିର ତାଳେ ତାଳେ ଅବିର ଖେଳ ପୂର୍ବକ ନାମସଂକୀର୍ତ୍ତନ ଏବଂ ହୋଲି ସଂକୀର୍ତ୍ତନ ଗାନ କରାଯାଏ। ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ ମନୋମୁଗ୍ଧକର ହୋଇଥାଏ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଆରାଧ୍ୟ ଦେବତାଙ୍କୁ ବିମାନରେ ବସାଇ ଗାଁ ଗାଁ ସାହି ସାହିରେ ଭକ୍ତମାନଙ୍କର ଘରକୁ ଘରକୁ ନିଆଯାୟୀ ଭୋଗ ଲଗାଯାଏ। ଭକ୍ତମାନେ ଆନନ୍ଦରେ ବିଭୋର ହୋଇଥାନ୍ତି। ଓଡ଼ିଆ ହୋଲିଗୀତ ମଧ୍ୟରେ ବୈଷ୍ଣବ କବି ଗୋପାଳକୃଷ୍ଣଙ୍କ ହୋଲି ଗୀତ ଅତ୍ୟନ୍ତ ଚିତ୍ତାକର୍ଷକ। ଯଥା-

"ହୋରୀ ରଙ୍ଗେ ବିହରୀ ହରିସଙ୍ଗେ କିଶୋରୀ।
ପବନେ ଢଳି ଚମ୍ପକ ବୋଲି ତମାଳେ ଢଳିଲା ପରି ॥
ପଶୁପୀବାଳା ଚପଳାମାଳା ଘନକୁ ଘେରିଲା ପରି।
ହେବାବଜବନ ବୟସୀ ଜନ ମଧୁବ୍ରତ ଗିରିଧାରୀ ॥
ପଙ୍ଗୁ ଅବିର ବ୍ରଜ ସୁନ୍ଦର ପଞ୍ଜୁଲି ଗଳି ବିହାରୀ।
ଶ୍ରୀରାଧା ଫିଙ୍ଗୁ ମହୋନ ଯୋଗୁ ବାଜି ହୃଦରେ ସଞ୍ଚରୀ ॥
ନଳ ଯନ୍ତର ଧରି ରତ୍ନର ବିଞ୍ଚନ୍ତି ପନୀରବାରି ।
ଗୋପାଳକୃଷ୍ଣ ନୟନତୃଷ୍ଣ ହୋଇଲା ସେ ଶୋଭାସ୍ମରୀ ॥"

ପରସ୍ପର ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଦ୍ୟୋତକ ଖେଳ, ହୋଲି ଖେଳ ଅତ୍ୟନ୍ତ ରୋମାଞ୍ଚକର। ସାଧାରଣତଃ ଏହି ଯାତ୍ରା ପାଞ୍ଚ ଦିନ ଧରି ପାଳିତ ହେଉଥିବାରୁ ଏହାକୁ "ପଞ୍ଚଦୋଳ" ନାମରେ ନାମିତ କରାଯାଇଛି। କେତେକ ସ୍ଥାନରେ ଫାଲଗୁନ ମାସରେ ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ପାଞ୍ଚ ଦିନ ପର୍ଯ୍ୟନ୍ତ ପଞ୍ଚଦୋଳ ଯାତ୍ରା ପାଳିତ ହୋଇଥାଏ। ଆଉ କେତେକ ସ୍ଥାନରେ ପୂର୍ଣ୍ଣିମା ଦିନକୁ ପର୍ବର ଶେଷ ଦିବସ ରୂପେ ଗ୍ରହଣ କରାଯାଏ। ଯେଉଁ କେତେକ ସ୍ଥାନରେ ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ଛଅ ଦିନ ପର୍ଯ୍ୟନ୍ତ ଏହି ପର୍ବ ପାଳନ କରାଯାଏ ତାହାକୁ "ଛଅ ଦୋଳ" ବୋଲି କୁହାଯାଏ। ଯେଉଁଠି ନଅ ଦିନ ପର୍ଯ୍ୟନ୍ତ ପାଳନ କରାଯାଏ ତାହାକୁ "ନବଦୋଳ" ବୋଲି କୁହାଯାଏ। ଆହୁରି ମଧ୍ୟ କେତେକ ସ୍ଥାନରେ "ସପ୍ତଦୋଳ" ଏବଂ "ଦଶଦୋଳ" ପାଳିତ ହେଉଥିବାର ଦୃଷ୍ଟାନ୍ତ ଅଛି।

ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିକୁ ବିମାନରେ ଚିତାକର୍ଷକ ସାଜସଜ୍ଜା ସହିତ ମହାଆଡ଼ମ୍ବରରେ ଗାଁର ପ୍ରତ୍ୟେକ ଦ୍ୱାରକୁ ନିଆଯାଏ। ପ୍ରତ୍ୟେକ ଦ୍ୱାରରେ ଠାକୁରଙ୍କୁ ନିଷ୍ଠା ଓ ଏକାଗ୍ରତାର ସହିତ ଭୋଗ ଅର୍ପଣ କରାଯାଇଥାଏ। ତାହାକୁ "ଦ୍ୱାରୀଭୋଗ" କୁହାଯାଏ। ଏଠାରେ ଭକ୍ତ ଭଗବାନ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ କରି ମହାପୁରୁଷ ଅଚ୍ୟୁତାନନ୍ଦ କହିଛନ୍ତି-

"ମୋ ତହିଁ ଦେଖ ତୁ
ଉଦେ ହୋଇଛୁ ତୋ
ତହିଁ ଦେଖ ମୁହିଁ,
ତୁମ୍ଭେ ଆମ୍ଭେ ଦୁହେଁ
ଏକତ୍ର ଅଙ୍ଗଟି ଭିନ୍ନା
ଭିନ୍ନ ଆଉ ନାହିଁ।"

ହିନ୍ଦୁ ଶାସ୍ତ୍ର ମତାନୁଯାୟୀ ଅଗ୍ନୀ ହେଉଛନ୍ତି ପ୍ରତ୍ୟକ୍ଷ ଦେବତା। ଦଶଦିଗପାଳଙ୍କ ମଧ୍ୟରୁ ସେ ଆଗ୍ନେୟ କୋଣର ଦିଗ ପାଳକ। ସେଥିପାଇଁ ଗାଁରେ ଥିବା ରାଧାକୃଷ୍ଣ ମନ୍ଦିରର ଆଗ୍ନେୟ କୋଣରେ "ଅୟିଘରା" ବା ଅଗ୍ନିପୂଜା ପ୍ରସ୍ତୁତି କରାଯାଏ। ଚତୁର୍ଦ୍ଦଶୀ ଦିନରେ ନଗର ପରିକ୍ରମା ପରେ ଠାକୁରମାନେ ଅୟିଘରା ବା ଦେବ ଅଗ୍ନୀର ଚତୁଃପାର୍ଶ୍ୱରେ ସାତ ଥର ପରିକ୍ରମା କରିବାର ପ୍ରଥା ଆମ ଉତ୍କଳୀୟ ସଂସ୍କୃତିରେ ଦେଖିବାକୁ ମିଳେ। ଅୟିଘରା ପାଇଁ ଜାଳେଣୀ ସାମଗ୍ରୀକୁ ଏକାଠି କରି ଏକ କୁଡ଼ିଆ ଘର କରି ସଜ୍ଜିତ କରାଯାଏ। ଯେମିତି ସେଠାରେ ଏକ ମେଷ ରହିପାରିବ। ମେଷ ହେଉଛନ୍ତି ଅଗ୍ନିଙ୍କର ବାହାନ। ବିଭିନ୍ନ ପ୍ରକାରର ଖାଦ୍ୟପ୍ରଦାର୍ଥରେ ନିର୍ମିତ ଏକ ମେଷର ପ୍ରତିକୃତି ରଖାଯାଇଥିବାବେଳେ କେତେକ ସ୍ଥାନରେ ଜୀବନ୍ତ ମେଷକୁ ରଖାଯାଇଥାଏ। ଠାକୁର ବିମାନରେ ନଗର ପରିକ୍ରମା ସାରି ମନ୍ଦିର ନିକଟକୁ ଫେରିଆସନ୍ତି। ସେତେବେଳେ ଅୟିଘରାରେ ଅଗ୍ନି ସଂଯୋଗ କରାଯାଏ। କୁଡ଼ିଆ ଆକୃତିର କାଠଗଦା ଉପରେ ଅଗ୍ନି ସଂଯୋଗ ହେବାପରେ ଜୀବନ୍ତ ମେଷଟି ଭିତରୁ ବାହାରକୁ ଖସିଆସିଥାଏ ଏବଂ ସ୍ୱଭାବିକ ଭାବେ ତାର ପ୍ରତିକୃତିଟି ସେହି ଅଗ୍ନି ମଧ୍ୟରେ ରହିଯାଇଥାଏ। ତାହାହିଁ "ଅୟିଘରା ପର୍ବ"। ତା ପରେ ଠାକୁରଙ୍କୁ ଅୟିଘରା ଚତୁଃପାର୍ଶ୍ୱରେ ବିମାନ ସହିତ ସାତ ଥର ପରିକ୍ରମଣ କରି ମଣ୍ଡପକୁ ନିଆଯାଏ। ଏହାକୁ ବଙ୍ଗଳାରେ "ମେଧାରଘର ପୋଡ଼ଣୀ" କୁହାଯାଏ। ମହାରାଷ୍ଟ୍ରରେ "ହୋଲାଛା" ଏବଂ ଉତ୍ତରାଖଣ୍ଡରେ "ଦଣ୍ଡରାକ୍ଷସୀ ପୂଜା" ନାମରେ ନାମିତ ହୋଇଥିବାର ଲୋକପ୍ରଥା ରହିଛି। ଭଗବାନ ବିଷ୍ଣୁ ଭକ୍ତ ପ୍ରହଲ୍ଲାଦକୁ ବିନାଶ କରିବା ପାଇଁ ପିତା ହିରଣ୍ୟକଷିପୁ ଶେଷରେ ଅତିଷ୍ଠ ହୋଇ ତାକୁ ସମୂଳେ ବନାଶ କରିବା ନିମନ୍ତେ ଭଉଣୀ ହୋଲିକାକୁ ନିବେଦନ କରିଥିଲେ। ତାଙ୍କ ନିବେଦନକୁ ରକ୍ଷା କରି ଭଗ୍ନି ହୋଲିକା ଉତ୍‌କ୍ଷୀପ୍ତ ହୋଇ ପ୍ରହ୍ଲାଦକୁ ନେଇ ହୁ ହୁ ହୋଇ ଜଳୁଥିବା ଅଗ୍ନି ମଧ୍ୟରେ ପ୍ରବେଶ କରିଥିଲେ। ହୋଲିକା ପୂର୍ବରୁ ବରପ୍ରାପ୍ତି ହୋଇଥିଲେ ଯେ ତାଙ୍କୁ ଅଗ୍ନି ଦଗ୍ଧ କରିପାରିବ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ଜଳନ୍ତା ନିଆଁ ମଧ୍ୟରେ ପଡ଼ିବା ମାତ୍ରେ ହୋଲିକା ସମ୍ପୂର୍ଣ୍ଣ ଦଗ୍ଧ ହୋଇଯାଇଥିଲେ ଏବଂ ଭକ୍ତ ପ୍ରହ୍ଲାଦ ଶୁଦ୍ଧ ସୁବର୍ଣ୍ଣପରି ଜଳନ୍ତା ନିଆଁକୁ ଚାଲି ଚାଲି ବାହାରକୁ ଆସିଥିଲେ। କୁହାଯାଏ, ହୋଲିକାର ମୃତ୍ୟୁରେ ସମଗ୍ର ସଂସାରରେ ଅନ୍ୟାୟ, ଅନିତି, ଅମାନବୀକତା ଧ୍ୱଂସ ହୋଇ ପାପର କ୍ଷୟ ଘଟି ସତ୍ୟର ସଂସ୍ଥାପନ ହୋଇଥିଲା। ଦୋଳ ପୂର୍ଣ୍ଣିମା ଦିନ ଠାକୁରଙ୍କୁ ମନ୍ଦିରର ଦକ୍ଷୀଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପକୁ ନିଆଯାଇଥାଏ। ଯାହାର ନାମ "ଦୋଳ ମଣ୍ଡପ।" ସେଠାରେ ପୂଜାର୍ଚ୍ଚନା କରିବା ସହିତ ଠାକୁରମାନେ ହୋଲି ଖେଳିଥାନ୍ତି ଏବଂ ନାଲି ଅବିର ଅର୍ପଣ କରାଯାଏ। ମଣ୍ଡପକୁ ଅତ୍ୟନ୍ତ ସୁନ୍ଦର ଭାବରେ ସଜ୍ଜିତ କରାଯାଇଥାଏ। ବୃନ୍ଦାବନରେ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ଯେଉଁ ମଣ୍ଡପ ନିର୍ମାଣ କରିଥିଲେ, ତା ପରିସର ଥିଲା ଏକଶତ ହାତ।

ଗୋମାତା ଜନ୍ମଦିବସ ରୂପେ ଦୋଳପୂର୍ଣ୍ଣିମାକୁ ହିନ୍ଦୁ ପୂରାଣ ଶାସ୍ତ୍ରରେ ପ୍ରାଧାନ୍ୟ ଦିଆଯାଇଛି। ଏକଦା ଗୋପନଗ୍ରର ଗୋପାଳମାନେ ପୂର୍ବ ଫାଲ୍‌ଗୁନୀ ନକ୍ଷତ୍ର ଯୁକ୍ତ ଫାଲ୍‌ଗୁନ ଶୁକ୍ଳ ପୂର୍ଣ୍ଣିମା ତିଥିକୁ ଏକ ମହୋତ୍ସବ ରୂପେ ପାଳନ କରୁଥିଲେ। ଧୂପ, ଦୀପ, ନୈବେଦ୍ୟ ଏବଂ ଦୂର୍ବାକ୍ଷତ ଦେଇ ଗୋ' ବନ୍ଦାପନା କରାଯାଏ। ଦୋଳ ପୂର୍ଣ୍ଣିମା ଦିନ ଗୋମାତାର ଜନ୍ମଦିନ ପାଳନ ଏବଂ ଗୋ'ବନ୍ଦାଣ ଉତ୍ସବ ପାଳନ ହେଉଥିବା ଦୃଷ୍ଟିରୁ ଗୋପାଳମାନଙ୍କର ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପର୍ବ। ପୁରୀ ଶ୍ରୀମନ୍ଦିର ଭଳି ଭୁବନେଶ୍ୱରର ଆଦିଦେବ ଲିଙ୍ଗରାଜ ମନ୍ଦିରରେ ମଧ୍ୟ ଦୋଳଯାତ୍ରା ପାଳିତ ହୋଇଥାଏ। ଫାଲଗୁନ ପୂର୍ଣ୍ଣମୀର ଦୀର୍ଘ ଛଅ ଦିନ ପୂର୍ବରୁ ଆରମ୍ଭ ହୋଇ ଏହି ଯାତ୍ରା ପୂର୍ଣ୍ଣମୀ ଦିନ ଶେଷ ହୋଇଥାଏ। ଏଠାରେ ହରିହର ବିଗ୍ରହ ଜଗତର ନାଥଙ୍କ ପ୍ରତିନିଧିତ୍ୱ କରିଥାନ୍ତି। ଏହା ଆମ ସଂସ୍କୃତିର ଏକ ପାରମ୍ପରିକ ପର୍ବ। ଏହି ଉତ୍ସବ ଦିନ ଧ୍ୟାନଭଗ୍ନ କରାଇବା ଅପରାଧରେ ଦେବାଧିଦେବ ମହାଦେବ ମହାକୋପୀ ଶିବ କାମଦେବଙ୍କୁ ଜାଳି, ପୋଡ଼ି, ଭସ୍ମ କରିଦେଇଥିଲେ। କାମଦେବଙ୍କ ମୃତ୍ୟୁରେ ବିହୋଳ ହୋଇ ପତ୍ନୀ ରତୀଦେବୀ ଶୋକ କରିଥିଲେ। ସେଥିପାଇଁ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ଏହି ଉତ୍ସବ ପାଳନ କରାଯାଉଥିବାବେଳେ ପ୍ରୀତି ପାର୍ବଣର ମୃତ୍ୟୁ ଦେବତା କାମଦେବଙ୍କ ପାଇଁ ଶୋକଗୀତିକା ଏବଂ ବିଷାଦଭରା ଗୀତ ଗାନ କରାଯାଉଥିବାର ଦେଖିବାକୁ ମିଳେ। ଓଡ଼ିଶା, ବଙ୍ଗଳା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦକ୍ଷିଣଭାରତ ଆଦି ବିଭିନ୍ନ ରାଜ୍ୟର ବିଶେଷ ଭାବେ ଏହି ପର୍ବ ପାଳନ କରାଯାଏ। ଭଗବାନ ଶ୍ରୀକୃଷ୍ଣ ଏବଂ ଦେବୀ ଶ୍ରୀରାଧା ହେଉଛନ୍ତି ଏହି ପର୍ବର ମୁଖ୍ୟ ଦେବାଦେବୀ। ଶଙ୍ଖଚୂଡ଼, ହୂରୀ, ହୋଲି, ହୋଲା, ହୋଲାକା, ମେଧା ଏବଂ ଧୂନ୍ଧା ନାମରେ କ୍ଷାତ ଦୁର୍ଦ୍ଧଶା ରାକ୍ଷସୀର ଦମନ ଗାଥା ଏବଂ ଭଗବାନ ଶ୍ରୀକୃଷ୍ଣଙ୍କର ବିରତ୍ୱ ଜୟଗାନ କରିବା ଏହି ପର୍ବର ମୂଳଲକ୍ଷ।

ହୋଲି ପର୍ବ ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ ଏବଂ ଭଲପାଇବାର ଏକ ଜ୍ୱଳନ୍ତ ନିଦର୍ଶନ। ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କୁ ଏବଂ ଶତସହସ୍ର ଗୋପାଙ୍ଗନାଙ୍କ ପ୍ରଣୟକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରାଇବା। ଏହି ପର୍ବ ବହୁ ପ୍ରାଚୀନ କାଳରୁ ଓଡ଼ିଶାରୁ ବିଭିନ୍ନ ଅଞ୍ଚଳରେ ପାଳିତ ହୋଇ ଆସୁଛି। ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାର ଏହି ପର୍ବ ପାଳିତ ହୋଇଥାଏ। ଓଡ଼ିଶାରେ ପାଳିତ ହେଉଥିବା ଦୋଳ ଉତ୍ସବକୁ ଏକ ନିଆରା ଢ଼ଙ୍ଗରେ ପାଳନ କରାଯାଏ। ଘଣ୍ଟଘଣ୍ଟାର ତାଳେତାଳେ ଅବିର ଖେଳ ମାଧ୍ୟମରେ ଠାକୁରଙ୍କୁ ବିମାନରେ ବସାଇ ସାଜସଜ୍ଜା କରାଇ ସଂକୀର୍ତ୍ତନ ମାଧ୍ୟମରେ ଅଣାଯାଏ। ପାରମ୍ପରିକ ପ୍ରଥା ଅନୁସାରେ ଭକ୍ତମାନଙ୍କ ସମାଗମରେ ସଂଖ୍ୟାଧିକ ବିମାନ ବିଭିନ୍ନ ଅଞ୍ଚଳରୁ ବିଧି ପୂର୍ବକ ଅବିର ଆଦାନ ପ୍ରଦାନ କରି ମେଳନ ପଡ଼ିଆକୁ ନିଆଯାଇଥାଏ। ଇତ୍ୟବସରରେ ରୋଷଣୀ, ବାଦ୍ୟ, ଘଣ୍ଟଘଣ୍ଟାର ତାଳେତାଳେ ସଜ୍ଜିତ ମଣ୍ଡପରେ ଉପବେଷ୍ଟନ କରାଯାଇଥାଏ। ବିମାନ କ୍ରମାନୁସାରେ ମଣ୍ଡପରେ ବସିବା ଭକ୍ତମାନଙ୍କୁ ଅତ୍ୟନ୍ତ ଆମୋଦିତ କରିଥାଏ। ଶେଷଦିନ ନାମ ସଂକୀର୍ତ୍ତନ, ଯଜ୍ଞ ଏବଂ ପୂଜାର୍ଚ୍ଚନା ସହିତ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମରେ ସନ୍ଧ୍ୟାବେଳେ ଦେବତାମାନେ ସେହି ବିମାନରେ ପୁଣି ନିଜ ନିଜ ମନ୍ଦିରକୁ ଫେରିଯାନ୍ତି। ସେଠାରେ ପାରମ୍ପରିକ ବିଧିବିଧାନ ସହିତ ଅୟିଘରା ହୁଏ ଏବଂ ଉତ୍କଳୀୟ ସଂସ୍କୃତି ପରମ୍ପରା ଅନୁଯାୟୀ ପଞ୍ଜିକା ପୂଜା ମଧ୍ୟ କରାଯାଇଥାଏ। ବାସ୍ତବରେ ଉତ୍କଳରେ ପାଳନ କରାଯାଉଥିବା ଦୋଳ ପୂର୍ଣ୍ଣିମା ବା ଦୋଳଯାତ୍ରା ଭାରତୀୟ ସଂସ୍କୃତିର ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ।

ଓଡ଼ିଆ ଭାଷା ସାହିତ୍ୟ ଗବେଷକ, ଭଦ୍ରକ, ଓଡ଼ିଶା
ମୋ-୮୭୬୩୫୪୮୨୦୨, ୬୩୭୨୭୮୨୬୬୨

# ଇନ୍ଦ୍ରଧନୁର ରଙ୍ଗ ପରି ଜୀବନ ହେଉ ରଙ୍ଗୀନ

ଡକ୍ଟର ଲକ୍ଷ୍ମଣ ସାହୁ

ଦୁଇ ଦିନର ଦୁନିଆ , ଦୁଇ ଦିନର ସ୍ୱର । ଆସିଛି ଏକା ଯିବି ମୁଁ ଏକା । ଏତେ ଛୋଟ ଜୀବନରେ କି ପ୍ରକାର ଗର୍ବ, ଅହଂକାର ଅଛି । ଆମେ କେହି ଜାଣି ନାହେଁ , ଜନ୍ମ ପୂର୍ବରୁ ଆମେ କେଉଁଠି କ'ଣ ଥିଲେ ଓ ମୃତ୍ୟୁ ପରେ କୁଆଡେ ଯିବା ! ଆଜି ଯାହା କିଛି ଆମ ଅଂଶରେ ବାକି ଅଛି , କାହିଁକି ପ୍ରତ୍ୟେକ ଦିନ ଉତ୍ସାହ, ହସ, ଖୁସିର ସହିତ ବଞ୍ଚିବା ନାହିଁ ।? ଏଠାରେ ସମସ୍ତେ ଆମର, କେହି ଅପରିଚିତ ନୁହଁନ୍ତି । ସମସ୍ତେ ଆମର, ନିଜର ଆପଣାର । ଯଦି ଖୋଲା ସଚ୍ଚୋଟ ହୃଦୟ ସହିତ ଦେଖାଯାଏ, କୌଣସି ବ୍ୟକ୍ତି ଖରାପ ନୁହଁନ୍ତି ।

ବେଳେବେଳେ ଦୁଃଖର ଚନ୍ଦ୍ରଗ୍ରହଣ ଏତେ ଗଭୀର ହୋଇଯାଏ ଯେ ଆମର ନିଜ ଲୋକମାନେ ମଧ୍ୟ ଯନ୍ତ୍ରଣାଦାୟକ ଶତ୍ରୁ ଭାବରେ ଦେଖାଯିବା ଆରମ୍ଭ କରନ୍ତି । ଅନ୍ୟ ପଟେ ଯେତେବେଳେ ସୁଖର ପୂର୍ଣ୍ଣଚନ୍ଦ୍ର ଆସେ, ଅପରିଚିତ ବ୍ୟକ୍ତିମାନେ ମଧ୍ୟ ଆମର ଅତି ନିଜ ଲୋକଙ୍କ ଭଳି ଦେଖାଯିବା ଆରମ୍ଭ କରନ୍ତି । ଏହି ସମସ୍ତ ଲୋକ ଆମ ଜୀବନର ପ୍ରକୃତ ରଙ୍ଗ । ସେମାନଙ୍କ ବିନା ଜୀବନ ଦୁର୍ବଳ ମନେହୁଏ । ଯଦି ଆମେ ଦେଖିବା, କାହାର ଜୀବନରେ କୌଣସି ଦୁଃଖ ନାହିଁ । ସତ୍ୟ ହେଉଛି ସୁଖ ଓ ଦୁଃଖ ଜୀବନର ଅବିଚ୍ଛେଦ୍ୟ ଅଂଶ । ସେଥିପାଇଁ ପ୍ରିୟଜନଙ୍କ ସହିତ ରହିବାର ଆନନ୍ଦ ଅନ୍ୟ କେଉଁଠାରେ ମିଳୁନାହିଁ । ସେଗୁଡ଼ିକ ହେଉଛି ସେହି ମୁହୂର୍ତ୍ତ ଯାହା ଆମକୁ ଏକାକୀ ଅନୁଭବ କରିବାକୁ ପଡେ । ଏହା ହୋଇ ନ ପାରେ ଯେ ଆମେ ଆମର ମୃତ୍ୟୁ ଶଯ୍ୟା ଉପରେ ଶୋଇଛେ । ଅତୀତରେ ଆମ ଜୀବନକୁ ସଠିକ୍ ଭାବେ ପାଳନ ନକରି ପାରିବାର ଦୁଃଖ ଯନ୍ତ୍ରଣା ରହିଛି । ଏପରିକି କୀଟପତଙ୍ଗ ବଞ୍ଚିବା ଭଳି ବଞ୍ଚି ରହିଛେ । କିନ୍ତୁ ଏପରି ବଞ୍ଚିବାର ମୂଲ୍ୟ ନୁହେଁ ? ପ୍ରକୃତ ସୁଖ ଗୋଟିଏ ମୁହୂର୍ତ୍ତରେ ପୁରା ଜୀବନ ବଞ୍ଚିବାରେ ମହୋତ୍ସବ ଦେଇଥାଏ । ଶେଷରେ ଆମର କିଛି ଅଛି କି ନାହିଁ, ଏହି ସୁଖର ରଙ୍ଗ ନିଶ୍ଚିତ ଭାବରେ ରହିବ।



ଜୀବନର ହୋଲିରେ ବହୁତ କମ୍ ଲୋକ ସୁଖର ରଙ୍ଗରେ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି । ଇନ୍ଦ୍ରଧନୁ ରଙ୍ଗରେ ପରିପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ କେବଳ ଆମ ଜୀବନର ସୌନ୍ଦର୍ଯ୍ୟକୁ ବଢାଏ ନାହିଁ , ବରଂ ଆମକୁ ନୂତନ ଶକ୍ତିରେ ଭରିଦିଏ । ପ୍ରତ୍ୟେକ ରଙ୍ଗ ଆମକୁ କିଛି କହିବାକୁ ଚାହାଁନ୍ତି । ଆମ ସହିତ କଥା ହେବାକୁ ଚାହାଁନ୍ତି । ଆମକୁ ଆଲିଙ୍ଗନ କରିବାକୁ ଚାହୁଁଛନ୍ତି । ଯଦି ଧଳା ରଙ୍ଗ ଜୀବନ ଭିତରେ ବିସ୍ତାର କରେ ତେବେ ଚାରିଆଡେ ସୁଖ ଓ ଶାନ୍ତି ବ୍ୟାପିଥାଏ । କାହା ସହିତ ଶତ୍ରୁତା ନାହିଁ କିମ୍ବା କାହା ସହିତ ଝଗଡା ହେବନାହିଁ । ମୁହଁରେ ଲାଲ ରଙ୍ଗର ଲାଲ ରଙ୍ଗ ଏକ ପ୍ରକାର ଶକ୍ତି ଭରିଦିଏ । ସବୁକିଛି ଆଶ୍ଚର୍ଯ୍ୟଜନକ ମନେହୁଏ । ନିଜ ଉପରେ ବିଶ୍ୱାସ କରିବା ଆରମ୍ଭ କର । ସେହି ବିଶ୍ୱାସର ସାହାଯ୍ୟରେ, ଆମେ ଅନ୍ୟମାନଙ୍କ ହୃଦୟ ଜିତିବା ଆରମ୍ଭ କରିବା । ସମ୍ଭାବ୍ୟତାର ସବୁଜତା ବୃଦ୍ଧି ପାଇଥାଏ । ଏହି ସବୁଜତା ଆମ ଜୀବନରେ ବ୍ୟାପିଥିବା ଦୁଃଖର ମରୁଭୂମିରେ ସୁଖ ପରି ଆସେ । ଏଠାରୁ ହିଁ କଦଳୀ ପତ୍ରର ଶୁଦ୍ଧ ହଳଦିଆ ପରି ଉତ୍ତମତା ଓ ଭଲ କରିବା ଗୁଣ ଉତ୍ପନ୍ନ ହୁଏ । ଉତ୍ତମତାର ହଳଦିଆ ଗୋଟିଏ ହାତରୁ ଅନ୍ୟ ହାତକୁ ବିସ୍ତାର କଲାବେଳେ ମନ୍ଦ ଚିନ୍ତାଧାରା ସ୍ୱୟଂଚାଳିତ ଭାବରେ ଅଦୃଶ୍ୟ ହୋଇଯାଏ ।

କୌଣସି ରଙ୍ଗ ଭଲ କିମ୍ବା ଖରାପ ନୁହେଁ । ଏଭଳି ଧାରଣା ରଙ୍ଗକୁ ନେଇ ପୋଷଣ କରିବା ଠିକ୍ ନୁହେଁ । ପ୍ରତ୍ୟେକ ରଙ୍ଗର ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ରହିଛି । ଅବଶ୍ୟ ଜଣେ ପୁରୁଷର ଖରାପ ଚିନ୍ତାଧାରା ଥାଇପାରେ । କିନ୍ତୁ ଧର୍ମ କିମ୍ବା ଜାତି ନାମରେ ରଙ୍ଗ ଭାଗ କରିବା ମୂର୍ଖାମୀ । ବ୍ୟକ୍ତିର ରଙ୍ଗକୁ ଥରେ ଭଲଭାବରେ ଚିହ୍ନନ୍ତୁ, ବ୍ୟକ୍ତିର ରଙ୍ଗ ନୁହେଁ ବୋଲି ଚେଷ୍ଟା କରିବା ଉଚିତ୍ । ଧର୍ମର ଅଭ୍ୟାସକାରୀମାନଙ୍କର ସବୁକିଛି ପାଇଁ ଉତ୍ତର ଅଛି । ସେମାନେ କହିପାରିବେ କି ଯଦି ରକ୍ତ ରଙ୍ଗ ଲାଲ ହୁଏ , ତେବେ ଯନ୍ତ୍ରଣାର ରଙ୍ଗ କ'ଣ ହୁଏ । କାଗଜରେ ଲେଖାଯାଇଥିବା କଳା ରଙ୍ଗ ମନରେ କେଉଁ ରଙ୍ଗର ଧାରଣା ସୃଷ୍ଟି କରେ, ତାହା କହିବା କଷ୍ଟକର । ଏହାକୁ ଅନୁଭବ କରିବା ଆହୁରି କଷ୍ଟକର । ତେଣୁ ସବୁଜ କିମ୍ବା ଜାଫର ରଙ୍ଗକୁ କୌଣସି ଧର୍ମ ସହିତ ଯୋଡିବା ଅର୍ଥହୀନ । ଏଭଳି ରଙ୍ଗର ବିଭାଜନକୁ ଶେଷ କରିବା ଆବଶ୍ୟକ ।

ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ଶସ୍ୟଶ୍ୟାମଳା ଫସଲରେ ସବୁଜତା ଓ ମାଟିଚୁଲିର ନିଆଁରେ ଜାଫର ରଙ୍ଗ ଦେଖନ୍ତି । ସମସ୍ତେ ଶସ୍ୟରେ ଧଳା, ହଳଦିଆ ଓ ଅନ୍ୟାନ୍ୟ ରଙ୍ଗ ଦେଖନ୍ତି, ଯାହା ବି ଦେଖିବେ ସେଥିରେ ସେମାନଙ୍କ ଜୀବନ ଦେଖିବାକୁ ମିଳେ । ପ୍ରତ୍ୟେକ ଶସ୍ୟର ରଙ୍ଗ ପ୍ରିୟ । ତେଣୁ ସେମାନେ ସେମାନଙ୍କ ଗଭୀର ଚିନ୍ତନରେ , ଅନୁଭବରେ , ନିଜସ୍ୱ ଦର୍ଶନରେ ପୁନର୍ବାର ବଞ୍ଚିବାକୁ ଚାହାଁନ୍ତି । ଯେତେବେଳେ କି କିଛି ବ୍ୟକ୍ତି ଏହାକୁ କେବେ ଅନୁଭବ କରିନଥିଲେ, ସେମାନେ ଅତୀତର କୌଣସି ସମୟକୁ ବଞ୍ଚାଇବାକୁ ଚାହାଁନ୍ତି ନାହିଁ । ଜୀବନରେ ସମସ୍ୟା ଅଭାବ ବୋଲି ସେମାନେ ଅନୁଭବ କରନ୍ତି ନାହିଁ । ସେତେବେଳେ ସମସ୍ୟା ଥିଲା ଓ ତଥାପି ସମସ୍ୟା ଅଛି । ସମସ୍ତଙ୍କର ନିଜସ୍ୱ ସମସ୍ୟା ଅଛି ଓ ରହିବ । ହେଲେ ସେମାନେ ଆଜି ଭଳି ଆଉ ଜଟିଳ ମନେ ହେଉନାହିଁ । ଆଜି ଆମେ ବହୁତ ଦୂରରେ ଠିଆ ହୋଇ ଦେଖୁଛେ ସେଥିପାଇଁ ସେମାନେ ଛୋଟ ଦେଖାଯାଉନାହାନ୍ତି । ଯଦି ଆମେ ଏହି ସୂକ୍ଷ୍ମ ବିଚାରଧାରାର କଳା ଶିଖିବା, ତେବେ କୌଣସି ଦୁଃଖ ଆମକୁ ଯେତିକି ପ୍ରଭାବିତ କରିବା କଥା ସେତିକି ପ୍ରଭାବିତ କରିବ ନାହିଁ । ଜୀବନର ସମସ୍ତ ରଙ୍ଗ ସୁଖ ଓ ଦୁଃଖରେ ବିଭକ୍ତ । ଜୀବନର ଏହି ସାଫ୍ରନ୍ ରଙ୍ଗକୁ ଧ୍ୟାନରେ ରଖିବା ଉଚିତ୍ ।

ପ୍ରତ୍ୟେକ ଷ୍ଟପ୍ ରେ ଆମେ ବିଭିନ୍ନ ଗାଇଡ୍ ଙ୍କୁ ଭେଟିଥାଉ । ପ୍ରତ୍ୟେକ ଥର ଯେତେବେଳେ ଆମେ ଅନୁଭବ କରୁ ଯେ ଏହା ପ୍ରଥମ ଥର ପାଇଁ ଘଟିଛି । ସେତେବେଳେ ସମାନ ଚକ୍ର ସାରା ଜୀବନକୁ ପୁନରାବୃତ୍ତି କରେ । ତେଣୁ ଉତ୍ସାହ ସହିତ ଜୀବନ ବଞ୍ଚିବାକୁ ଚେଷ୍ଟା କରିବା ଉଚିତ୍ । ଏହାର ସ୍ୱର ବୁଝିବା, ବାଣ୍ଟିବା ଓ ଉପଭୋଗ କରିବା ଦ୍ୱାରା ରଙ୍ଗଗୁଡ଼ିକର ନିଜସ୍ୱ ଅସ୍ତିତ୍ୱ ଅଛି ବୋଲି ଆମେ କଦାପି ଭ୍ରମରେ ରହିବା ଉଚିତ୍ ନୁହେଁ । ଏହି ଦୁନିଆରେ କୌଣସି ଜିନିଷରେ ରଙ୍ଗ ନାହିଁ । ଆମର ପାଞ୍ଚଟି ଉପାଦାନ ଜଳ, ବାୟୁ, ଆକାଶ, ପୃଥିବୀ ଓ ଅଗ୍ନି ସବୁ ରଙ୍ଗହୀନ । ଏପରିକି ଆମେ ଦେଖୁଥିବା ପଦାର୍ଥ ଗୁଡ଼ିକ ମଧ୍ୟ ରଙ୍ଗହୀନ । ରଙ୍ଗ କେବଳ ଆଲୋକରେ ବିଦ୍ୟମାନ । ସେହି ଆଲୋକ ଆମର ସୁଖ, ଭରସା, ଭାଇଚାରା, ପ୍ରେମ, ସମନ୍ୱୟ, ଏକତା ଓ ବିଶ୍ୱ ଭାଇଚାରାକୁ ଅନୁଭବ ବ୍ୟତୀତ ଅନ୍ୟ କିଛି ନୁହେଁ । ଏହାହିଁ ହାଲୁକା ରଙ୍ଗର ପ୍ରକୃତ ଅସ୍ତିତ୍ୱ । ଏହାକୁ ନିଜ ପାଇଁ ରଖିବାରେ ନୁହେଁ, ବରଂ ଅନ୍ୟମାନଙ୍କ ସହ ବାଣ୍ଟିବାରେ ଅପାର ଆନନ୍ଦ ଲୁଚି ରହିଛି ।

ଦୁନିଆରେ ଯେତିକି ପର୍ବ ଅଛି, ବସନ୍ତ ପର୍ବ ହୋଲିର କୌଣସି ବିକଳ୍ପ ନାହିଁ । ଜୀବନର ଏପରି ପର୍ବ ଆନନ୍ଦରେ ପରିପୂର୍ଣ୍ଣ । ଏହି ପର୍ବ ଦୋଳଯାତ ବା ଦୋଳଯାତ୍ରା ଶ୍ରୀକୃଷ୍ଣଙ୍କ ଗୋପଲୀଳାର ନିଦର୍ଶନ । ଏଥିରେ ରାଧା ଦାମୋଦରଙ୍କର ଗୋପ ଗୋପୀମାନଙ୍କ ସହିତ ରଙ୍ଗ ପିଚକାରୀ ହୋଲି ଖେଳ ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ରାସଲୀଳାର ସ୍ମୃତି ବହନ କରିଥାଏ । ସେଥିପାଇଁ ଯଦି ତୁମେ ଜୀବନକୁ ହୋଲିର ଖୁସି ରଙ୍ଗରେ ଯୋଡିବାକୁ ଚାହୁଁଛ, ତେବେ ପ୍ରଥମେ ତୁମର ଚିନ୍ତାଧାରାକୁ ପରିବର୍ତ୍ତନ କରିବାକୁ ପଡିବ । ସମସ୍ତଙ୍କ ସୁଖରେ କେବଳ ନିଜର ଖୁସି ଓ ସମସ୍ତଙ୍କ ଦୁଃଖରେ ନିଜର ଦୁଃଖ ଦେଖୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ବ୍ୟକ୍ତି । ସମସ୍ତଙ୍କୁ ତୁମର କରିବା ଓ ନିଜକୁ ସମସ୍ତଙ୍କର କରିବାର ସୁଖ ଦୁନିଆର କୌଣସି ସ୍ଥାନରେ ମିଳିପାରିବ ନାହିଁ । ସେଥିପାଇଁ କବୀର କହିଥିଲେ, 'ଲାଲୀ ମେରେ ଲାଲ କି, ଜିତ ଦେଖୋ ଟିଟ ଲାଲ'। ଅର୍ଥାତ୍ ମୁଁ ଲାଲ୍ ଦେଖିବା ପାଇଁ ଗଲି ଓ ଲାଲ୍ ହୋଇଗଲି...!

ଅଧ୍ୟକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ
, କଟକ -୪
ମୋ: ୯୦୪୦ ୧୫୧୪୭୫

# ହୋଲି... ହୋଲି...





ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୫ ମାର୍ଚ୍ଚ, ସୋମବାର, ୨୦୨୪

## ରଙ୍ଗମୟ ଜୀବନ ଦୋଳ

**ଅକ୍ଷୟ କୁମାର ରାଉତ**



ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି। ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି। ଆମ୍ର ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର। ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ। ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ୍ୟ ଭାଗରେ ପାଳନ ହୁଏ। ବର୍ଣ୍ଣାଢ଼୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଲଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ। ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଂଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଂଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ।

ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା। ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦି କରିବା ଏକ ନାଟକୀୟ ପରିକଳ୍ପନା। ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାଖ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେତ୍ର ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ। ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ। ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି।

ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବାଦେବୀମାନେ ମଧ୍ୟ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ। ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ।

ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ। ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ। ଘଂଟ ଘଂଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଲଟ ଚାମର ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବାଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି। ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ। ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି। ଏହି ଭୋଗଖିଆରୁ ଜଣାପଡେ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ। ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ୍ୟ ମଣିଷ ପାଖକୁ ଆସେ। ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ।

ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଂଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି। ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ ଥର କରି ଏକୋଇଶ ବାର ବୁଲାଯାଏ। ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ। ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ।

ଦୋଳଯାତ୍ରାର ଫଗୁଖେଳ ଏକ ବିଶେଷ ଆକର୍ଷଣ। ଦୋଳ ବିମାନରେ ଥିବା ଦେବାଦେବୀଙ୍କୁ ପ୍ରଥମେ ଫଗୁ ବା ଅବିର ପ୍ରଦାନ କରାଯାଏ, ତାପରେ ସମସ୍ତେ ଫଗୁ ଦେହରେ ବୋଳି ହୋଇ ରାଧାକୃଷ୍ଣଙ୍କ ନାମରେ ଆନନ୍ଦ ବିଭୋର ହୋଇଉଠନ୍ତି। ସନ୍ଧ୍ୟା ଆରତୀ ପରେ ପଞ୍ଜିକାରମାନେ ଦୋଳ ମଣ୍ଡପରେ ନୂତନ ବର୍ଷର ପଞ୍ଜିକା ପଠନ କରି ଆଗାମି ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇଥାନ୍ତି।

ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ । ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ଦେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ। ଗୋଲାପି ରଙ୍ଗ ବିଶ୍ୱ ଭାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ। ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ। ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ। ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ। ସ୍ୱପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ। ବାଇଗଣି ରଙ୍ଗ ବିଜୟର ବାର୍ତ୍ତାବହ। ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ।

ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ। ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ। ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍।

ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ୍ୟ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ। ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି। ଅଂଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି। ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି। ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ। ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ।

ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

## ରଙ୍ଗର ପର୍ବ ହୋଲି

**ବିଶ୍ୱବିଜୟୀ ଦାଶ**



ପ୍ରାଚୀନ କାଳରୁ ଓଡ଼ିଶା କଳା , ସାହିତ୍ୟ , ସଂସ୍କୃତି , ବୀରତ୍ , ସାହସିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଭାରତବର୍ଷରେ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରି ଆସିଛି । ଏହି ସ୍ୱାତନ୍ତ୍ର୍ୟ ମଧ୍ୟ ତା'ର ପରିଲକ୍ଷିତ ହୁଏ , ପର୍ବପର୍ବାଣି ପାଳନ କ୍ଷେତ୍ରରେ ।ପର୍ବପର୍ବାଣିକୁ ବାଦ ଦେଲେ ଓଡ଼ିଶାର ସାମାଜିକ , ସାଂସ୍କୃତିକ , ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ପର୍ବପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ। ସୁତରାଂ ଚିନ୍ତାଶୀଳ,ଅଭିଜ୍ଞ , ସମାଜହିତୈଷୀ ମନୀଷୀବୃନ୍ଦ ଅତୀତରେ ସୁସ୍ଥ ,ସଂହତ ସମାଜର ସ୍ୱପ୍ନକୁ ସାକାର କରିବାପାଇଁ ବୋଧହୁଏ ସୃଷ୍ଟି କରିଥିଲେ ଅଗଣିତ ପର୍ବପର୍ବାଣି ।ଏଇଥିପାଇଁ ପର୍ବପର୍ବାଣିର ରାଜ୍ୟ ଓଡ଼ିଶା । ଲୋକଙ୍କ ତୁଣ୍ଡରୁ ଶୁଣାଯାଏ,'ବାର ମାସରେ ତେର ପର୍ବ,'।

ଓଡ଼ିଶା ତଥା ଭାରତ ବର୍ଷ ର ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ହୋଲି। ଏହା ଆନନ୍ଦ ଓ ରଙ୍ଗ ର ପର୍ବ ଭାବେ ବେଶ୍ ଜଣାଶୁଣା ।ଚୈତ୍ର ମାସ ପ୍ରତିପଦା ଏବଂ ଫାଲଗୁନ୍ ମାସ ପୂର୍ଣ୍ଣିମା 'ଦୋଳ ପୂର୍ଣ୍ଣିମା' ପରଦିନ ହୋଲି ପର୍ବ ପାଳନ କରାଯାଇଥାଏ ।ଏହି ପର୍ବରେ ଜନସାଧାରଣ ପ୍ରଭୁ ରାଧା ଦାମୋଦରଙ୍କୁ ସୁସଜ୍ଜିତ ବିମାନରେ ବସାଇ ନଗର ଭ୍ରମଣ କରାଇଥାନ୍ତି ।ଏହି ଅବସରରେ ଠାକୁରଙ୍କ ଅବିର ଖେଳ ମଧ୍ୟ ହୋଇଥାଏ ।ହୋଲି ପର୍ବକୁ ସବୁଠି ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ ।ପରସ୍ପରକୁ ରଙ୍ଗ ଲଗାଇ ହୋଲି ଉତ୍ସବ ପାଳିଥାନ୍ତି ଜନସାଧାରଣ ।

ହିନ୍ଦୁ ଧର୍ମ ବିଶ୍ୱାସ କରେ ଯେ ହିରଣ୍ୟକାଶ୍ୟପ ନାମକ ଜଣେ ଶୟତାନ ରାଜା ଥିଲେ ।ତାଙ୍କର ପ୍ରହ୍ଲାଦ ନାମକ ଏକ ପୁଅ ଏବଂ ହୋଲିକା ନାମକ ଏକ ଭଉଣୀ ଥିଲେ ।ବିଶ୍ୱାସ କରାଯାଏ ଯେ,ଶୟତାନ ରାଜା ଭଗବାନ ବ୍ରହ୍ମା ଙ୍କ ଆଶୀର୍ବାଦ ପାଇଥିଲେ ।ଏହି ଆଶୀର୍ବାଦ ର ଅର୍ଥ କୌଣସି ମନୁଷ୍ୟ,ପଶୁ କିମ୍ବା ଅସ୍ତ୍ର ତାଙ୍କୁ ହତ୍ୟା କରିପାରିବ ନାହିଁ ।ଏହି ଆଶୀର୍ବାଦ ତାଙ୍କ ପାଇଁ ଅଭିଶାପ ରେ ପରିଣତ ହେଲା କାରଣ ସେ ବହୁତ ଅହଂକାରୀ ଥିଲେ । ସେ ନିଜ ରାଜ୍ୟ କୁ ପରମେଶ୍ୱର ଙ୍କ ପରିବର୍ତ୍ତେ ଉପାସନା କରିବାକୁ ଆଦେଶ ଦେଲେ,ନିଜ ପୁତ୍ର କୁ ରକ୍ଷା କଲେ ନାହିଁ ।ଏହାପରେ ତାଙ୍କ ପୁତ୍ର ପ୍ରହ୍ଲାଦ ଙ୍କ ବ୍ୟତୀତ ସମସ୍ତ ଲୋକ ତାଙ୍କୁ ପୂଜା କରିବା ଆରମ୍ଭ କଲେ ।ପ୍ରଭୁ ବିଷ୍ଣୁଙ୍କର ପ୍ରକୃତ ବିଶ୍ୱାସୀ ହୋଇଥିବାରୁ ଭଗବାନ ଙ୍କ ବଦଳରେ ତାଙ୍କ ପିତା ଙ୍କୁ ପୂଜା କରିବାକୁ ମନାକରି ଦେଇଥିଲେ ।ତାଙ୍କର ଅବମାନନା ଦେଖି ଶୟତାନ ରାଜା ନିଜ ଭଉଣୀ ସହିତ ପ୍ରହ୍ଲାଦ ଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ।ସେ ତାଙ୍କୁ ପୁଅ ସହିତ କୋଳରେ ନିଆଁରେ ବସାଇଲା,ଯେଉଁଠାରେ ହୋଲିକା ଜଳି ଯାଇଥିଲେ ଏବଂ ପ୍ରହ୍ଲାଦ ନିରାପଦରେ ବାହାରକୁ ଆସିଥିଲେ ।ଏହା ସୂଚାଇ ଦେଇଛି ଯେ,ତାଙ୍କର ଭକ୍ତି ହେତୁ ସେ ତାଙ୍କ ପ୍ରଭୁଙ୍କ ଦ୍ୱାରା ସୁରକ୍ଷିତ ଥିଲେ ।ଏହିପରି,ଲୋକମାନେ ହୋଲି କୁ ମନ୍ଦ ଉପରେ ଭଲ ର ବିଜୟ ଭାବରେ ପାଳନ କରିବା ଆରମ୍ଭ କଲେ ।

ଭାରତବର୍ଷର ଜନସାଧାରଣ ହୋଲି ପର୍ବ କୁ ଅତି ଉତ୍ସାହ ର ସହିତ ପାଳନ କରନ୍ତି ।ପରସ୍ପର କୁ ଫଗୁ ଓ ଅବୀର ଲଗାଇ ଖୁସି ମନାନ୍ତି,ପିଲାମାନେ ପିଚ୍‌କାରି ମାରି ହୋଲି ପର୍ବ ପାଳନ କରନ୍ତି । ଉତ୍ତର ଭାରତରେ ହୋଲି ର ଗୋଟିଏ ଦିନ ପୂର୍ବ ରୁ ଜନସାଧାରଣ 'ହୋଲିକା ଦାହାନ୍' ନାମକ ଏକ ରୀତିନୀତି କରନ୍ତି ।

ହୋଲି ପାଳନ ମଧ୍ୟରେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ରସାୟନିକ ରଙ୍ଗ ନୁହେଁ ପ୍ରାକୃତିକ ରଙ୍ଗ ବା ହର୍ବାଲ ହୋଲିରେ ରଙ୍ଗ ଖେଳିବା ଜରୁରୀ। ଏଥିସହ କେତେକ ସାବଧାନତା ମଧ୍ୟ ଜରୁରୀ । ହୋଲି ଖେଳିବା ପୂର୍ବରୁ ଶରୀରରେ ନଡ଼ିଆ କିମ୍ବା ସୋରିଷ ତେଲ ଲଗାଇବା ଆବଶ୍ୟକ। ଶୁଷ୍କ ଶରୀର ରସାୟନିକ ରଙ୍ଗ ଉପରେ ଖରାପ ପ୍ରଭାବ ପକାଉଥିବାରୁ ତୈଳାକ୍ତ ତ୍ୱଚା ଉପରେ ପ୍ରଭାବ ପକାଇବାରେ ବିଳମ୍ବ ଘଟିଥାଏ। ସନସ୍କ୍ରିନ ଲୋସନ ଲଗାନ୍ତୁ। ଖରାରେ ହୋଲି ଖେଳା ଯାଇଥିବାକୁ ଏହା ସିଧାସଳଖ ଅଲଟ୍ରା ଭାଓଲେଟ ରଶ୍ମୀର ପ୍ରଭାବକୁ କମ କରିଥାଏ ।ହୋଲି ଖେଳିବା ସମୟରେ ଚଷମା ନିଶ୍ଚୟ ପିନ୍ଧନ୍ତୁ। ଆଖି ଶରୀରର ସବୁଠାରୁ ସମ୍ବେଦନଶୀଳ ଅଙ୍ଗ। ରଙ୍ଗ ପଡ଼ି ଆଖି ଜଳାପୋଡ଼ା, ଲାଲ୍ ହେବା, ଇନଫେକ୍ସନରୁ ଏହାକୁ ସୁରକ୍ଷା ଦିଅନ୍ତୁ। ହୋଲି ଖେଳିସାରିବା ପରେ ଆଖିକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଆଖିରେ କୌଣସି ଅସୁବିଧା ହେଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଶରୀରରେ କୌଣସି ଆଘାତ ଲାଗିଥିଲେ, ରଙ୍ଗରୁ ତାକୁ ଯଥାସମ୍ଭବ ସୁରକ୍ଷା ଦିଅନ୍ତୁ। ଘା'କୁ ଘୋଡ଼େଇ ରଖନ୍ତୁ। ହୋଲି ଖେଳି ସାରି ପୋଷାକ ବଦଳାଇଦିଅନ୍ତୁ। ଦୀର୍ଘ ସମୟ ଧରି ଓଦା ପୋଷାକ ପିନ୍ଧନ୍ତୁ ନାହିଁ।

ହୋଲି ପର୍ବ ପ୍ରେମ ଓ ଭାଇଚାରା ବିସ୍ତାର କରେ ।ଏହା ଦେଶରେ ସମନ୍ୱୟ ଓ ସୁଖ ଆଣିଥାଏ ।ଭାରତର ଜନସାଧାରଣ ଏହି ଦିନ ଅତ୍ୟନ୍ତ ଆନନ୍ଦ ର ପର୍ବ ପାଳନ କରନ୍ତି। ହୋଲି ପର୍ବ ଉପଲକ୍ଷେ ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

+ବ୍ରଜବିଳାସ ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋବାଇଲ ନଂ- ୬୩୭୦୨୦୮୪୨୮

## ହୋଲି ପାଇଁ ସ୍ୱାସ୍ଥ୍ୟ ସତର୍କତା

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ବସନ୍ତ ଋତୁରେ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ରଙ୍ଗ ଓ ଆନନ୍ଦର ମହୋତ୍ସବ ହୋଲି ପଡ଼ିଥାଏ । ରଙ୍ଗର ମହୋତ୍ସବରେ ସମସ୍ତେ ପରସ୍ପରକୁ ବନ୍ଧୁତ୍ୱ ଓ ଭଲପାଇବାର ପ୍ରତୀକ ସ୍ୱରୂପ ଫଗୁ ବା ରଙ୍ଗ ବୋଳିବା ପାଇଁ ଚାହିଁଥାନ୍ତି । ଚାହିଦାକୁ ଦୃଷ୍ଟିରେ ରଖି ବଜାରରେ ବିଭିନ୍ନ ପ୍ରକାର ରଙ୍ଗ ବିକ୍ରି ହୋଇଥାଏ । ସମସ୍ତଙ୍କ ପାଇଁ ସୁନ୍ଦର ଦିଶୁଥିବା ଏହି ରଙ୍ଗ ଯେ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି ତାହା ସମସ୍ତଙ୍କୁ ପ୍ରାୟ ଜଣାନଥାଏ । ବେଳେବେଳେ ଖବର ପ୍ରକାଶ ପାଇଥାଏ ଯେ ଏହି ରଙ୍ଗରେ ବର୍ଜ୍ୟତୈଳ ଓ ଇଞ୍ଜିନ୍ ତେଲ ମିଶିଥାଏ ଯାହାକି ଶରୀର ପାଇଁ କ୍ଷତିକାରକ । ତେଣୁ ବଜାରରୁ ରଙ୍ଗ କିଣିବା ସମୟରେ ସେହି ଦିଗଟି ପ୍ରତି ସମସ୍ତେ ଦୃଷ୍ଟି ଦେବା ବାଞ୍ଛନୀୟ । ପ୍ରାକୃତିକ ରଙ୍ଗ ସ୍ୱାସ୍ଥ୍ୟ ପାଇଁ ପ୍ରଭାବ ପକାଇନଥାଏ । କିନ୍ତୁ ଏହି ସ୍ୱାସ୍ଥ୍ୟପ୍ରଦ ପ୍ରାକୃତିକ ବା ଆର୍ଯ୍ୟୁବେଦୀୟ ପ୍ରସ୍ତୁତିରୁ ରଙ୍ଗକୁ ପ୍ରାୟତଃ ଅଣଦେଖା କରାଯାଇଥାଏ ।

ସାଧାରଣତଃ ହୋଲି ସମୟରେ ରଙ୍ଗର ଏହି ପର୍ବରେ ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳିବା ପାଇଁ ଅନେକେ ଚାହିଁବସିଥାନ୍ତି। ସେଥିପାଇଁ ଅନେକେ ବଜାରରୁ ରଙ୍ଗ ଏବଂ ଫଗୁ କିଣିବାରେ ବ୍ୟସ୍ତ। ବଜାରରେ ବିଭିନ୍ନ କିସମର ରଙ୍ଗ ମିଳୁଛି। ଖାଲି ଆଖିକୁ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ହେଉଛି। କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି। ଏଗୁଡ଼ିକ ଶରୀର ପ୍ରତି କ୍ଷତିକାରକ, ଏପରିକି ଶରୀରର ଅଙ୍ଗଗୁଡ଼ିକୁ ଅଚଳ କରିଦିଏ। ତେଣୁ ରଙ୍ଗ କିଣିବା ବେଳେ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ବିଶେଷ କରି ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ। ଏବେ ବଜାରରେ ମିଳୁଥିବା ସବୁଜ ରଙ୍ଗରେ କପର ସଲ୍‌ଫେଟ ମିଶିଥାଏ। ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଥାଏ। ଏହାଛଡ଼ା ଏହି ରଙ୍ଗ ଆଂଶିକ ଭାବେ ଅନ୍ଧ କରିଦେଇଥାଏ। ସ୍ୱରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରେମାଇଟ ରହିଛି। ଏଥିଯୋଗୁଁ କର୍କଟରୋଗ ହେବାର ସମ୍ଭାବନା ଅଧିକ। ହାଲ୍‌କା ବାଇଗଣୀ ରଙ୍ଗରେ କ୍ରୋମିୟମ୍‌ବାଇଡାଇଡ୍ ମିଶିଥାଏ। ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ରହିଛି। ସ୍ୱଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ। ସେଥିଯୋଗୁଁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଯାଇଥାଏ। ଚକ୍ ଚକ୍ କରୁଥିବା ରଙ୍ଗଗୁଡ଼ିକରେ ଗୁଣ୍ଡକାଚ ମିଶିଥାଏ। ଏହାଛଡ଼ା ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ।

ରଙ୍ଗ ଖେଳିବା ପୂର୍ବରୁ ଦେହରେ ସ୍ୱାସ୍ଥ୍ୟ ଅନୁମୋଦିତ ଲୋସନ, ସ୍କିନ୍‌କ୍ରିମ ବ୍ୟବହାର କରିବା ସବୁଠାରୁ ଭଲ । ରଙ୍ଗ ଛଡ଼ାଇବା ପାଇଁ କିରୋସିନ୍, ବିଭିନ୍ନ ରାସାୟନିକ ପାଉଡର ବ୍ୟବହାର କରନ୍ତୁ ନାହିଁ । ରଙ୍ଗ ଖେଳ ସମୟରେ ଚର୍ମ ଓ ଆଖି ପ୍ରତି ସତର୍କ ରୁହନ୍ତୁ । ଜଳାପୋଡ଼ା କିମ୍ବା କୁଣ୍ଡେଇବା ସମସ୍ୟା ସୃଷ୍ଟି ହେଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ହୋଲି ଖେଳ ପାଇଁ ରଙ୍ଗ ବ୍ୟବହାରକୁ କେହି ମନା କରୁନାହାଁନ୍ତି କିନ୍ତୁ ଏହି ରଙ୍ଗ ଖେଳ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଯେପରି ନହେବେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ପ୍ରାୟତଃ ଦେଖା ଯାଇଥାଏ ରଙ୍ଗ ଖେଳ ସମୟରେ କେହି କେହି ମୁଣ୍ଡରେ ବିଭିନ୍ନ ତରଳ ରଙ୍ଗ ବ୍ୟବହାର କରିଥାନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ଏହା ମୁଣ୍ଡର ଚୁଟି ପାଇଁ ଯେପରି କ୍ଷତିକାରକ ନହେବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ରଙ୍ଗ ଖେଳ ସମୟରେ ଛୋଟ ପିଲାମାନଙ୍କୁ ସାମିଲ କରନ୍ତୁ ନାହିଁ । ଆନନ୍ଦ ଓ ଭଲ ପାଇବାର ମହୋତ୍ସବର ହୋଲିରେ ଯଥାସମ୍ଭବ ନିଶାଦ୍ରବ୍ୟ ବ୍ୟବହାର ଠାରୁ ଦୂରେଇ ରୁହନ୍ତୁ । ସାଧାରଣତଃ ଟାଣ ଖରାକୁ ନିଶାଦ୍ରବ୍ୟ ସେବନ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦଜନକ ଅବସ୍ଥା ସୃଷ୍ଟି କରିଥାଏ । ନିଶାସକ୍ତ ଅବସ୍ଥାରେ ନଦୀ, ଡ୍ୟାମ ବା ବଡ଼ ବଡ଼ ଜଳାଶୟରେ ସ୍ନାନ କରିବା ପରବର୍ତ୍ତୀ ସମୟରେ ବିପଦଜନକ ସାବ୍ୟସ୍ତ ହୋଇଥାଏ ଏବଂ କେତେକ କ୍ଷେତ୍ରରେ ଅକାଳରେ ଜୀବନ ଚାଲିଯିବାର ନଜିର ରହିଛି। ଆଜିକାଲି ମୁଣ୍ଡଫଟା ରଙ୍ଗ କୁହାଯାଉଥିବା ବିଷାକ୍ତ ରଙ୍ଗ କେଶକୁ ଖରାପ କରିଦେବା ସହ ଏହା ଚର୍ମ ପାଇଁ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ। ହୋଲି ଖେଳ ସମୟରେ ରଙ୍ଗର ଗୁଣ ପ୍ରତି ଦୃଷ୍ଟି ଦିଅନ୍ତୁ । ଶସ୍ତା ମୂଲ୍ୟର ରଙ୍ଗ କିମ୍ବା କେହି କେହି ବିଭିନ୍ନ ରାସାୟନିକ ପାଉଡ଼ରରେ ହାତରେ ଯେଉଁ ରଙ୍ଗ ପ୍ରସ୍ତୁତି କରିଥାନ୍ତି ଏହାର ପ୍ରସ୍ତୁତି ପ୍ରଣାଳୀ ପ୍ରତି ଦୃଷ୍ଟି ଦିଅନ୍ତୁ । ରଙ୍ଗ ଖେଳ ସମସ୍ତଙ୍କ ପାଇଁ ଆନନ୍ଦ ଓ ଭଲ ପାଇବାର ବାର୍ତ୍ତା ପ୍ରଦାନ କରୁ । କିନ୍ତୁ ରଙ୍ଗ ଖେଳ ଯେପରି ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ନହୁଏ ସେଥିପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ । ରଙ୍ଗ ଖେଳକୁ ନେଇ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ କୌଣସି ତୁଟୁକା ତୁଟୁକି ଚିକିତ୍ସାକୁ ଗ୍ରହଣ ନକରି ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଏହି ସମୟରେ ସରକାରୀ ଡାକ୍ତରଖାନାରେ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ପ୍ରକାର ଚିକିତ୍ସାର ସୁବନ୍ଦୋବସ୍ତ ରଖିଥାନ୍ତି । ଏହାର ସୁବିଧା ନେବା ନିହାତି ଜରୁରୀ । ଖାଲି ପେଟରେ ରଙ୍ଗ ଖେଳ ପାଇଁ ସମୟ ଦିଅନ୍ତୁ ନାହିଁ । ପରବର୍ତ୍ତୀ ସମୟରେ ଏହା ଆପଣଙ୍କ ପାଇଁ ଗ୍ୟାସ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଥାଏ । ସେହିପରି ହୋଲିରେ ରଙ୍ଗଖେଳ ସମୟରେ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ସବୁ ଦିଗରୁ ସତର୍କ ହେବା ନିହାତି ଜରୁରୀ । ପବିତ୍ର ହୋଲି ଆପଣ ସମସ୍ତଙ୍କ ପାଇଁ ଶୁଭ ମଙ୍ଗଳର ପ୍ରତୀକ ହେଉ ଏହା ହିଁ କାମନା ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରାଧୀନ ପରିଚୟ...

ଆବେଦନକାରିଣୀ ତାଙ୍କର ଆବେଦନରେ ଦର୍ଶାଇଛନ୍ତି ଯେ ସରକାରଙ୍କର ଏଭଳି ନିୟମ ଭାରତୀୟ ସଂବିଧାନର ଧାରା-୧୪, ଧାରା-୧୯ ଓ ଧାରା-୨୧ର ଖୋଲାଖୋଲି ଉଲ୍ଲଂଘନ କରିଥାଏ। ସେଥିରେ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ କେବଳ ନାରୀମାନଙ୍କ ପ୍ରତି ଏହି ନିୟମ ଲାଗୁ ହେଉଥିବାରୁ ଓ ପୁରୁଷମାନଙ୍କୁ ଏହି ଆବଶ୍ୟକତା ପୂରଣ କରିବାକୁ ପଡୁ ନ ଥିବାରୁ ଏହା ହେଉଛି ଗଭୀର ଲିଙ୍ଗ-ବିଦ୍ୱେଷର ଏକ ନଗ୍ନ ପ୍ରଦର୍ଶନ। ଜଣେ ବ୍ୟକ୍ତିର ସଂପୂର୍ଣ୍ଣ ରୂପେ ନିଜସ୍ୱ ଓ ଅବିଚ୍ଛେଦ୍ୟ ସଂପତ୍ତି ତାଲିକାରେ ଯାହା ଅଗ୍ରଣୀ ସ୍ଥାନ ଦଖଲ କରିବ, ତାହା ଯେ ହେଉଛି ତା'ର ନାମ, ଏଥିରେ କେହି ଦ୍ୱିମତ ହେବେ ନାହିଁ। କିନ୍ତୁ ଏଥିରେ ସହମତ ହେବାବେଳେ ବୋଧହୁଏ କେହିହେଲେ ସଚେତନ ନ ଥିବେ ଯେ ଏଥିରେ ଏକ ଲିଙ୍ଗଗତ ବାଛବିଚାର ନିହିତ ଅଛି। ନିର୍ଦ୍ଦିଷ୍ଟ ଭାବରେ କହିଲେ, ବ୍ୟକ୍ତିର ନାମର ଯେଉଁ ଅଂଶରେ ଏହି ବାଛବିଚାର ବସା ବାନ୍ଧିଥାଏ, ତାହା ହେଉଛି ତା'ର ସାଙ୍ଗିଆ। ପୃଥିବୀର ପ୍ରାୟ ସମସ୍ତ ସମାଜରେ ଜଣେ ପୁରୁଷ ତା'ର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଗୋଟିଏ ନିର୍ଦ୍ଦିଷ୍ଟ ସାଙ୍ଗିଆର ଅଧିକାରୀ ହୋଇଥିବା ବେଳେ, ଜଣେ ନାରୀକୁ ବିବାହ ପରେ ନିଜର ଜନ୍ମିତ ସାଙ୍ଗିଆକୁ ପରିତ୍ୟାଗ କରି ସ୍ୱାମୀର ସାଙ୍ଗିଆ ବହନ କରିବାକୁ ପଡ଼ିଥାଏ। ଏହି ପ୍ରଥା ଉଭୟ ଦୀର୍ଘକାଳୀନ ସାମାଜିକ ପରଂପରା ଓ ଆଇନର ସମର୍ଥନ ଦ୍ୱାରା ଏପରି ପରିପୁଷ୍ଟ ହୋଇଥାଏ ଯେ ଲିଙ୍ଗଗତ ନ୍ୟାୟର ପ୍ରଚଣ୍ଡ ସମର୍ଥକମାନଙ୍କ ଠାରୁ ନାରୀ ଅଧିକାର ଆନ୍ଦୋଳନକାରିଣୀଙ୍କ ପର୍ଯ୍ୟନ୍ତ ଏଥିରେ ନିହିତ ନାରୀ-ବିଦ୍ୱେଷୀ ଆଭିମୁଖ୍ୟ ସମ୍ବନ୍ଧରେ ସଚେତନ ନଥାନ୍ତି। ଏହାର ଉଦାହରଣ ଖୋଜି ବସିଲେ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଉଦାହରଣ ଦେଖିବାକୁ ମିଳିଥାଏ ଊନବିଂଶ ଶତାବ୍ଦୀର ଇଂଲାଣ୍ଡରେ। ମାନବ ଇତିହାସରେ ସର୍ବୋଚ୍ଚ 'ଆଇକ୍ୟୁ' (ମେଧାର ପରିମାପକ)ର ଅଧିକାରୀ ରୂପେ ସ୍ୱୀକୃତ ଇଂରେଜ୍ ଦାର୍ଶନିକ-ଅର୍ଥନୀତିଜ୍ଞ ଜନ୍ ଷ୍ଟୁଆର୍ଟ ମିଲ୍ ମଧ ଥିଲେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ପ୍ରଦାନର ଜଣେ ଦୃଢ଼ ସମର୍ଥକ। ସେତିକି ନୁହେଁ, ସେ ମଧ ବିଶ୍ୱାସ କରୁଥିଲେ ଯେ ମହିଳାମାନେ ହେଉଛନ୍ତି ସ୍ୱାଭାବିକ ଭାବରେ ପୁରୁଷମାନଙ୍କ ଠାରୁ ଅଧିକ ଧୀ-ଶକ୍ତିର ଅଧିକାରିଣୀ। ଏପରିକି ଏ ନେଇ ମତପାର୍ଥକ୍ୟ ଘଟିବାରୁ ସେ ଏକଦା ତାଙ୍କର ଘନିଷ୍ଠ ବନ୍ଧୁ ଥିବା ଫରାସୀ ଦାର୍ଶନିକ ଅଗଷ୍ଟ କମ୍‌ଟେଙ୍କ ସହିତ ସଂପର୍କ ଛିନ୍ନ କରିଦେଇଥିଲେ। ନାରୀମାନଙ୍କ ସଂପର୍କରେ ମିଲ୍‌ଙ୍କର ଏଭଳି ଉଚ୍ଚ ଧାରଣା ପଛରେ ଜଣେ ନିର୍ଦ୍ଦିଷ୍ଟ ନାରୀଙ୍କର ପ୍ରଭାବ ନିହିତ ଥିଲା। ସେ ଥିଲେ ମିଲ୍‌ଙ୍କର ଘନିଷ୍ଠ ବାନ୍ଧବୀ ତଥା ବୌଦ୍ଧିକ ସାଥୀ- ହାରିଏଟ୍ ଟେଲର। ଏହି ବିବାହିତା ଯୁବତୀ, ଯାହାଙ୍କର ବିବାହ ପୂର୍ବର ପୈତୃକ ସାଙ୍ଗିଆ ଥିଲା 'ହାର୍ଡି', ସେ ସମୟର ନାରୀ ଅଧିକାର ଆନ୍ଦୋଳନର ଜଣେ ପ୍ରମୁଖ ପ୍ରବକ୍ତା ଥିଲେ ଓ ଏ ବାବଦରେ ମିଲ୍‌ଙ୍କର ଚିନ୍ତାଧାରାକୁ ବିଶେଷ ଭାବରେ ପ୍ରଭାବିତ କରିଥିଲେ। ଟେଲର୍ ତାଙ୍କର ପ୍ରସିଦ୍ଧ ରଚନା, 'ଏନ୍‌ଫ୍ରାଞ୍ଚାଇଜ୍‌ମେଣ୍ଟ ଅଫ୍ ଓ୍ୱିମେନ୍'ରେ ଲେଖିଥିଲେ ଯେ ସାମାଜିକ ଅନ୍ୟାୟର ଇତିହାସରେ ନାରୀ ନିଷ୍ପେଷଣ ଏକ ନିଆରା ସ୍ଥାନ ଅଧିକାର କରିଥାଏ, କାରଣ ଅନ୍ୟ କୌଣସି ନିକୃଷ୍ଟ ବିବେଚିତ ଜାତିକୁ ନିଜର ଅପମାନକୁ ସମ୍ମାନ ରୂପେ ବିଚାର କରିବାକୁ ଶିକ୍ଷା ଦିଆଯାଇ ନ ଥାଏ। ଏହି ପୃଷ୍ଠଭୂମିରେ ବିଚାର କଲେ ମନେ ହୋଇଥାଏ ଯେ ବର୍ତ୍ତମାନ ଦିବ୍ୟା ମୋଦୀ ଟୋଙ୍ଗ୍ୟା ନାମକ ଜନୈକ ମହିଳା ଦିଲ୍ଲୀ ହାଇକୋର୍ଟରେ ଏହି ସାଙ୍ଗିଆ ଫେରସ୍ତ ପାଇଁ ଦାବି କରି ଯେଉଁ ଆବେଦନ ଉପସ୍ଥାପନ କରିଛନ୍ତି, ତାହା ହେଉଛି ଐତିହାସିକ। ତାଙ୍କର ସ୍ୱାମୀଙ୍କ ଠାରୁ ତାଙ୍କର ବିବାହ ବିଚ୍ଛେଦ ଘଟିବା ପରେ ଦିବ୍ୟା ବିଧିବଦ୍ଧ ଭାବରେ ନିଜର ପୈତୃକ ନାମକୁ ଫେରି ଯିବାକୁ ଚାହୁଁଛନ୍ତି। ଦିବ୍ୟାଙ୍କର ଏହି ଭାବନାର ଆବେଗିକ ଦିଗ ବାଦ୍ ଏହାର ବିଶୁଦ୍ଧ ଯୌକ୍ତିକତା ମଧ ହୃଦୟଙ୍ଗମ କରିବା କଷ୍ଟକର ନୁହେଁ। ଯେମିତି ଦିବ୍ୟାଙ୍କ ମାମଲାରେ ଦେଖିବାକୁ ମିଳିଥାଏ। ସରକାରୀ ବିଜ୍ଞପ୍ତି ଅନୁସାରେ ବିବାହ ବିଚ୍ଛେଦ ଘଟିବା ପରେ ଜଣେ ମହିଳା ଯଦି ତାଙ୍କ ନାମରୁ ସ୍ୱାମୀଙ୍କର ସାଙ୍ଗିଆ ବହିଷ୍କାର କରି ସେଥିରେ ଆଇନଗତ ଭାବରେ ପୈତୃକ ସାଙ୍ଗିଆ ପୁନଃସ୍ଥାପନ କରିବାକୁ ଚାହାନ୍ତି, ତେବେ ସେଥିପାଇଁ ତାଙ୍କୁ ତାଙ୍କର ପୂର୍ବତନ ସ୍ୱାମୀଙ୍କ ଠାରୁ ଏକ 'ନିର୍ବିରୋଧ ପତ୍ର' ବା 'ନୋ ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍' ('ଏନ୍‌ଓସି') ଆଣି ଦାଖଲ କରିବାକୁ ହେବ। ଦିବ୍ୟା ମାଲହୋତ୍ରା ଟୋଙ୍ଗ୍ୟା ଏହି ସରକାରୀ ନିୟମକୁ ଅସିଦ୍ଧ ଘୋଷଣା କରିବା ପାଇଁ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଦିଲ୍ଲୀ ହାଇକୋର୍ଟ ଆସନ୍ତା ମଇ ୨୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ଓ ସେଇ ସମୟ ମଧ୍ୟରେ ଦିବ୍ୟାଙ୍କ ଅଭିଯୋଗ ସଂପର୍କରେ ନିଜର ଜବାବ ଦାଖଲ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିରେ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ କେବଳ ନାରୀମାନଙ୍କ ପ୍ରତି ଏହି ନିୟମ ଲାଗୁ ହେଉଥିବାରୁ ଓ ପୁରୁଷମାନଙ୍କୁ ଏହି ଆବଶ୍ୟକତା ପୂରଣ କରିବାକୁ ପଡୁ ନ ଥିବାରୁ ଏହା ହେଉଛି ଗଭୀର ଲିଙ୍ଗ-ବିଦ୍ୱେଷର ଏକ ନଗ୍ନ ପ୍ରଦର୍ଶନ। ତାଙ୍କର ଆବେଦନ କେବଳ ଏକ ତାତ୍ତ୍ୱିକ ତର୍କ ଉପରେ ପ୍ରତିଷ୍ଠିତ ନୁହେଁ; ଏହାର କଠିନ ବାସ୍ତବ ଦିଗ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଦାହରଣ ସ୍ୱରୂପ ଦିବ୍ୟାଙ୍କ ଭଳି ନାରୀମାନେ ଯଦି ଆଧାର କାର୍ଡ ବା ରାସନ କାର୍ଡ ଆଦି ସରକାରୀ ଡକୁମେଣ୍ଟ ପାଇବା ପାଇଁ ଆବେଦନ କରନ୍ତି କିମ୍ବା ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲିବାକୁ ଚାହାନ୍ତି, ଏବେ ସେମାନଙ୍କୁ ନିଜର ପୂର୍ବତନ ପତିଙ୍କ ସାଙ୍ଗିଆ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ସେମାନଙ୍କୁ ଆତ୍ମ ପରିଚୟ ହାସଲ କରି ପୁରୁଷର ପରିଚୟ ବନ୍ଧନରୁ ମୁକ୍ତି ପ୍ରଦାନ କରିବା ପାଇଁ ସରକାର ଉପରୋକ୍ତ ନିୟମର ଉଚ୍ଛେଦ ଘଟାଇବାକୁ ଅଦାଲତ ନିର୍ଦ୍ଦେଶ ଦେବେ ବୋଲି ଆଶା କରାଯାଏ।

## ଓଡ଼ିଶାରେ ଶ୍ରୀ ଚୈତନ୍ୟ



### ସୁଷମା ପରିଜା



ଶ୍ରୀଚୈତନ୍ୟ ଦେବ ଭାରତରେ ଭକ୍ତିବାଦର ଜଣେ ପ୍ରସିଦ୍ଧ ପ୍ରଚାରକ ଥିଲେ । ସେ ଗଙ୍ଗାକୂଳବର୍ତ୍ତୀ ନବଦ୍ୱୀପ (ବର୍ତ୍ତମାନ ବଙ୍ଗଳାଦେଶର ଅଂଶ ବିଶେଷ)ରେ ଏକ ହିନ୍ଦୁ ବ୍ରାହ୍ମଣ ପରିବାରରେ ଶଚୀଦେବୀ ଓ ଜଗନ୍ନାଥ ମିଶ୍ରଙ୍କ ପୁତ୍ର ରୂପେ ୧୪୮୬ ଖ୍ରୀଷ୍ଟାବ୍ଦ ଫେବୃଆରୀ ୧୮ ତାରିଖରେ ଦୋଳପୂର୍ଣ୍ଣିମା ତିଥିରେ ଜନ୍ମଗ୍ରହଣ କରିଥିଲେ ।

ଇତିହାସ କହେ ତାଙ୍କ ପୂର୍ବ ପୁରୁଷ ଥିଲେ ଓଡ଼ିଆ । ତାଙ୍କର ଜେଜେବାପା ଓଡିଶାର ଯାଜପୁରରୁ କର୍ମସଂସ୍ଥାନ ଅନ୍ୱେଷଣରେ ବଙ୍ଗଳାଦେଶର ସିଲହଟ୍‌କୁ ଯାଇଥିଲେ ଏବଂ ୧୪୫୧ ମସିହା ବେଳକୁ ତାଙ୍କର ପିତା ସିଲହଟ୍‌ରୁ ନବଦ୍ୱୀପ ଆସିଥିଲେ। ବାଲ୍ୟକାଳରୁ ବିଶ୍ୱମ୍ଭରଙ୍କର ଶାସ୍ତ୍ରାଧ୍ୟୟନରେ ଖୁବ୍ ଆଗ୍ରହ ଥିଲା । ଖୁବ୍ କମ୍ ସମୟ ମଧ୍ୟରେ ସେ ଜଣେ ସଂସ୍କୃତ ବିଦ୍ୱାନ ଭାବରେ ପରିଗଣିତ ହୋଇ ସଂସ୍କୃତ ଟୋଲ୍‌ଟିଏ ଖୋଲି ଛାତ୍ର ମାନଙ୍କୁ ଶିକ୍ଷା ଦାନ କରୁଥିଲେ। ସେ ସମୟର ଚଳଣି ଅନୁଯାୟୀ ଅଳ୍ପ ବୟସ ରେ ତାଙ୍କର ବିବାହ ଲକ୍ଷ୍ମୀ ନାମ୍ନୀ କନ୍ୟା ସହିତ କରି ଦିଆଯାଇଥିଲା। କିନ୍ତୁ ବିଧିର ବିଧାନ ଥିଲା ବିଚିତ୍ର ସେହି କନ୍ୟାଟି ଅଳ୍ପ ଦିନ ପରେ ସର୍ପାଘାତରେ ମୃତ୍ୟୁ ବରଣ କରିଥିଲେ। ପୁନଶ୍ଚ ତାଙ୍କର ଦ୍ୱିତୀୟ ବିବାହ ହୋଇଥିଲା ବିଷ୍ଣୁ ପ୍ରିୟା ନାମ୍ନୀ କନ୍ୟା ସହିତ। ମାତ୍ର ଅଠର ବର୍ଷର ହୋଇଥିଲା ବେଳେ ସେ ତାଙ୍କର ପିତାଙ୍କୁ ହରାଇଥିଲେ। ପିତାଙ୍କର ପିଣ୍ଡ ଦାନ କରିବା ନିମନ୍ତେ ସେ ଗୟା ଯାତ୍ରା କଲେ। ସେହି ସମୟରେ ଈଶ୍ୱର ପୁରୀ ନାମକ ଜଣେ ସନ୍ଥଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ସେଠାରେ ବିଶ୍ୱମ୍ଭର ସନ୍ଥ ଈଶ୍ୱର ପୁରୀଙ୍କ ସଙ୍ଗତରେ ବିଷ୍ଣୁ ମନ୍ଦିର ରେ ରହିବା ଏବଂ ନିତ୍ୟ ତାଙ୍କର ପ୍ରବଚନ ଶୁଣିବା ପରେ ତାଙ୍କ ଭିତରେ ଏତେ ମାତ୍ରାରେ ଭକ୍ତିଭାବ ଉଦ୍ରେକ ହେଲା ଯେ ସେ ତାଙ୍କୁ ଗୁରୁ ରୂପେ ଗ୍ରହଣ କରି ତାଙ୍କ ଠାରୁ ଦୀକ୍ଷା ନେଇ ଈଶ୍ୱର ଭାବରେ ତଲ୍ଲୀନ ହେଲେ। ସେଠାରୁ ନବଦ୍ୱୀପକୁ ଫେରିବା ପରେ ସେ ତାଙ୍କର ସଂସ୍କୃତ ଟୋଲ୍ ବନ୍ଦ କରିଦେଇ ଦିନରାତି ବିଷ୍ଣୁଙ୍କ ଭଜନ କୀର୍ତ୍ତନ ରେ ମଗ୍ନ ରହିଲେ। ବିଷ୍ଣୁଙ୍କ ମଧ୍ୟରେ ସେ କୃଷ୍ଣଙ୍କୁ ଦେଖୁଥିଲେ । କେବଳ କୃଷ୍ଣ ନାମ ଭଜନ କୀର୍ତ୍ତନ କରି ସେ ଦିନ କାଟିଲେ। ଶେଷରେ ଏମିତି ସମୟ ଆସିଲା ଯେ ବିଶ୍ୱମ୍ଭର ସଂସାର ପ୍ରତି ବିତୃଷ୍ଣ ହୋଇ ସନ୍ୟାସୀ ଶ୍ରୀ କେଶବ ଭାରତୀଙ୍କ ଠାରୁ ସନ୍ୟାସ ଦୀକ୍ଷା ନେଇ ନିଜକୁ "କୃଷ୍ଣ ଚୈତନ୍ୟ" ନାମରେ ନାମିତ କରି ଗୃହତ୍ୟାଗୀ ହେଲେ ଏବଂ ସମ୍ପୂର୍ଣ୍ଣ ରୂପେ ସଂକୀର୍ତ୍ତନ ମନସ୍କ ହୋଇ ପଦବ୍ରଜରେ ପୁରୁଷୋତ୍ତମ ଧାମକୁ ଯାତ୍ରାରମ୍ଭ କଲେ। ତାଙ୍କର ସୁନ୍ଦର ସୁଲଳିତ ସ୍ୱରର ଭଜନ କୀର୍ତ୍ତନ ଭକ୍ତ ମାନଙ୍କୁ ଖୁବ୍ ଆକୃଷ୍ଟ କରୁଥିଲା। ସେମାନେ ତାଙ୍କର ଅନୁସରଣ କରି ସଂକୀର୍ତ୍ତନ ଦଳରେ ସାମିଲ ହୋଇ ଯାଉଥିଲେ । ୧୫୦୯ ଖ୍ରୀଷ୍ଟାବ୍ଦ ଶେଷ ବେଳକୁ ସେ କଲିକତାର ହୁଗୁଳି ନଦୀ ଘାଟରେ ଓହ୍ଲାଇ ଶିଷ୍ୟ ମାନଙ୍କ ଗହଣରେ ସେ ଓଡ଼ିଶାର ସୀମା ଆଡକୁ ଆସିଥିଲେ।

ସେ ସମୟରେ ଓଡ଼ିଶାରେ ଗଜପତି ମହାରାଜ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ । ଓଡ଼ିଶା ରେ ବୌଦ୍ଧ ଧର୍ମର ପ୍ରଭାବ ହ୍ରାସ ପାଇ ଆସୁଥାଏ। ଅଭାବ ଅନାଟନ ଜାତିଭେଦ ଅଶିକ୍ଷା କୁସଂସ୍କାର ଯୋଗୁଁ ଓଡ଼ିଶାର ମ୍ଳାନ ପଡି ଆସୁଥିବା ଧର୍ମ ଧାରଣାକୁ ସୁଦୃଢ କରିବାକୁ ଏବଂ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ପାଇଁ ପଞ୍ଚ ସଖା ଶ୍ରୀ ବଳରାମ ଦାସ, ଶ୍ରୀ ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ପୁରୀରେ ଏକତ୍ରିତ ହୋଇଥାନ୍ତି। ୧୫୧୦ ଖ୍ରୀଷ୍ଟାବ୍ଦର ଆରମ୍ଭରେ ଶ୍ରୀଚୈତନ୍ୟ ପୁରୁଷୋତ୍ତମ କ୍ଷେତ୍ର ରେ ପହଞ୍ଚି ବଡ଼ଦେଉଳରେ ଶ୍ରୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କଲେ। ତାଙ୍କୁ ଶ୍ରୀଜଗନ୍ନାଥ ଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଙ୍କ ସତ୍ତା ଦୃଶ୍ୟମାନ ହେଲା। ଭାବ ବିହ୍ୱଳିତ ହୋଇ ଦୁଇ ହାତ ଟେକି ସଂକୀର୍ତ୍ତନ କରୁ କରୁ ମୁର୍ଚ୍ଛିତ ହେଲେ। ପଣ୍ଡା ପଡିହାରୀଙ୍କ ଭିଡ଼ ଜମିଲା। ସମସ୍ତେ ଜାଣିଲେ ଶ୍ରୀଜଗନ୍ନାଥଙ୍କ ର ସେ ଜଣେ ବଡ ଭକ୍ତ ବୋଲି। କିଛିଦିନ ପରେ ମୁକ୍ତିମଣ୍ଡପର ବିଶିଷ୍ଟ ପଣ୍ଡିତ ଶ୍ରୀ ବାସୁଦେବ ସାର୍ବଭୌମଙ୍କୁ ଶାସ୍ତ୍ରାର୍ଥ ପାଇଁ ଆହ୍ୱାନ ଦେଲେ ସେ । ପଣ୍ଡିତ ଶ୍ରୀ ବାସୁଦେବ ସାର୍ବଭୌମ ତାଙ୍କର ଆମନ୍ତ୍ରଣକୁ ସାଦରେ ସ୍ୱୀକାର କରିନେଲେ। ଦୁଇ ମୁର୍ଦ୍ଧନ୍ୟ ପଣ୍ଡିତଙ୍କ ମଧ୍ୟରେ ଆରମ୍ଭ ହେଲା ଶାସ୍ତ୍ର ଚର୍ଚ୍ଚା। ଶେଷରେ ଶ୍ରୀ ଚୈତନ୍ୟଙ୍କ ବାଗ୍ମୀତା ଏବଂ ଅଗାଧ ପାଣ୍ଡିତ୍ୟ ଆଗରେ ପରାଜୟ ସ୍ୱୀକାର କରି ଶ୍ରୀ ବାସୁଦେବ ସାର୍ବଭୌମ ଶ୍ରୀ ଚୈତନ୍ୟଙ୍କ ସମ୍ମୁଖରେ ନତ ମସ୍ତକ ହୋଇ ତାଙ୍କଠାରୁ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ। ମହୋଦଧି ନିକଟରେ ମଠ ସ୍ଥାପନା କରି ଶ୍ରୀଚୈତନ୍ୟ ଭକ୍ତ ମାନଙ୍କ ସହ ସେଠାରେ ଅବସ୍ଥାନ କଲେ ଏବଂ ଶ୍ରୀମନ୍ଦିରରେ ନିତ୍ୟ ଦର୍ଶନ, ସଂକୀର୍ତ୍ତନ କରି ହରି ଭକ୍ତି ରେ ଲୀନ ରହିଲେ।

ଶ୍ରୀ ଚୈତନ୍ୟଙ୍କ ଭକ୍ତି ଭାବ, ତାଙ୍କର ସଂକୀର୍ତ୍ତନ ଏବଂ ତାଙ୍କର ପାଣ୍ଡିତ୍ୟ ରାଜ୍ୟ ସାରା ଚର୍ଚ୍ଚିତ ହେବାକୁ ଲାଗିଲା । ଗଜପତି ମହାରାଜା ଶ୍ରୀ ଚୈତନ୍ୟ ଙ୍କ ବିଷୟରେ ଅନେକ କଥା ଶୁଣିଥିଲେ ମଧ କେବେହେଲେ ଚାକ୍ଷୁଷ ସାକ୍ଷାତକାର ହୋଇନଥିଲା ତାଙ୍କ ସହିତ। ଥରେ ପୁରୀର ଶ୍ରୀ କାଶୀ ମିଶ୍ରଙ୍କ ଘରେ ସଂକୀର୍ତ୍ତନ ଚାଲିଥିବା ସମୟରେ ସେଠାରେ ଉପସ୍ଥିତ ହେଲେ ଗଜପତି ମହାରାଜା ପ୍ରତାପରୁଦ୍ର ଦେବ। ଶ୍ରୀ ଚୈତନ୍ୟଙ୍କ ଭାବଭକ୍ତିପୂର୍ଣ୍ଣ ସଂକୀର୍ତ୍ତନ ଏବଂ ତାଙ୍କର ପ୍ରବଚନ ଶୁଣି ଗଜପତି ଏତେ ମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ ସେଇଠି ସେ ଶ୍ରୀ ଚୈତନ୍ୟ ଙ୍କ ପାଦ ସ୍ପର୍ଶ କରି ତାଙ୍କର ଶିଷ୍ୟତ୍ୱ ଭିକ୍ଷା କରିଥିଲେ। ଶ୍ରୀ ଚୈତନ୍ୟ ମଧ ଗଜପତି ମହାରାଜାଙ୍କ ସାନିଧ ଲାଭ କରି ଏତେ ପ୍ରୀତ ହୋଇଥିଲେ ଯେ ସେ କହି ଉଠିଥିଲେ "ସକଳ ପାର୍ଥିବ ସମ୍ପଦର ଅଧୀଶ୍ୱର ଏଭଳି ଜଣେ ଭକ୍ତଙ୍କୁ ପାଇଁ ମୁଁ ଆଜି ଧନ୍ୟ ହୋଇଛି"!

ଶ୍ରୀଚୈତନ୍ୟ ଙ୍କର ବାଣୀ ସମାଜର ସବୁ ବର୍ଗର ଲୋକଙ୍କୁ ଆକୃଷ୍ଟ କରୁଥିଲା । ଓଡ଼ିଶାର ପଞ୍ଚ ସଖା ମାନେ ମଧ ଶ୍ରୀଚୈତନ୍ୟଙ୍କ ବାଣୀରେ ଅନୁପ୍ରାଣୀତ ହୋଇଥିଲେ । ଉଭୟ ପକ୍ଷ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ ଏବଂ ଶ୍ରୀରାଧା କୃଷ୍ଣ ଙ୍କର ଅକୃତ୍ରିମ ପ୍ରେମ ଭକ୍ତିରେ ଲୀନ ହୋଇଥିଲେ ମଧ ଶ୍ରୀଚୈତନ୍ୟଙ୍କ ଅନୁଗାମୀ ମାନଙ୍କୁ ଗୌଡୀୟ ବୈଷ୍ଣବ ଏବଂ ଓଡ଼ିଶାର ବୈଷ୍ଣବ ଧର୍ମାବଲମ୍ବୀ ମାନଙ୍କୁ ଉତ୍କଳୀୟ ବୈଷ୍ଣବ ବୋଲି ସମ୍ବୋଧନ କୁହାଯାଏ। ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ପାଇଁ ଉଦ୍ଦିଷ୍ଟ ଥିଲେ ମଧ ସେମାନଙ୍କ ମଧ୍ୟରେ ବିଭିନ୍ନତା ରହିଥିଲା। ଗୌଡୀୟ ବୈଷ୍ଣବ ସଂପ୍ରଦାୟର ଭକ୍ତମାନେ କେ୍ୱଳ ପ୍ରେମ ଭକ୍ତି ରେ ବିଶ୍ୱାସ କରୁଥିବା ବେଳେ ଉତ୍କଳୀୟ ବୈଷ୍ଣବ ମାନେ ଜ୍ଞାନମିଶ୍ରା ଭକ୍ତିରେ ବିଶ୍ୱାସ କରନ୍ତି। ମହାଯାନ ପନ୍ଥୀ ବୌଦ୍ଧ ଧର୍ମାବଲମ୍ବୀଙ୍କ ଭଳି ଏମାନେ ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ସାଧନା କରିଥାନ୍ତି। ଉତ୍କଳୀୟ ବୈଷ୍ଣବମାନେ ଶ୍ରୀରାଧାଙ୍କୁ ଜୀବାତ୍ମା ଓ ଶ୍ରୀକୃଷ୍ଣଙ୍କୁ ପରମାତ୍ମା ବୋଲି ଗ୍ରହଣ କରନ୍ତି । କିନ୍ତୁ ଗୌଡ଼ୀୟ ବୈଷ୍ଣବମାନେ ଶ୍ରୀରାଧାଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରାଣ ବୋଲି କହିଥାନ୍ତି । ଉତ୍କଳୀୟ ବୈଷ୍ଣବମାନେ ଜ୍ଞାନ ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱରେ ବିଶ୍ୱାସ କରନ୍ତି । ସେମାନଙ୍କ ଆରାଧ ଦେବତା ସ୍ୱୟଂ ଜଗନ୍ନାଥ । କିନ୍ତୁ ଗୌଡ଼ୀୟ ବୈଷ୍ଣବ ଧର୍ମରେ ଶୁଦ୍ଧ ଭକ୍ତି ବା ରାଗାନୁଗା ଭକ୍ତି ଓ ଆରାଧ ଦେବତା ଶ୍ରୀକୃଷ୍ଣ, ନିତ୍ୟସ୍ଥଳୀ ବୃନ୍ଦାବନ । ଉତ୍କଳୀୟ ବୈଷ୍ଣବ ଧର୍ମ ଶୂନ୍ୟବାଦୀ ଚିନ୍ତାଧାରା ଓ ଅଣାକାର ଉପାସନା ତଥା ନିର୍ଗୁଣ ବୈଷ୍ଣବ ଧର୍ମରେ ଜ୍ଞାନମାର୍ଗୀ ଥିବା ବେଳେ ଗୌଡ଼ୀୟ ବୈଷ୍ଣବ ଧର୍ମରେ ବୈଷ୍ଣବଗଣ ଭକ୍ତିମାର୍ଗ ଉପାସକ ।

ଶ୍ରୀଚୈତନ୍ୟ ସନ୍ନ୍ୟାସ ଧର୍ମ ଗ୍ରହଣ କରିବା ପରେ ଛଅ ବର୍ଷ କାଳ ଦକ୍ଷିଣ ଭାରତର ରାଜମହେନ୍ଦ୍ରୀରେ ଅତିବାହିତ କରିଥିଲେ ଏବଂ ସେଠାର ଶାସକ ରାୟ ରାମାନୁଜ ଙ୍କୁ ନିଜ ଭକ୍ତି ରେ ବିମୋହିତ କରି ଶିଷ୍ୟ ଭାବରେ ତାଙ୍କୁ ଶ୍ରୀକ୍ଷେତ୍ର ପୁରୀକୁ ଆଣିଥିଲେ । ଜୀବନର ଶେଷ ୨୪ ବର୍ଷ ସେ ପୁରୀରେ ଅତିବାହିତ କରିଥିଲେ । ପୁରୀକୁ କେନ୍ଦ୍ର କରି ସେ ସମଗ୍ର ବିଶ୍ୱରେ ଜଗନ୍ନାଥ ସଂସ୍କୃତିର ପରିପ୍ରସାର କରିଥିଲେ । ରାକ୍ଷସ ସ୍ୱଭାବ ଜଗାଇ ମାଧାଇଙ୍କ ଚିତ୍ତ ପରିବର୍ତ୍ତନ କରି ଦେଇଥିଲେ । ତାଙ୍କୁ ସଂକୀର୍ତ୍ତନର ପିତା ବୋଲି କୁହାଯାଏ, ଓଡ଼ିଶାର ସଂକୀର୍ତ୍ତନ ଗାୟକମାନେ କୀର୍ତ୍ତନ ଆରମ୍ଭରେ 'ମମ ପ୍ରାଣ ଗୌରାଙ୍ଗ ହେ' ବୋଲି ଉଚ୍ଚାରଣ କରନ୍ତି । ଓଡ଼ିଶାରେ ସେ ଦେଖାଇଥିବା ଷଡ଼ଭୂଜ ଗୌରାଙ୍ଗ ମୂର୍ତ୍ତି ଓ ତାଙ୍କ ଶ୍ରୀପାଦପଦ୍ମ ପୁରୀ ଶ୍ରୀମନ୍ଦିର ବେଢ଼ାରେ ପୂଜା ପାଉଛନ୍ତି ।

ସେ ତାଙ୍କର ଶତ ଶତ ଗୌଡ଼ୀୟ ଓ ଉତ୍କଳୀୟ ଶିଷ୍ୟଙ୍କ ସାହାଯ୍ୟରେ ସ୍ୱ ଧର୍ମମତ ଉତ୍କଳ ଓ ବଙ୍ଗଦେଶରେ ପ୍ରଚାର କରିଥିଲେ । ଏହି ଧର୍ମର ମୂଳତତ୍ତ୍ୱ ହେଲା ପ୍ରେମ ଓ ଭଗବାନ କୃଷ୍ଣଙ୍କଠାରେ ଗଭୀର ଭକ୍ତି । ସେ ଜାତିଧର୍ମନିର୍ବିଶେଷରେ ଶିଷ୍ୟ ଗ୍ରହଣ କରୁଥିଲେ । ତାଙ୍କର ମୁସଲମାନ ଶିଷ୍ୟ ହରିଦାସ ଯବନ ହରିଦାସ ନାମରେ ପ୍ରସିଦ୍ଧ ଲାଭ କରିଥିଲେ । ଉତ୍କଳ ଓ ବଙ୍ଗର ହିନ୍ଦୁସମାଜ ତାଙ୍କ ଧର୍ମମତ ପ୍ରଚାର ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ଏହି ପରମ ପୁରୁଷ ୧୫୩୩ ମସିହା ଜୁନ୍ ମାସ ନଅ ତାରିଖରେ ଶ୍ରୀମନ୍ଦିର ରେ ପ୍ରାର୍ଥନା କରୁଥିବା ସମୟରେ ଶ୍ରୀ ଜଗନ୍ନାଥଙ୍କ ଚରଣରେ ବ୍ରହ୍ମଲୀନ ହୋଇଥିଲେ।

(ତଥ୍ୟ- ସାମାଜିକ ଗଣମାଧ୍ୟମ)

ଶାରଳା ଭବନ,
ପୋତାପୋଖରୀ, କଟକ-୪
ମୋ: ୯୩୩୭୨୭୨୬୪୭

## ଆଇ.ଆଇ.ଟି ଛାତ୍ର ଉପରେ ମଧ ଭରସା କରି ହେବନାହିଁ



### ସୁବ୍ରତ କର

ଏବେ ଦେଶ ପାଇଁ କାମ କରିବା ପାଇଁ ବହୁତ ଉଚ୍ଚ ଶିକ୍ଷିତ ପିଲାମାନେ ରାଜନୈତିକ ଦଳମାନଙ୍କରେ ଯୋଗ ହେଉଛନ୍ତି । ଦେଶ ଭାବିଥିଲା ଏବଂ ତା ସହିତ ସାଧାରଣ ଜନତା ଭାବି ଥିଲେ ଶିକ୍ଷିତ ଲୋକଙ୍କ ବା ନେତା ଦ୍ୱାରା ପ୍ରଭାବିତ ଲୋଭର ବଶବର୍ତ୍ତୀ ନ ହୋଇ ଦେଶକୁ ଭ୍ରଷ୍ଟାଚାରକୁ ବିଲୋପ କରିବେ ଏବଂ ଦେଶକୁ ସ୍ୱାବଲମ୍ବୀ କରିବା ସହିତ ଗରିବ ଶବ୍ଦକୁ ହଟାଇ ଦେବାକୁ ସମର୍ଥ ହେବ । କିନ୍ତୁ ଏହି ପରରିକ୍ଷାରେ ଆଇ.ଆଇ.ଟି (ଖଡ଼ଗପୁର) ପିଲା ଫଳପ୍ରଦ ହୋଇ ପାରିଲେ ନାହିଁ । ଏହାର ମୂଳ କାରଣ ଅହଂକାର ଏବଂ କ୍ଷମତାର ଲୋଭ । ଏ ପରିକି କେଜିରିୱାଲଙ୍କ ଗୁରୁ (ଆନ୍ନା ହାଜାରେ) ମଧ କହିଛନ୍ତି ସେ ତାଙ୍କର କର୍ମଫଳ ଭୋଗୁଛନ୍ତି ଏବଂ ସେ ଆହୁରି କହିଛନ୍ତି ସେ କେଜିରିୱାଲଙ୍କ ଗିରଫଦାରିରେ ଆଦୌ ଦୁଃଖିତ ନୁହଁନ୍ତି। ସେ କେଉଁଠି ମଦ ନିତି ନ ଆଣିବାକୁ ପରାମର୍ଶ ଦେଇଥିଲେ ଏବଂ ତାଙ୍କର ଶିଷ୍ୟ ଏହାକୁ ବେଖାତିର କରିଥିଲେ ।

ଏବେ ଆସିବା ଦେଶର ଆଇନ କଣ କହୁଛି ଆମେ ଜାଣିଛୁ ଦେଶର ରାଷ୍ଟ୍ରପତି ବା ରାଜ୍ୟରେ ରାଜ୍ୟପାଳଙ୍କୁ କ୍ଷମତାରେ ଥିବାବେଳେ ଦେଶର ଆଇନ ସେମାନଙ୍କୁ ଛୁଇଁ ପାରିବେ ନାହିଁ । କ୍ଷମତା ଅପସରିଲେ ଯଦି କିଛି ସେହିଭଳି ଆଇନତ୍ କିଛି ଥାଏ ତେବେ ତାଙ୍କ ନାମରେ ମଧ ସରକାର କୋର୍ଟର ଦ୍ୱାରସ୍ଥ ହୋଇପାରିବେ । କିନ୍ତୁ ଆମ ସମ୍ବିଧାନର ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ନାମରେ କିଛି ଅନୈତିକ କାର୍ଯ୍ୟ ବା ଭ୍ରଷ୍ଟାଚାର ଜନିତ ମାମଲାରେ ଆଇନ ତା ବାଟରେ । ମାନେ ସରକାର ଚାହିଁଲେ ବା ଯେକୌଣସି ସରକାରଙ୍କ ଯଦି ଏଜେନ୍ସି ଚାହିଁଲେ କୋର୍ଟର ଦ୍ୱାରସ୍ଥ ହୋଇପାରିବେ ଏବଂ ଜେଲ ହାଜତ ପଠାଇ ପାରିବେ । ଦିଲ୍ଲୀର ମୁଖ୍ୟମନ୍ତ୍ରୀଙ୍କଠାରେ ଏହାହିଁ ହୋଇଛି । କିନ୍ତୁ ସେ ନ ଚାହିଁଲେ ତାଙ୍କ ପଦରୁ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ମୁଖ୍ୟମନ୍ତ୍ରୀ) ହଟାଇ ପାରିବେ ନାହିଁ । ଏବେ କେଜିରିୱାଲ ଏହାର ସୁବିଧା ନେଇଛନ୍ତି । ସେ କହିଛନ୍ତି ତାଙ୍କୁ ଗୋଟାଏ ଚଦରରେ ଏବଂ ତଳେ ଶୋଇବାକୁ ପଡ଼ିଲେ ମଧ ମୁଖ୍ୟମନ୍ତ୍ରୀ ମଦରୁ ହଟିବେ ନାହିଁ ଯେ ପର୍ଯ୍ୟନ୍ତ କୋର୍ଟ ତାଙ୍କର ବିଚାର କରି ଦୋଷି ସାବ୍ୟସ୍ତ ନ କରିଛନ୍ତି । କିନ୍ତୁ ଜେଲ ମେନୁଆଲରେ କହାଯାଇଛି ଯେ ଜେଲ ଭିତରେ ରହୁଥିବା ଲୋକଙ୍କୁ ସପ୍ତାହରେ ଦୁଇଥର ପରିବାରର ଲୋକେ ବା ବନ୍ଧୁ ବା ସହଯୋଗୀମାନଙ୍କୁ ଭେଟି ପାରିବେ । ଏହି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ପଦକୁ ଠିକ୍ ସେ ମର୍ଯ୍ୟାଦା ଦେଇ ପାରିବେ ନାହିଁ। ଏହାଛଡ଼ା ଆଉ ଗୋଟାଏ ବାଟ ହେଉଛି ଯଦି ରାଜ୍ୟର ରାଜ୍ୟପାଳ ବା ଉପରାଜ୍ୟପାଳ ଚାହିଁବେ ଯେ କୌଣସି କୋଠାକୁ ଜେଲର ପରିଣତ କରିପାରିବେ ଯଦି କେଜିରିୱାଲ ଉପରାଜ୍ୟପାଳଙ୍କୁ ଗୃହବନ୍ଦୀ କରାଇବା ପାଇଁ ରାଜି କରାଇପାରିବେ । ତେବେ ମୋ ମତରେ ଉପରୋକ୍ତ ଦୁଇଟି ବାଟରେ କୌଣସିଟାରେ ସମ୍ଭବ ନୁହେଁ ଆଉ ଗୋଟାଏ ବାଟ ଅଛି ଯେ ଯଦି ଭାରତ ସରକାର ମୁଖ୍ୟମନ୍ତ୍ରୀଙ୍କୁ ଏକ ସରକାରଙ୍କର ଜନସେବକ ହିସାବରେ ତାଙ୍କୁ ତାଙ୍କ ପଦବୀରୁ ନିଲମ୍ବିତ କରିପାରନ୍ତି ଯେମିତି ସରକାରୀ ଚାକିରୀଆଙ୍କ ଠାରେ କରାହୋଇଥାଏ । ତେବେ ଏହା ନିଶ୍ଚିତ ଦେଶର ଏହା ପ୍ରଥମ ଘଟଣା ହୋଇଥିବାରୁ ଏବଂ ଅତୀତରେ ଏମିତି ଦୃଷ୍ଟାନ୍ତମୂଳକ ଘଟଣା ଘଟିନାହିଁ ସେଇଥିପାଇଁ ସମସ୍ତେ ଅପେକ୍ଷା କରିଛନ୍ତି କଣ ହେବାକୁ ଯାଉଛି ।

## କବିତା କୋଣାର୍କ

### ପ୍ରେମ ରଂଗ ଦେବା ଢାଳି...
### ରାମଚନ୍ଦ୍ର ବେହେରା



ଫଗୁଣ ଫେରିଛି ମଳୟ ବହୁଛି
ଉଡୁଛି ରଂଗ ଅବିର
ଦୋଳ ବିମାନରେ ରାଇ ଦାମୋଦର
ବୁଲୁଛନ୍ତି ଦ୍ୱାର ଦ୍ୱାର।
ଦ୍ୱାପର ଯୁଗରେ କୃଷ୍ଣ ଅବତାରେ
ଗୋପ ଦାଣ୍ଡେ ସାଥୀ ମେଳେ
ରାଧାରାଣୀ ସହ ଫଗୁ ଖେଳୁଥିଲେ
ଫଗୁଣ ପୁଣ୍ୟ ଶୁକଳେ।
ଫଗୁ ଦଶମୀରୁ ଯୁଗଳ ମୂରତୀ
ଯାଆନ୍ତି ଗ୍ରାମ ଭ୍ରମଣେ
ମୃଦଂଗ କାହାଳୀ ଶଂଖ ହୁଳହୁଳି
ଶବଦେ ଦାଣ୍ଡ ଉଛୁଳେ।
ପୂର୍ଣ୍ଣମୀ ତିଥିରେ ଦୋଳ ମଣ୍ଡପରେ
ଝୁଲନ୍ତି କଳା କହ୍ନେଇ
ଭକତ ଜନଂକୁ କୃପା ବରଷନ୍ତି
ଫଗୁରେ ସଜେଇ ହୋଇ।
ଦୋଳ ପୁନେଇଁର ନିଶି ହେଲେ ଅନ୍ତ
ସଭିଏଁ ଖେଳନ୍ତି ହୋଲି
ରାଗ ରୋଷ ଭୁଲି ଅବିର ଲଗେଇ
ହୋଇଥାନ୍ତି କୋଳାକୋଳି।
ହୋଲି ଆଣିଦିଏ ଶାନ୍ତି ଓ ଅହିଂସା
ପ୍ରାଣ ହୁଏ ଉଲ୍ଲସିତ
କପଟ ସ୍ୱଭାବ ଦୂରେଇ ପରାଣୁ
ପ୍ରେମ ହୁଏ ପ୍ରକଟିତ।
ଆମ ପରମ୍ପରା ସଂସ୍କୃତିରେ ଭରା
ସବୁଠୁ ଲାଗେ ନିଆରା
ରଂଗ ଖେଳ ସହ ପୁଣ୍ୟ ହୋଲି ପର୍ବ
ଭରିଦିଏ ଭାଇଚାରା।
ଫଗୁଣର ଫଗୁ ସମ୍ପର୍କ ଯୋଡଇ
ପ୍ରେମଭାବ ଦିଏ ରଂଗ
ସବୁ ରଂଗ ଠାରୁ ପ୍ରେମ ରଂଗ ଗାଢ
ନଛାଡଇ କେବେ ସଂଗ।
ପବିତ୍ର ହୋଲିରେ ଆସ ବୁଡିଯିବା
ଫଗୁ ଦେବା ଦେହେ ବୋଳି
ରାଧାକୃଷ୍ଣ ନାମ ତୁଣ୍ଡେ ଗାଇ ଗାଇ
ପ୍ରେମ ରଂଗ ଦେବା ଢାଳି।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ତୁମେ ଅଛ
### ଲତିକା ମହାପାତ୍ର



ଟିକେ ଟିକେ ଉଡିବାକୁ ମନହୁଏ
ଟିକେ ଟିକେ ବୁଡିବାକୁ ମନ ହୁଏ
ମନହୁଏ କହିବାକୁ ଲାଜ
ମନହୁଏ କହିବାକୁ ଲକ୍ଷେ ଅବରୋଧ
ତଥାପି ମୁଁ ମଉନେ ଗୁମୁରୁଥାଏ
ନିଜ ସହ ମଗ୍ନଥାଏ
ନିରୋଳାରେ ଗପୁଥାଏ
ଅଜାଣତେ ଏ ମନର
ଲକ୍ଷେ ଇଚ୍ଛାର ମୁଲାୟମୀ ପରଙ୍କୁ
ଆଉଁସି ଦେଉଥାଏ
ଇଚ୍ଛାର ଇସ୍ତାହାର ଲେଖୁଥାଏ..

ବିଞ୍ଛି ହୋଇ ପଡିଛି କେତେ ସବୁ
ରଙ୍ଗର ଅବିର
ସମୟର ସରହଦରେ..
ଆସନା ଖୋଜିବା!

ଇଡି ହୋଇଯାଇଥିବା ରଙ୍ଗ ଶୋଷି
ନେଇଛି ମାଟି
କିଛି ନିଭିଗଲାଣି
ତଥାପି ବାକି ଅଛି କିଛି
ଆସନା ବଳକା ରଙ୍ଗ ମାଖି ହୋଇ
ଅନ୍ତରର ଶୂନ୍ୟତାକୁ ପୂର୍ଣ୍ଣ କରିଦେବା
ଏ ରଙ୍ଗ ଭଲପାଇବାର
ମମତାର, ହୃଦୟବତ୍ତାର,
ସମ୍ବେଦନାର..
ରାସ୍ତା ସବୁ ସରିବା ପୂର୍ବରୁ
ଥରେ ତ ବୋଳି ହେବା ପ୍ରୀତିର ରଙ୍ଗ
ବେଫିକର..
ସେ ରଙ୍ଗ ଅବିର ଗାଢ଼ ହୋଇ
ଜମିଯାଉ ଅନ୍ତରରେ
ରଙ୍ଗୀନ ଆଭାମୟ ହେଉ ଆକାଶ
ପୃଥିବୀ
ଧରିତ୍ରୀର ପ୍ରେକ୍ଷାପଟ
ଲାଜର ଅବିର ମେଞ୍ଚେ ଗାଲରେ
ଓଠରୁ ଉଛୁଳି ଉଠୁ ହସର ପିଚକାରୀ
ହୋଲିରେ ହୋଲି ।

+ତାଳଚେର
ମୋ: ୯୮୬୧୩୮୫୫୩୯

### ଫଗୁଣ ଫଗୁରେ ବସନ୍ତ ଆସିଛି
### ଗୀତାଞ୍ଜଳି ପୃଷ୍ଟି

ଏଇ ଏବେ ଏବେ ବସନ୍ତ ଆସିଛି
ଫଗୁଣର ଫଗୁ ନେଇ
ଫୁଲେ ଫୁଲେ ଭରି ରଙ୍ଗର ରୋଷଣୀ
ଚୁପିଚୁପି କଥା କହି ।

ପଲ୍ଲବିତ ହେଲା ସବୁଜ ବନାନୀ
ପୁଲକ ଖେଳାଇ ଧୀରେ
ହସି ଉଠିଲାଣି ବସୁମତୀ ରାଣୀ
ସଙ୍ଗୀତର ସପ୍ତ ସ୍ୱରେ ।

ଭରା ବଉଳରେ ଆମ୍ରକୁଞ୍ଜ ମେଳେ
କୋଇଲିର କୁହୁ ସ୍ୱନ
ଘରେ ଘରେ ବୁଲି ଯାତ୍ରା କରୁଛନ୍ତି
ପ୍ରଭୁ ଶ୍ରୀ ରାଧାମୋହନ ।

ଚୋରା ଚଇତାଳି ଚମକାଇଲାଣି
ଶିହରଣ ଯାଏ ଖେଳି
ପାବନ ପ୍ରୀତିରେ ପୁଣ୍ୟତା ପ୍ରାପ୍ତିରେ
ହୃଦୟ ଖେଳୁଛି ଦୋଳି ।

ତମସାର ଅନ୍ତେ ଫେଇ ଅନ୍ଧକାର
ଆସୁଛି ସୂରୁଜ ଉଇଁ
ସୁନେଲି ଉଷାର ଭବ୍ୟ ପଣତରେ
ପୀୟୂଷ ଯାଉଛି ଛୁଇଁ ।

ମାଦକତା ଭରି ମାନବ ପରାଣେ
ମହା ଜାଗତିକ ସ୍ରୋତ
ଅଙ୍କା ବଙ୍କା ହୋଇ ଯାଉଅଛି ବହି
ଗାଇ ପ୍ରଭୁ ନାମାମୃତ ।

ସେ ଅମୃତ ଧାରେ ଭିଜରେ ମାନବ
ସଂସାରରୁ ଯିବ ତରି
ମିଛମାୟା ଭରା ସମ୍ମୋହନ ସୁରା
ରଖିବନି ବାନ୍ଧିକରି ।

ସମ୍ପାଦିକା
ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦ
ଗତିରାଉତ ପାଟଣା,ଡିହସାହି,କଟକ
ମୋ: ୮୯୧୭୪୧୬୨୫୧

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୫ ମାର୍ଚ୍ଚ, ସୋମବାର, ୨୦୨୪

# ହୋଲି... ହୋଲି...



## ଓଲକଣା ମେଲଣ : ଏକ ଅନନ୍ୟ ପରମ୍ପରା

ବଟକୃଷ୍ଣ ସାମଲ



ଓଡ଼ିଶାର ପାରମ୍ପରିକ ମୁଖ୍ୟ ଯାତ୍ରା ଭାବରେ ଲୋକ ମୁଖରେ ଶୁଣାଯାଉ ଥିବା ମଧ୍ୟରୁ.. ଓଳକଣା ମେଲଣ ଆଳିରାଜା ଝୁଲଣ ଅସୁରେଶ୍ୱର ରାମ ନବମୀ, ଶ୍ରୀକ୍ଷେତ୍ରରେ ଚନ୍ଦନ। ଓଳକଣା ମେଲଣ ଅନୁଷ୍ଠିତ ହେଉଥିବା ପଡ଼ିଆଟି କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଅରାଖଣ୍ଡ ଓ ନୀଳକଣ୍ଠପୁର ଏବଂ କଟକ ଜିଲ୍ଲା ମାହାଙ୍ଗା ଅର୍ନ୍ତଗ ଓଳକଣା ଗ୍ରାମର ମଧ୍ୟ ସ୍ଥଳିରେ ଅବସ୍ଥିତ। ପଡ଼ିଆର ୯୦ ଭାଗ କେନ୍ଦ୍ରାପଡ଼ା ଜିଲ୍ଲାରେ ରହିଥିବା ବେଳେ ମାହାଙ୍ଗାର ଓଳକଣା ଗ୍ରାମରେ ୧୦ ଭାଗ ରହିଅଛି। ମେଲଣ ସୃଷ୍ଟି କେବେ ଠାରୁ ଆରମ୍ଭ ତାହା ଏ ପର୍ଯ୍ୟନ୍ତ ସଠିକ ଭାବେ ନିର୍ଣ୍ଣୟ କରାଯାଇ ପାରିନାହିଁ। ମୋ ଅନୁମାନ ଏହାର ଦୁଇଟି ପ୍ରକାର ହୋଇପାରେ ଏଠାରେ ମୁଁ ପ୍ରଥମେ ପୌରାଣିକ ଏବଂ କିମ୍ବଦନ୍ତୀ ତଥା ପ୍ରଚଳିତ ଲୋକକଥାଟିକୁ ଆପଣ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଉଚିତ ମନେ କରୁଛି। ହୋଲି ଉତ୍ସବ ଓ ମେଲଣ ମାନଙ୍କରେ ବିମାନରେ ପ୍ରାୟତଃ ରାଧାକୃଷ୍ଣ ମୂର୍ତ୍ତି ବିରାଜମାନ ହୋଇ ଆସିଥାନ୍ତି, କିନ୍ତୁ ଉକ୍ତ ଓଳକଣା ମେଲଣ ବିଶିଷ୍ଟତା ଏହି ଯେ ଏଠାରେ ହରିହର ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣ ଓ ଶିବଶମ୍ଭୁଙ୍କ ମିଳନ ହୋଇଥାଏ। ପ୍ରତ୍ୟେକ ବିମାନରେ ରାଧାକୃଷ୍ଣଙ୍କ ମୂର୍ତ୍ତି ଆସିଥିବା ବେଳେ ଭଦ୍ରେଶ୍ୱରରୁ ବୀରଭଦ୍ରଶ୍ୱରଙ୍କ ପ୍ରତୀକ ସ୍ୱରୂପ ଆଜ୍ଞା ଚୁଳମାଳ ବିମାନରେ ମେଲଣକୁ ଆସି ହରିହର ଭେଟ ବା ମେଲଣ ଅନୁଷ୍ଠିତ ହୋଇଥାଏ। କିମ୍ବଦନ୍ତୀ ଓ ଲୋକସ୍ମୃତି କୁହେ, ଦ୍ୱାପର ଯୁଗରେ ପାଣ୍ଡବ ମାନଙ୍କ ଅଜ୍ଞାତବାସ ସମୟରେ ପାଣ୍ଡବମାନେ କିଛି ଦିନ ପାଇଁ ନିକଟସ୍ଥ ଏକ ସ୍ଥାନରେ ଡେରା ପକାଇ ରହିଥିବାରୁ ସେହି ଗ୍ରାମଟିର ନାମ ଡେରାଡିହ ନାମରେ ନାମିତ ହୋଇଛି। ବର୍ତ୍ତମାନ ଯାହା ପଞ୍ଚୁପାଣ୍ଡବ ଛକ ନାମରେ ପ୍ରଚାରିତ। ପାଣ୍ଡବମାନଙ୍କ ହିତୌଷୀ ଯଥା ମହାତ୍ମା ବିଦୂର, ଭକ୍ତ ଉଦ୍ଧବ, ପିତାମହ ଭୀଷ୍ମ ଇତ୍ୟାଦି ତାଙ୍କର ପ୍ରିୟ ପାଣ୍ଡବ ମାନଙ୍କୁ ସାକ୍ଷାତ କରିବା ନିମନ୍ତେ ଆସି ସେ ସମୟରେ ବୋଧେ ପାଣ୍ଡବ ମାନେ ଅବସ୍ଥାନ କରୁଥିବା ଅନତି ଦୂରରେ ଅରାଖଣ୍ଡ ଠାରେ କିଛି ଦିନ ଅବସ୍ଥାନ କରି ଥିବାରୁ ସେଠାରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ମନ୍ଦିର ମାନଙ୍କରେ ତାଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ଅଦ୍ୟାବଧି ପୂଜାର୍ଚ୍ଚନା କରାଯାଉଅଛି।

ହରିହର ମେଲଣର ତାତ୍ପର୍ଯ୍ୟ ସମ୍ପର୍କରେ ନିକଟସ୍ଥ ଗୋପାଳପୁର ଗ୍ରାମର କବି ଦ୍ୱିତୀୟ ଉପେନ୍ଦ୍ରଭଞ୍ଜ ସ୍ୱର୍ଗତ ଗୋଲକଚନ୍ଦ୍ର ପ୍ରଧାନ ତାଙ୍କ ତୁଳସୀ କାବ୍ୟରେ ଉଲ୍ଲେଖ କରି ଲେଖିଛନ୍ତି ଯେ, ପ୍ରଭୁ ବଳରାମ ବ୍ରହ୍ମହତ୍ୟା ପାପରୁ ମୋକ୍ଷ ହେବା ନିମନ୍ତେ ଭାରତ ବର୍ଷର ବିଭିନ୍ନ ତୀର୍ଥ ପର୍ଯ୍ୟଟନ ସମୟରେ ଓଁ କାର କ୍ଷେତ୍ର ଓଳକଣାରେ ପ୍ରବେଶ କରିଛନ୍ତି। କବି ଲେଖିଛନ୍ତି ଯେ. 'ନୈମିଷ୍ୟା ଅରଣ୍ୟେ ବଲ୍କଳ ନିଧନେ, ମନେ ଭରି ମହା ଦୁଃଖ, ବ୍ରହ୍ମହତ୍ୟା ପାପ ବିମୋଚନେ ଅବା, ସେ ପାପୁ ହେବାକୁ ମୋକ୍ଷ।। ଧରି ମହାଙ୍ଗଳ ଘୁରେ ମହାକାଳ, ଭାରତ ତୀର୍ଥ ସକଳ, ଭଯେ ବୈତକୂଳେ ଲୁଚନ୍ତି ଆକୁଳେ, ଭେଟିବ କି କାମପାଳ।। ବୈଦ୍ୟନାଥ ଧାମ ଅଗସ୍ତି ଆଶ୍ରମ, ସେମାନାଥ ରାମେଶ୍ୱର। ଭରଦ୍ୱାଜଶ୍ରମ ତ୍ରେବେଣୀ ସଙ୍ଗମ, ବଦ୍ରୀନାଥ ହରିଦ୍ୱାର।। ଗୋକର୍ଣ୍ଣ ତୀର୍ଥରେ କରି ମହାସ୍ନାନ, ଗୟାରେ କରି ତର୍ପଣ। ଉତ୍କଳର ତୀର୍ଥ ପର୍ଯ୍ୟଟନ ଲାଗି, ଧାଇଁ ଅଛି ଶଙ୍କର୍ଷଣ।। ସର୍ବତୀର୍ଥ ଘୁରି ଘୁରି ମହାବଳୀ, ଓଳକଣାରେ ପ୍ରବେଶ। ଗ୍ରାମ୍ୟ ଆଦ୍ୟ ପ୍ରାନ୍ତ ଆରମ୍ଭ ସମାପ୍ତ, ଜାଣି ନପାରି ବିଶେଷ।। ଗୁପ୍ତ ତୀର୍ଥ ଠାରୁ ଭଦ୍ରେଶ୍ୱର ଯାଏ, ସର୍ବ ଓଳକଣା ପୁର। ଗ୍ରାମ ମଧ୍ୟେ ଗଣା ଅଗ୍ରେ ଓଳକଣା, ସର୍ବ ଦେବାଦେବୀ ଠୁଳ।। ବିଦୂରଙ୍କ ଶୁଭ ଆର୍ବିଭାବେ ସର୍ବ, ଦେବା ଦେବୀ ଯହିଁ ଖ୍ୟାତି। ମାଳିକା ପ୍ରସିଦ୍ଧ ଗ୍ରାମ ସିଦ୍ଧୋସିଦ୍ଧ, ଯେଣୁ ତୁହି ପୂଣ୍ୟ ବତୀ।। ବିଦୂର ବିରହ ଦଗ୍ଧ ଯୁଧିଷ୍ଠିର, ସଙ୍ଗେ ଘେନି ମାତା ଭ୍ରାତା। ଦ୍ୱାପର ଯୁଗରୁ ଡେରାଜିହ ଗ୍ରାମେ, ହୋଇଛନ୍ତି ଉପଗତ।। ଅଜ୍ଞାତବାସରେ ପକାଇଲେ ଡେରା, ପାଣ୍ଡବ ଯେ ପାଞ୍ଚଭାଇ। ପଞ୍ଚୁପାଣ୍ଡବଙ୍କ ଡେରା ପଡ଼ିବାରୁ, ଗ୍ରାମ ନାମ ଡେରାଡିହି।। ଅରାଖଣ୍ଡ ଗ୍ରାମେ ଗୁରୁ ଦ୍ରୋଣାଚାର୍ଯ୍ୟ, ସନ୍ନିକଟେ ମହାବୀର। ଉତ୍କଳ ଦୂର୍ଦ୍ଦଶା ମୋଚନେ ଦ୍ୱାପରୁ, ଆସି ସୁମତି ବିଦୂର।। ଅରାଖଣ୍ଡ ଗ୍ରାମେ ସାଧଲେ ସାଧନା, ରଚିଲେ ତହିଁ ସମାଧି। ଚାରି ପାରୁଶରେ ଦେବା ଦେବୀ ଛନ୍ତି, ଗୁପ୍ତ କ୍ଷେତ୍ର ମନେ ଭାବି।। ଗୁପ୍ତେ ସୁବଳୟା ନଦୀ ବହୁଅଛି, ଗୁପ୍ତ ମାଳିକା ପ୍ରମାଣ। ପୂର୍ବ ଦିଗେ ରହିଛନ୍ତି ମହାକାଳୀ, ବାସନ୍ତୀ ଯାହାଙ୍କ ନାମ।। ବାମ ପାର୍ଶ୍ୱ ଉଦ୍ଧବ ଗାଦୀ ବିରାଜେ, ଦକ୍ଷୀଣେ ଶ୍ରୀଜଗନ୍ନାଥ। କ୍ଷେତ୍ର ତିନି ଦିଗେ ସମ୍ମୁରେ ଗରୁଡ଼, ଜଗିଛନ୍ତି ତିନିପଥ।। ପାଶେ ଅଷ୍ଟଶମ୍ଭୁ ଧ୍ୟାନେ ମଗ୍ନ ଛନ୍ତି, ଉତ୍ତରେ ସ୍ୱୟଂ ବିଦୂର। ଗୁପ୍ତେ କେତେ ଦେବା ଦେବୀ ରହିଛନ୍ତି ବର୍ଣ୍ଣିବାକୁ ଶକ୍ତି କାର।। ଭକ୍ତ ଜନ ମାନ ତୁହି ଏକା କାମ୍ୟ, ପୁଣ୍ୟବତୀ ଓଳକଣା। ତୋ ତତ୍ୱ ନପାଇ କେତେ ମୁନିଋଷି, ଜ୍ଞାନୀ ହେଉଛନ୍ତି ବଣା।। ବ୍ରହ୍ମହତ୍ୟା ପାପୁ ହୋଇବାକୁ ମୋକ୍ଷ, ନିଜେ ଶ୍ରୀକୃଷ୍ଣ ସତୋର, ଭ୍ରମୁ ଭ୍ରମୁ ତୋର ପୁରେ ଉପଗତ, ମହାକୋପି ହଳଧର।। ନପାଇ ତୋ ଭେଦ ମନେ ବହି ଖେଦ, ବାହୁଡ଼ନ୍ତି କାମପାଳ।। ଏ କାଳେ ମିଳିଲେ ଅଗ୍ରେ ଉଭା ହେଲେ, ଆସି ସୁମତି ବିଦୂର।। ମାଗନ୍ତେ ବିଦାୟ ନେତ୍ରୁ ଝାରି ଲୁହ, କହନ୍ତି ଭକ୍ତ ବିଦୂର! ଦର୍ଶନ ନିମନ୍ତେ ମୋ ପ୍ରାଣ ଲାଳସା, ପୂର୍ଣ୍ଣ କର ହଳଧର!! ତବ ଶମ୍ଭୁ ରୂପ ସଙ୍ଗେ ହରି ରୂପ, ଦେଖିବାକୁ ମୋର ମନ! ବରଷକେ ଥରେ କରିବି ଦର୍ଶନ ହରି ହରଙ୍କ ମିଳନ!! ତବ ମନୋବାଞ୍ଛା କରିବି ପୂରଣ, ତବା ଦେଶ ଶିରୋଧାର୍ଯ୍ୟ! ହରି ହର ଭାବେ ଦେବୁ ଆମ୍ଭେ ଦେଖା, ବର୍ଷକରେ ହେବ କାର୍ଯ୍ୟ।, ସେହି ଦ୍ୱାପରରୁ ଫଗୁ ଚର୍ତୁଦଶୀ, ରାତ୍ରରେ ହୁଏ ମିଳନ! ଯୁଗ ଯୁଗ ଧରି ହୋଇ ଆସୁଅଛି, ଏ ଓଳକଣାର ମେଲଣ।।'

ମେଲଣ ଯାତ୍ରାର ବର୍ଣ୍ଣନା କରି କବି ଲେଖିଛନ୍ତି ଯେ, 'ବିନା ନିମନ୍ତ୍ରଣେ ଠାକୁରେ ଆସନ୍ତି ଶୋଭାରେ ନେତ୍ର ଝଲକେ ଅଗଣିତ ବିମାନ ହୁଅନ୍ତି ଠୁଳ, ଚାହୁଁ ଚାହୁଁ ଅପଲକେ।। କାହିଁ ନୃତ୍ୟ କାହିଁ ସଂକ୍ରୀର୍ତ୍ତନ ହୁଏ, ଢ଼ୋଲ ମୃଦଙ୍ଗ କଂସାଳ।। ଭେରୀ ତୁରୀ ଘଣ୍ଟା ନାଦରେ କମ୍ପାଏ, ପକାଇ ରାତ୍ରେ ଚହଳା, ବସ୍ତ୍ର କେଳା କେଲୁଣି ନାଚନ୍ତି, ଫୁଟଇ ଆତସ ବାଜି।। ଗହ ଗହ ନାଦେ ବିରାଟ ଶବଦେ, ଆଲୋକ ମାଳାରେ ସାଜି।। କେ ମାଇଲ ପିଚକାରୀ କେ ଅବିର, ଫିଙ୍ଗୁଥାନ୍ତି ନିରନ୍ତର। ଗୁରୁ ଲଗୁ ଭେଦା ଭାଦ ଭାବ ନାହିଁ, ହୋଲିରେ ସର୍ବେ ବିଭୋର।। ଉଦଣ୍ଡ କୀର୍ତ୍ତନେ ନାଚେ ଚନ୍ଦ୍ର ତାରା, ଆନନ୍ଦେ ନାଚେ ବାସୁକି।। ବିଦୂର ଘରର ଶାଗ ଭାତ ପାଇଁ, ଭକ୍ତ ରହିଥାନ୍ତି ଟାକି।। କି ବର୍ଣ୍ଣିବି ତୋର ମହିମା ଅପାର, ତତ୍ତ୍ୱଜ୍ଞାନ ଗନ୍ତାଘର। ବାରମ୍ବାର ତୋତେ ପ୍ରଣାମ ଜଣାଏ, ଏ ଅଜ୍ଞାନ ମୁକ ଛାର।।'

ମହାତ୍ମା ବିଦୂର ପ୍ରଭୁ ବଳରାମଙ୍କୁ ବର ମାଗିଥିଲେ ଯେ ମୁଁ ଏହି କ୍ଷେତ୍ରରେ ପ୍ରତ୍ୟେକ ବର୍ଷ ଫାଲଗୁନ ଚତୁର୍ଦ୍ଦଶୀ ରାତ୍ରୀ ବ୍ରାହ୍ମ ମୁହୂର୍ତ୍ତରେ ଆପଣଙ୍କ ଶିବଶମ୍ଭୁ ଓ ଭଗବାନ ଶ୍ରୀକୃଷ୍ଣଙ୍କ ମିଳନ ରାହାସ ଦେଖିବା ପାଇଁ ମୋତେ ବର ପ୍ରଦାନ କରନ୍ତୁ। ବିଦୁରଙ୍କ ଅନୁରୋଧ ରକ୍ଷା କରି ପ୍ରଭୁ ବଳରାମ ବିଦୁରଙ୍କୁ ବର ପ୍ରଦାନ କରି ଏଠାରେ ହରିହର ଭେଟ ବା ମେଲଣ ଅନୁଷ୍ଠିତ ହେବାକୁ ବର ପ୍ରଦାନ କରିଥିବା ହେତୁ ଏହି ମେଲଣ ଅନୁଷ୍ଠିତ ହୋଇ ଆସୁଥିବା ଲୋକ ମାନଙ୍କ ମୁଖରୁ ଶୁଣିବାକୁ ମିଳେ। ଏହା ବ୍ୟତୀତ ଅନ୍ୟ ଏକ ଐତିହାସିକ ତଥ୍ୟ ଅନୁଯାୟୀ ଆଳି ରାଜାଙ୍କ ଦ୍ୱାରା ଉକ୍ତ ମେଲଣ ସୃଷ୍ଟି ହୋଇ ଥିବାର ଅନୁମାନ କରାଯାଏ। ଉକ୍ତ ମେଲଣର ନୀତି ନିୟମ, ପାରିପାର୍ଶ୍ୱିକ ଅବସ୍ଥା ଓ ପରମ୍ପରାରୁ ଦୃଢ଼ ବିଶ୍ୱାସ ହୁଏ ଯେ, ମୋଗଲବନ୍ଦୀ ଓ ରାଜଯୋଡ଼ା ଅଞ୍ଚଳକୁ ସଂଗଠିତ କରି ରଖି ଦେଶୀୟ ରାଜ୍ୟ ମାନଙ୍କୁ ମୋଗଲ ମାନଙ୍କ ଆକ୍ରମଣ ଏବଂ ଦଖଲ କରିବା ଉଦ୍ଦେଶ୍ୟକୁ ପ୍ରତିହତ କରେଯିବା ନିମନ୍ତେ ଏହି ମେଲଣ ମାଧ୍ୟମରେ ମୋଗଲ ମାନଙ୍କ ଦେଶୀୟ ରାଜ୍ୟ ଦଖଲକୁ ରୋକିବା ବା ବାଧା ଦେବା ନିମନ୍ତେ ଏହାକୁ ଆଳି ରାଜାଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବାର ଅନୁମାନ କରାଯାଏ। ତାର ପ୍ରମାଣ ସ୍ୱରୂପ ଉକ୍ତ ମେଲଣକୁ ହାରାହାରି ୨୦୦ରୁ ଉର୍ଦ୍ଧ୍ୱ ବିମାନରେ ଠାକୁରମାନେ ଆସୁଥିଲେ ମଧ କେବଳ ଆଳି ରାଜାଙ୍କ ବିମାନରେ ଆସୁଥିବା ମା' ଲକ୍ଷ୍ମୀଙ୍କ ବିମାନ ବିଜେ କରୁଥିବା ସ୍ଥାନରେ ବେଦୀ ବନ୍ଧା ଯାଇ କଦଳୀ ଗଛ ପୋତା ହୋଇ ବେଦୀ ଉପରେ ଚାନ୍ଦୁଆ ବା ଚନ୍ଦ୍ରାତପ ଟଙ୍ଗା ଯାଇଥାଏ। ଅନ୍ୟ କୌଣସି ବିମାନ ପାଇଁ ଏ ବ୍ୟବସ୍ଥାନ ନଥାଏ। ପରମ୍ପରା ଅନୁଯାୟୀ ସର୍ବ ପ୍ରଥମେ ଆଳି ରାଜାଙ୍କ ବିମାନ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥାନ୍ତି। ନିୟମ ରହିଛି ଯେ ରାଜାଙ୍କ ବିମାନ କୌଣସି କାରଣ ବଶତଃ ଯଦି ପଡ଼ିଆକୁ ପ୍ରବେଶ ନକରି ପାରିଥାନ୍ତି ଏବଂ ଯଦି ଅନ୍ୟ କୌଣସି ବିମାନ ପଡ଼ିଆକୁ ଆସି ଯାଇଥାନ୍ତି ତାହାହେଲେ ସେମାନେ ବିମାନ ବସାଇ ପାରିବେ ନାହିଁ। ରାଜାଙ୍କ ବିମାନ ଆସି ସ୍ଥାନ ଗ୍ରହଣ ନକରିବା ପର୍ଯ୍ୟନ୍ତ ବିମାନ ଗୁଡ଼ିକ ସ୍ଥାନ ଗ୍ରହଣ ନକରି ପୂର୍ବବତ କାନ୍ଧରେ ରହିବେ। ପ୍ରଚାରିତ ହୁଏ ଯେ ବିନା ନିମନ୍ତ୍ରଣରେ ଠାକୁରମାନେ ବିମାନରେ ମେଲଣକୁ ଆସିଥାନ୍ତି କିନ୍ତୁ ତାହା ମଧ ଠିକ୍ କଥା ନୁହେଁ। ମେଲଣ କାର୍ଯ୍ୟକ୍ରମ ଶେଷ ହେବା ପରେ ଆଳି ରାଜାଙ୍କ ବିମାନ ତରଫରୁ ତାଙ୍କର ତତ୍ତ୍ୱାବଧାରକମାନେ ପ୍ରତ୍ୟେକ ବିମାନ ମାନଙ୍କୁ ଚନ୍ଦନ ଓ ଫୁଲମାଳ ଦେଇ ଆସନ୍ତା ବର୍ଷ ମେଲଣକୁ ଆସିବାକୁ ନିମନ୍ତ୍ରଣ କରିଥାନ୍ତି। ଏଥିରୁ ବିଶ୍ୱାସ କରାଯିବା ସ୍ୱାଭାବିକ ଯେ, ପ୍ରଥମେ ମେଲଣ ଆରମ୍ଭ କରାଯିବା ସମୟରେ ଆଳି ରାଜାଙ୍କ ଦ୍ୱାରା ଠାକୁର ମାନଙ୍କୁ ନିମନ୍ତ୍ରଣ କରାଯାଇଅଛି। ଭବିଷ୍ୟତରେ କାଳେ ରାଜାଙ୍କ ଆଗାମୀ ଉତ୍ତରାଧିକାରୀଙ୍କ ତରଫରୁ ପ୍ରତ୍ୟେକ ବର୍ଷ ବିମାନ ମାନଙ୍କୁ ନିମନ୍ତ୍ରଣ ଦେବାର ଅବହେଳା ଜନିତ ତ୍ରୁଟି ସୃଷ୍ଟି ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖାଯାଇ ଆଗାମୀ ବର୍ଷ ମେଲଣକୁ ଆସିବା ପାଇଁ ମେଲଣ ଶେଷର ପ୍ରତ୍ୟେକ ଠାକୁରଙ୍କୁ ଏହିଭଳି ଫୁଲ ଚନ୍ଦନ ଦିଆଯାଇ ନିମନ୍ତ୍ରଣ କରାଯାଇଥାଏ। ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ଏହି ପବିତ୍ର ଆଧାତ୍ମିକ ସ୍ୱାକ୍ଷର ବହନ କରୁଥିବା ଓଳକଣା ମେଲଣଟି ଆଳି ରାଜାଙ୍କ ଦ୍ୱାରା ସୃଷ୍ଟି ହୋଇଥାଇପାରେ। (ଜୟ ଓଁ କାରକ୍ଷେତ୍ର ଓଳକଣା ଧାମ)

+ଅରାଖଣ୍ଡ, ଓଳକଣା, ଡେରାବିଶ,
କେନ୍ଦ୍ରାପଡ଼ା, କଟକ,
ମୋ : ୯୪୩୯୧୭୫୫୨୯ /
୯୯୩୭୧୫୩୬୬୯

## ପ୍ରେମ ଓ ଫଲଗୁର ପାର୍ବଣ ଦୋଳ

ତପନ କୁମାର ପାଲ

ଦୋଳଯାତ୍ରାର ପ୍ରଥମ ଦିନକୁ ଫଗୁ ଦଶମୀ କୁହାଯାଇଥାଏ । ଏହା ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନରେ ପାଳିତ ହୁଏ । ଭଗବାନ ବିଷ୍ଣୁଙ୍କ ଅବତାର ସ୍ୱୟଂ ଜଗନ୍ନାଥଙ୍କ ଅନ୍ୟ ନାମ ହେଉଛି ଗୋବିନ୍ଦ । ଫଗୁ ଦଶମୀ ତିଥିରୁ ସାଧାରଣତଃ ଗୋବିନ୍ଦଙ୍କର ଯାତ୍ରା ଏବଂ ଗ୍ରାମ ପରିକ୍ରମା ଆରମ୍ଭ ହୋଇଥାଏ । ଆଧ୍ୟାତ୍ମିକ ଭାରତ ବର୍ଷର ବିଭବକୁ ଦେଖିଲେ ସବୁଧର୍ମ ସମ୍ପ୍ରଦାୟ ହୋଲିକୁ ଏକ ଆନନ୍ଦ ଓ ଭାତୃତ୍ୱ ଅତୁଟ ବନ୍ଧନୀର ଅନ୍ୟତମ ଗଣ ଉତ୍ସବ ଭାବେ ଅଭିହିତ



© Sanjeev Gupta/SOPA Images/ZUMA Press Wire/picture alliance

କରିଥାନ୍ତି। ଯୁଗାବତାର ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଫଗୁ ବା ହୋଲିର ଆଧାତ୍ମିକ ତାତ୍ପର୍ଯ୍ୟ ଓ ଏହାର ଆମ ସାମାଜିକ ଜନଜୀବନରେ ଧାର୍ମିକ ବିଶ୍ୱାସକୁ ନେଇ କହିଛନ୍ତି - 'ଦୋଳ ହେଉଛି ଜୀବନର ଉତ୍ସ। ସଂଘର୍ଷମୟ ଜୀବନରେ ଆକୁଣ୍ଚନ ଓ ସମ୍ପ୍ରସାରଣ, ଆକର୍ଷଣ ଓ ବିକର୍ଷଣ, ସଂଘାତ ଓ ପ୍ରତିଘାତ, ଯୁକ୍ତ ଓ ବିଯୁକ୍ତର ଆକର୍ଷଣ ମାଧ୍ୟମରେ ଜୀବନ ଯେଉଁ ଦୋଳରେ ଗତି କରୁଛି ସେହି ଦୋଳର ଆତ୍ମା ହେଉଛନ୍ତି ଲୀଳାମୟ ଭଗବାନ ଶ୍ରୀକୃଷ୍ଣ। ଏହି ଦୋଳ ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କ ଯାତ୍ରା। ଜୀବନର ଆରମ୍ଭରୁ ବିଲୟ ପର୍ଯ୍ୟନ୍ତ ଏହି ଦୋଳର ଆତ୍ମା ଭଗବାନ କୃଷ୍ଣଙ୍କ ପ୍ରତି ଅତୁଟ ଆକର୍ଷଣ ଆମ୍ଭମାନଙ୍କୁ କେନ୍ଦ୍ରାୟିତ ଶକ୍ତିରେ ଆକର୍ଷଣ କରିରଖେ। ଏହି କେନ୍ଦ୍ରାୟିତ ଶକ୍ତିର ଆକର୍ଷଣ ବଳରେ ସୌରଜଗତ ଓ ବ୍ରହ୍ମାଣ୍ଡର ସମସ୍ତ ଗ୍ରହ, ନକ୍ଷତ୍ର ଏକ ଅର୍ନିବଚନୀୟ ଶକ୍ତିର ମୋହରେ ଗତି କରି ଚାଲିଛି। ସ୍ୱ-ଅୟନସୂତ ବୃତ୍ତ୍ୟାଭିଧାନ ତପସ୍ୟାର ଗତି ଅସ୍ତି ଅଧିଜାତ ହେଲା। ଭବସାଗରର ନାଭିବ୍ରହ୍ମରୁ ସଂସାରର ସୃଷ୍ଟି, ଆଉ ତାର ଆକର୍ଷଣ ହେଉଛି

ଦୋଳ ଓ ଦୋଳର କେନ୍ଦ୍ର ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ। ଦୋଳଯାତ୍ରାର ଅନ୍ୟତମ ପ୍ରଧାନ ବିଭବ ହୋଲି ବା ରଙ୍ଗ ଖେଳ ।

ପବିତ୍ର ହୋଲି ଉତ୍ସବ ଓଡ଼ିଶାରେ ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନରୁ ଆରମ୍ଭ ହୋଇଥାଏ । ଏହି ଉତ୍ସବରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର 'ଚାଚେରୀ ବେଶ' ଅନୁଷ୍ଠିତ ହୋଇଥାଏ । ଦୋଳ ଉତ୍ସବ ଉପଲକ୍ଷେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଦୋଳ ମଣ୍ଡପକୁ ବିଜେ କରନ୍ତି । ଦୋଳ ପୂର୍ଣ୍ଣିମାରେ ଶ୍ରୀ ମହାପ୍ରଭୁଙ୍କର ରାଜବେଶ ଅନୁଷ୍ଠିତ ହୋଇଛି । ଦୋଳ ଉତ୍ସବ ସମ୍ବନ୍ଧରେ ଅନେକ ଶାସ୍ତ୍ରୀୟ ମତ ରହିଛି । ସେଥିମଧ୍ୟରେ ପଦ୍ମ ପୁରାଣର ପାତାଳଖଣ୍ଡରେ ଉଲ୍ଲେଖ ରହିଛି - 'ବିଶେଷତଃ କଳିଯୁଗେ, ଦୋଳୋତ୍ସବ ବିଧୀୟତେ । ଫାଲଗୁନେ ଚ ଚତୁର୍ଦ୍ଦଶ୍ୟାମଷ୍ଟମେ ଯାମସଂଜ୍ଞକେ ।। ଅଥବା ପୌର୍ଣ୍ଣମାସ୍ୟାଂ ତୁ ପ୍ରତିପତ୍ ସନ୍ଧିମିଶ୍ରିତୌ । ପୂଜୟେଦ୍ ବିଧିବଦ୍ ଭକ୍ତ୍ୟା ଫଲଗୁଚୂର୍ଣ୍ଣେ ଶ୍ଚତୁର୍ବିଧୈଃ ।।' ସ୍କନ୍ଧ ପୁରାଣର ବର୍ଣ୍ଣନାଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ଦୋଳଉତ୍ସବ ଦୋଳମଣ୍ଡପରେ ଅନୁଷ୍ଠିତ ହୋଇଥାଏ । ସେହିପରି ଗରୁଡ଼ ପୁରାଣ ଅନୁସାରେ, ହୋଲି ଉତ୍ସବ ଏକମାସ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଦୋଳପୂର୍ଣ୍ଣିମାରେ ଶେଷ ହୁଏ । ଏହି ଉତ୍ସବରେ ଶ୍ରୀଜଗନ୍ନାଥଙ୍କୁ ଦୋଳ ବେଶରେ ସଜ୍ଜିତ କରାଇ, ଗୋପୀମାନେ ତାଙ୍କ ଉପରେ ନାନା ପ୍ରକାର ସୁଗନ୍ଧିତ ଚୂର୍ଣ୍ଣ ବର୍ଷଣ କରନ୍ତି । 'ଗୋପୀଭିଶ୍ଚୈବ ଗୋପାଳୈ ର୍ଲୀଳାନ୍ଦୋଳିକୟାନଗମ୍, ଚିନ୍ତୟିତ୍ୱା ଜଗନ୍ନାଥଂ ବିବିକେଦ୍ ଗନ୍ଧ ଚୂର୍ଣ୍ଣକୈ, ଦୋଳାରୂଢ଼ଂ ସମଭ୍ୟର୍ଚ୍ଚ୍ୟ ମାସମାନ୍ଦୋଳୟେତ୍ କଳୌ' । ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବ ମୁଖରିତ ହୋଇଉଠିଥାଏ । ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦିତ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚି ଯାଆନ୍ତି । ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦିତ କରିଥାନ୍ତି ଠିକ୍ ସେହିପରି ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେବା ପାଇଁ ଦୋଳଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତ ମାନଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥାନ୍ତି । ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ ଭାରତର ସର୍ବତ୍ର ପ୍ରଚଳିତ । ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ ଯାହାର ନାମ ଥାଏ ଦୋଳମଣ୍ଡପ । ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅଭିର ଅର୍ପଣ କରିଥାନ୍ତି । ସପ୍ତଖଣ୍ଡ ହରିବଂଶ (ତୃତୀୟ ଖଣ୍ଡର)ତଥ୍ୟ ଅନୁଯାୟୀ 'ପରିମାଣ ଅଟେ ତାର ଶହେ ହାତସ୍ଥଳୀ, ସାତତାଳ ଉଚ୍ଚ ସେ ଯେ ନୁହଇ ତା କଳି ।' ରାଧାକୃଷ୍ଣଙ୍କୁ ଦୋଳ ଉତ୍ସବରେ ପୂଜା କରିବାର ଅର୍ଥ ଶ୍ରୀକୃଷ୍ଣଙ୍କ ସହ ଶତସହସ୍ର ଗୋପୀ ନାରୀଙ୍କ ଲୀଳାକୁ ଆନ୍ତରିକତାର ସହିତ ସମ୍ମାନ ପ୍ରଦର୍ଶନ କରିବା । ସେଥିପାଇଁ କୁହାଯାଇଛି - 'ହରେମୁରାରେ ମଧୁକୈଠଭାରେ ଗୋବିନ୍ଦ ଗୋପାଳ ମୁକୁନ୍ଦସୋରେ, ଯଜ୍ଞେଶନାରାୟଣ ବାସୁଦେବୋ, ନିରାଶ୍ରୟମାମ୍, ଅନୁକୂଳରକ୍ଷଃ।' ପରମ ପ୍ରେମମୟ ମହାପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଅଗଣିତ କୃଷ୍ଣପ୍ରେମୀ ମାନଙ୍କୁ ଶୁଭାଶୀର୍ବାଦ ଦେଇ ସେମାନଙ୍କ ଭିତରେ ଶୋଭନୀୟର ଫଲଗୁର ଧାରା ପ୍ରବାହିତ କରନ୍ତୁ ଏହା ହିଁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ ପ୍ରାର୍ଥନା ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ /
୭୯୭୮୭୯୬୬୩୩

## ସ୍ମରଣୀୟ ହୋଲି ଗୀତ

ଅଭୟ କୁମାର ଦାସ

ହୋଲିର ରଙ୍ଗ ମାହୋଲ ଭିତରେ ଅନେକ ଚଳଚ୍ଚିତ୍ର ସ୍ମରଣକୁ ଆସୁଛି। ଫଗୁ ଓ ଫଗୁଣର ମହୋତ୍ସବ ପାର୍ବଣ ହୋଲି ସମସ୍ତଙ୍କ ଭିତରେ ଜୀବନ୍ତ ଓ ସ୍ମୃତି ବିଜଡ଼ିତ। ସିନେମା ଭିତରେ ଆମ ସାମ୍ନାକୁ ଯେଉଁ ହୋଲି ଗୀତର ଧୁନ୍ ଚିର ଅଭୁଲା ଓ ସ୍ମରଣୀୟ ସେଗୁଡ଼ିକ ହେଉଛି

'ଆନ' ଚଳଚ୍ଚିତ୍ରର ଖୋଲୋ ରଙ୍ଗ୍ ହମାରେ ସଙ୍ଗ୍... : ବଲିଉଡର ପ୍ରଥମ ଟେକନିକଲର ଫିଲ୍ମ 'ଆନ୍'ରେ ଖଞ୍ଜା ଯାଇଥିଲା ରଙ୍ଗଭରା ହୋଲି ଗୀତ ଖେଲୋ ରଙ୍ଗ ହମାରେ ସଙ୍ଗ...। ଫିଲ୍ମଟି ୧୯୫୩ରେ ରିଲିଜ ହୋଇଥିଲା। ଏହା ହୁଏତ ପ୍ରଥମ ହୋଲି ଗୀତ ହୋଇନପାରେ, କିନ୍ତୁ ଏକ ସ୍ମରଣୀୟ ହୋଲି ଗୀତ। ଫିଲ୍ମର ନିର୍ଦ୍ଦେଶକ ଥିଲେ ନୌଶାଦ୍। ଶମଶାଦ ବେଗମ୍ ଓ ଲତା ମଙ୍ଗେସକର ଗାଇଥିବା ଏ ଗୀତରେ ଅଭିନୟ କରିଥିଲେ ଦିଲ୍ଲୀପ କୁମାର ଓ ମଙ୍ଗଲା। ସେହିପରି 'ମଦର ଇଣ୍ଡିଆ' ଚଳଚ୍ଚିତ୍ରର ହୋଲି ଆୟି ରେ କହ୍ନାଇ ହୋଲି ଆଇ ରେ..... : ଓସ୍କାର ପାଇଁ ମନୋନୀତ ହୋଇଥିବା ପ୍ରଥମ ହିନ୍ଦୀ ଫିଲ୍ମ ମଦର ଇଣ୍ଡିଆ। ୧୯୫୮ରେ ରିଲିଜ ହୋଇଥିଲା। ଫିଲ୍ମରେ ଥିଲା ଏକ ଜମାଣିଆ ହୋଲି ଗୀତ ହୋଲି ଆୟି ରେ କହ୍ନାଇ ହୋଲି ଆଇରେ। ଏ ଗୀତରେ ଅଭିନୟ କରିଥିଲେ ନର୍ଗିସ ଓ ରାଜକୁମାର। କଣ୍ଠଦାନ କରିଥିଲେ ଲତା ମଙ୍ଗେସକର ଏବଂ ସମଶାଦ ବେଗମ।

'କଟିପତଙ୍ଗ'ର ଆଜ୍ ନା ଛୋଡେଙ୍ଗେ.... ବୁରା ମାତ୍ ମାନୋ, ଆଜ୍ ହୋଲି ହେ : ୧୯୭୦ରେ ବଲିଉଡ ଫିଲ୍ମ କଟି ପତଙ୍ଗରେ ଥିଲା ଏଇ ମସ୍ତିଭରା ହୋଲି ଗୀତ ଆଜ୍‌ନା ଛୋଡେଙ୍ଗେ। ଏଥିରେ ଅଭିନୟ କରିଥିଲେ ସୁପରଷ୍ଟାର ରାଜେଶ ଖାନ୍ନା ଓ ଆଶା ପାରେଖ୍। କିଶୋର କୁମାର ଓ ଲତା ମଙ୍ଗେସ୍‌କର କଣ୍ଠଦାନ କରିଥିଲେ। 'ସୋଲେ'ର ହୋଲି କେ ଦିନ୍... : ବଲିଉଡ୍ ଇତିହାସର ସବୁଠାରୁ ସଫଳ ଓ ଶ୍ରେଷ୍ଠ ଫିଲ୍ମ ଭାବେ ସ୍ୱୀକୃତି ସୋଲେ ୧୯୭୫ରେ ରିଲିଜ୍ ହୋଇଥିଲା। ଏ ଫିଲ୍ମରେ ଥିଲା ଗୋଟିଏ ଚମତ୍କାର ହୋଲି ଗୀତ ହୋଲି କେ ଦିନ। ପରଦା ଉପରେ ହୋଲି ଖେଳି ବୀରୁ (ଧର୍ମେନ୍ଦ୍ର) ଓ ବସନ୍ତୀ (ହେମାମାଳିନୀ) ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୀତଟିକୁ ଗାଇଥିଲେ କିଶୋର କୁମାର ଓ ଲତା ମଙ୍ଗେସକର। 'ସିଲସିଲା'ର ରଙ୍ଗ ବରଷେ, ଭିଗେ ଚୁନରୱାଲି.. : ୧୯୮୧ରେ ରିଲିଜ ହୋଇଥିବା ସିଲ୍‌ସିଲାରେ ରଙ୍ଗ ବରଷେ, ଭିଗେ ଚୁନର ୱାଲି ନିଃସନ୍ଦେହରେ ବଲିଉଡର ସବୁଠାରୁ ଲୋକପ୍ରିୟ ହୋଲି ଗୀତ ମଧ୍ୟରୁ ଗୋଟିଏ। ଏ ଗୀତରେ ଅମିତାଭ ବଚ୍ଚନଙ୍କ ଭାଙ୍ଗ ଖିଆ ନୃତ୍ୟ ସହିତ ରେଖା, ସଂଜୀବ କୁମାର ଓ ଜୟା ଭାଦୁରୀଙ୍କ ଅଭିନୟ ଦର୍ଶକଙ୍କ ମନରେ ଏବେ ବି ଛାପ ରହିଛି। ଅଭିତାଭ ନିଜେ ଗୀତଟି ଗାଇଥିଲେ। 'ଧନ୍‌ବାନ୍'ର ରଙ୍ଗ ଦି ରଙ୍ଗ ଦି : ୧୯୯୩ରେ ରିଲିଜ ହୋଇଥିବା ଧନବାନ ଫିଲ୍ମରେ ଥିଲା ହୋଲି ଗୀତ ରଙ୍ଗ ଦି ରଙ୍ଗ ଦି। ଅଭିନୟ କରିଥିଲେ ଅଜୟ ଦେବଗନ, ମନୀଷା କୋଇରାଲା ଏବଂ କରିସ୍ମା କପୂର। ଗୀତଟି ଗାଇଥିଲେ ସୁରେଶ ୱାଦେକର, କବିତା କୃଷ୍ଣମୂର୍ତ୍ତି ଓ ନିତିନ୍ ମୁକେଶ। 'ମୋହବତେଁ'ର ସୋନି ସୋନି ଆଖିୟୋଁ ୱାଲି : ୨୦୦୦ରେ ରିଲିଜ ହୋଇଥିବା ମୋହବତେଁ ଫିଲ୍ମର ସୋନି ସୋନି ଆଖିୟୋଁ ୱାଲି ବେଶ ଲୋକପ୍ରିୟ। ଏ ଗୀତର କଣ୍ଠଶିଳ୍ପୀଙ୍କ ତାଲିକା ବେଶ ଲମ୍ବା। ଈଶାନ, ଯଶପିନ୍ଦର ନରୁଲା, ମନୋହର ସେଟ୍ଟୀ, ଉଦିତ୍ ନାରାୟଣ ପ୍ରମୁଖ ଗୀତଟି ଗାଇଥିଲେ। ପରିଣତ ବୟସର ବାପାମାଆଙ୍କ ସମ୍ପର୍କ ପିଲାମାନଙ୍କ ଅବଦାନକୁ ନେଇ ପ୍ରଚୁର ଦର୍ଶକୀୟ ଆଦୃତି ପାଇଥିବା ଚଳଚ୍ଚିତ୍ର 'ବାଗବାନ'ର ହୋଲି ଖେଲେ ରଘୁବୀର : ୨୦୦୩ ମସିହାରେ ରିଲିଜ ହୋଇଥିଲା ବାଗବାନ। ଫିଲ୍ମରେ ଥିବା ହୋଲି ଖେଲେ ରଘୁବୀର ଗୀତରେ ଅଭିନୟ କରିଥିଲେ ବୟସ୍କ ଅମିତାଭ ଓ ହେମାମାଳିନୀ। ନିଜେ ଅମିତାଭ କଣ୍ଠଦାନ କରିଥିଲେ। ଅମିତାଭଙ୍କ ସହିତ ଗୀତଟିକୁ ଗାଇଥିଲେ ସୁଖବିନ୍ଦର ସିଂହ, ଅଲକା ଯାଜ୍ଞିକ୍ ଓ ଉଦିତ୍ ନାରାୟଣ। 'ୱକ୍ତ'ର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି : ୨୦୦୫ ମସିହାରେ ରିଲିଜ ହୋଇଥିବା ୱକ୍ତ ଦ ରେସ୍ ଏଗେନ୍‌ଷ୍ଟ ଟାଇମ୍ ଫିଲ୍ମର ଦୋ ମେ ଏ ଫେବର ଲେଟ୍‌ସ ପ୍ଲେ ହୋଲି ଗୀତରେ ନୃତ୍ୟ କରିଥିଲେ ହିଟ ଯୋଡ଼ି ଅକ୍ଷୟ କୁମାର ଓ ପ୍ରିୟଙ୍କା ଚୋପ୍ରା। ଗୀତଟିକୁ ଗାଇଥିଲେ ଅନୁ ମଲ୍ଲିକ ଓ ସୁନିଡ୍ ଚୌହାନ୍। 'ୟେ ଜୱାନୀ ହୈ ଦିୱାନୀ'ର ବାଲମ୍ ପିଚକାରୀ ତୁନେ ମୁଝେ ମାରି : ୨୦୧୩ରେ ରିଲିଜ ହୋଇଥିବା ୟେ ଜୱାନୀ ହୈ ଦିୱାନୀରେ ଏକ ମସ୍ତିଭରା ହୋଲି ଗୀତ ଥିଲା। ବାଲମ୍ ପିଚକାରି ତୁନେ ମୁଝେ ମାରି। ଗୀତରେ ନୈନା (ଦୀପିକା ପାଦୁ୍ୟକୋଣ), କବୀର (ରଣବୀର କପୂର) ଓ ଅଭି (ଆଦିତ୍ୟ ରୟ କପୂର) ରଙ୍ଗ ଖେଳରେ ମାତିଥିଲେ। ଗୀତଟି ଗାଇଥିଲେ ଶାଲମାଲି ଖୋଲ୍‌ଗାଡ଼େ ଓ ବିଶାଳ ଦାଦ୍‌ଲାନି। 'ଗୋଲିଓଁ କୀ କା ରାସ୍‌ଲୀଳା - ରାମଲୀଳା'ର ଲହୁ ମୁହଁ ଲଗ୍ ଗୟା : ୨୦୧୪ରେ ରିଲିଜ୍ ହୋଇଥିବା ସଞ୍ଜୟ ଲୀଲା ବଂଶାଲୀଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ ଗୋଲିଓଁ କୀ ରାସ୍‌ଲୀଳା : ରାମ ଲୀଳାରେ ଥିଲା ଏଇ ଭିନ୍ନ ସ୍ୱାଦର ହୋଲି ଗୀତ ଲହୁ ମୁହଁ ଲଗ୍ ଗୟା। ଫିଲ୍ମର ନାୟକ ନାୟିକା ଥିଲେ ରଣବୀର ସିଂହ ଓ ଦୀପିକା ପାଦୁ୍ୟକୋଣ। ଏଥିରେ କଣ୍ଠଦାନ କରିଥିଲେ ଶାହୀଲ।

ବଲିଉଡରେ ହୋଲି ପାର୍ଟି : ଏକଦା ବଲିଉଡରେ ହୋଲି ପାର୍ଟିର ଆସର ଢ଼େର ଲୋକପ୍ରିୟତା ଅର୍ଜନ କରିଥିଲେ। କିମ୍ବଦନ୍ତୀ କଳାକାର ସ୍ୱର୍ଗତ ରାଜକୁମାରଙ୍କ ଦ୍ୱାରା ବିଲିଉଡରେ ବୋଧେ ପ୍ରଥମେ ହୋଲି ପାର୍ଟିର ଆୟୋଜିତ ହୋଇଥିଲା।। ପ୍ରସିଦ୍ଧ ଆର୍‌କେ ଷ୍ଟୁଡିଓ ପରିସରରେ ହୋଲି ପାର୍ଟି ଆୟୋଜନ କରି ବଲିଉଡର ସବୁ କଳାକାର ଓ ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ଆମନ୍ତ୍ରଣ କରୁଥିଲେ। ବିଆର ଚୋପ୍ରାଙ୍କ ବଙ୍ଗଳାରେ ଆୟୋଜିତ ହୋଲି ପାର୍ଟି ବି ସେତେବେଳେ ବେଶ ଚର୍ଚ୍ଚାରେ ଥିଲା। ପରେ ଅମିତାଭ ବଚ୍ଚନ, ସୁଭାଷ ଘାଇ, ଜାଭେଦ ଅଖ୍‌ତାର, ସବାନା ଆଜ୍‌ମୀ, ଶାହରୁଖ ଖାନ୍ ହୋଲି ପାର୍ଟି ଆୟୋଜିତ କରୁଥିଲେ। ଏବେ ହୋଲି ପାର୍ଟି ପରମ୍ପରା ବନ୍ଦ ହେବାକୁ ବସିଲାଣି। କେତେ ଜଣ ତାରକା ବନ୍ଧୁମାନଙ୍କ ସହିତ ହୋଲି ପାଳୁଥିବାର ଦେଖାଯାଉଛି।

+ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

# ହୋଲି... ହୋଲି...





## ହୋଲି

**ସତ୍ୟ ସିଂ ବାଗ**



ଇନ୍ଦ୍ର ଧନୁର ସାତ ରଙ୍ଗ ଆଜି
ଏ ଧରାକୁ ଉହ୍ଲାଇଛି ଫଗୁଣନେଇ
ଶାନ୍ତିଭାବ ପ୍ରେମେ ରଙ୍ଗିନ ହେବା
ସବୁ ଦୁଃଖ ତକ ମନରୁ ଭୁଲାଇ ।

ରାଧା କୃଷ୍ଣଙ୍କ ପ୍ରେମ ସୂଚକ ଦିଏ
ଏହି ମହା ପବିତ୍ର ଦଶମୀ ଫଗୁଣ
ଖୁସିର ରଙ୍ଗରେ ରଙ୍ଗେଇ ଦେବା
ଆସ ସଭିଏଁ ଶରଧା କରି ଏମନ।

ପ୍ରକୃତି ରାଣୀର ଅପୂର୍ବର ଦୃଶ୍ୟ
ଫଗୁଣ ରଙ୍ଗ ରେ ରଙ୍ଗିନ ମାନ
ପଲ୍ଲୀ ନଗରବାସୀ ପାଳନ କରଇ
ଭାରତ ସଂସ୍କୃତିକୁ କରି ସମ୍ମାନ ।

ମନର ମଇଳାକୁ ଧୋଇ ଦେଇଯାଏ
ଏହି ଯେ ପ୍ରେମ ଭରା ହୋଲି ରଙ୍ଗ
ମନରେ ଆନନ୍ଦ ପ୍ରଫୁଲ୍ଲୀତ ହୋଇ
କେତେ ନୂଆ ନାଚ ପିଇଦେଇଭାଙ୍ଗ।

ରାଗ ରୁଷା ହିଂସା ଲୋଭ ଭାବକୁ
ମନରୁ କାଡି ଦେଇ ଦେବା ଜାଳି
ଏ ସମୟ ଚାଲିଗଲେ ମିଳିବ ନାହିଁ
ଆସ ଆସ ସର୍ବେ ଖେଳିବା ହୋଲି ।

+ତେରେସିଂହା, ରିସିଡା,
କଳାହାଣ୍ଡି - ୭୬୬୦୩୧
ମୋ - ୬୩୫୩୩୭୪୫୦୯

## ଏକପଦୀରେ ବସନ୍ତ

**ଭରତ ଚନ୍ଦ୍ର ଦାଶ**



॥ ଏକ ॥
ପ୍ରଣୟ ପାତ୍ର ମୋ ଭରିଛ ଗୋ ପ୍ରିୟେ
ଅଧରର ମଧୁ ଦେଇ
ପୀୟୂଷ ନିର୍ଝର ପ୍ରଣୟୀ ଅମର
ଆଉ କିଛି ଲୋଡା ନାହିଁ।
॥ ଦୁଇ ॥
ପ୍ରମତ୍ତ ଭ୍ରମର ମଧୁପାନ ଆଶେ
ଫୁଲର ପ୍ରେମରେ ପଡେ
ରତି ରସ ରାସେ ପ୍ରୀତି କରି ବସେ
ମଧୁରେ ଜୀବନ ଗଢେ।
॥ ତିନି ॥
ଦୋଳ ପୂର୍ଣ୍ଣିମାରେ କଅଁଳ କରରେ
ଫଗୁ ବୋଳିଦେବା ପାଇଁ
ପ୍ରଣୟୀ ତନୁରେ ପୀରତିର ରଙ୍ଗ
ପ୍ରୀତି ମୋ ଦେହର ଛାଇ।
॥ ଚାରି ॥
ଶୁଣ ପ୍ରିୟତମା ବସନ୍ତରେ ପିକ
ଆମ୍ରକୁଞ୍ଜେ ଡାକେ ବସି
ପଲ୍ଲବିତ ପତ୍ରେ ଫଗୁଣର ମଧୁ
ଭ୍ରମର ଯାଇଛି ରସି ।
॥ ପାଞ୍ଚ ॥
ବସନ୍ତ ଆସିଛି କୃଷ୍ଣଚୂଡା ପତ୍ରେ
କଣ୍ଠେ କୋକିଳର କୁହୁ
ଡାକୁଛି ହେ କବି ଆଶ୍ଳେଷରେ ଦେବି
ଅଧରର ପ୍ରୀତି ମହୁ।
॥ ଛଅ ॥
ଅଧରରେ କିଆଁ ରଙ୍ଗ ବୋଳୁଛ ଗୋ
ରଙ୍ଗାୟିତ ତୁମ ଦେହ
ସାତ ରଙ୍ଗେ ତୁମେ କାମନା କାମିନୀ
କେମିତି ସହୁଛ କୁହ ।
॥ ସାତ ॥
ବାହ୍ୟ ରଙ୍ଗ ଆଉ ଲୋଡାନାହିଁ ତୁମ
କୋମଳାଙ୍ଗୀ ଶୁଭ୍ର ତନୁ
ସବୁ ରଙ୍ଗ ଏଠି ଫିକା ପଡିଲାଣି
ତୁମକୁ ଦେଖିଲା ଦିନୁ ।

+ସଚିବ, ସୃଜନ ଶ୍ରୀକ୍ଷେତ୍ର,ମାର୍କୋଣା
ସିମୁଳିଆ, ବାଲେଶ୍ୱର- ୭୫୬ ୧୨୬
ଭ୍ରାମ୍ୟଭାଷ- ୮୯୮୪୪୩୯୧୬୬

## ହୋଲି

**ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ**



ହୋଲିରେ ଜଙ୍ଗଲ ଫୁଲର ଫୁଲର ନିଆଁ,
ବସତି ବସତି ଅବିର ଗୁଣ୍ଡର ଧୂଆଁ,
ବିନା ବଉଦରେ ଇନ୍ଦ୍ରଧନୁ ଅଦିନିଆ,
ହୋଲି କରିଛି କିମିଆ
ବସନ୍ତର ଏହି ବିହ୍ୱଳ ବେଳାରେ
ଝୁମୁଛି ସାରା ଦୁନିଆ ।

ହୋଲିରେ ଗାଲରେ ମସୃଣ ନରମ ସ୍ପର୍ଶ,
ଖୋଲିଦିଏ କେତେ ପ୍ରେମୀ ପ୍ରେମିକାର
ମନର ମରମ ପାର୍ଶ୍ୱ,
ଖୋଲିଯାଏ ତାର କମ୍ର କୋଠରୀ
ନିରୁଦ୍ଧ ରାଜବାଟୀ,
କୃଷ୍ଣ ଚୂଡାର ରକ୍ତପୀତାଭ
ସ୍ୱର୍ଣ୍ଣ ପର୍ଣ୍ଣ ପରିପାଟୀ ।

ହୋଲିର ରଙ୍ଗ ଚଢିଯାଏ ଯେବେ
ତରୁଣ ତରୁଣୀ ମନେ,
ଚନ୍ଦ୍ରରୁ ମାଟି ଆଣିବା ପାଇଁକି
ଡେଇଁ ପଡେ ସିଏ ଶୂନ୍ୟେ।

ମଙ୍ଗଳରେ ଗଢ଼େ ମଞ୍ଜୁଳ ମୁକାମ
ସ୍ୱପ୍ନର ଶିଡି ଚଢ଼ି,
ପ୍ରକୃତିର ସୃଷ୍ଟ ପ୍ରକୃତିକୁ ପୁଣି
ନୂଆ କରି ଦିଏ ଗଢ଼ି।

ଚମ ତଳେ ଚାଲେ ରଙ୍ଗର ହୋଲି
କୋଷ କୋଷ ଛୁଇଁ ଛୁଇଁ,
ପବନ ପରଶ ନେଇ,
ଚମ ଉପରଟା ଗୋରା କି କାଳିଆ
ତା ପାଇଁ ତଫାତ ନାହିଁ।

ବିବର୍ଣ୍ଣ ବିଷର୍ଣ୍ଣ ଜୀବନରେ ଭରେ
ରଙ୍ଗର ନୂଆ ଉତ୍ସ,
ସବୁଦିନ ପରି ସୂର୍ଯ୍ୟ ସେଦିନ
ହୋଇ ଯାଆନ୍ତିନି ଅସ୍ତ।

ଅଭିମାନୀ ଜହ୍ନ ଧଳାଶାଢି ପିନ୍ଧି
ନିଶାରାତ୍ରୀରେ ବୁଲେ,
ତରୁଣ ଅରୁଣ ସଞ୍ଜ ସକାଳେ
ସିନ୍ଦୂରେ ହୋଲି ଖେଳେ।

ଶୁଭ୍ର କରରେ ଆଲିଙ୍ଗନ ପାଇଁ
ଯେବେ ସେ ଇସାରା କରେ,
ଲାଜେଇ ଜହ୍ନ ମୁହଁ ଢାଙ୍କି ଦେଇ
ଅନ୍ତଃପୁରକୁ ଚଳେ।

ସେହି ସୂର୍ଯ୍ୟ ସେହି ଆକାଶ,
ପୃଥିବୀ ଦଉଡି ବୁଲି ବଦଳାଏ ବେଶ,
ନିଜକୁ ସଜାଏ,ସିଝାଏ,କନ୍ଦାଏ
ଉଦାସୀନୀ ହୁଏ, ପୁଣି ବରଫରେ ମୁହଁ ପୋତେ,
ହୋଲି ଆସିଗଲେ ଫୁଲେଇ ଫୁଲରେ
ଟହ ଟହ ହୋଇ ହସେ।

+ରାଜଶ୍ରୀ ହୋମ୍, ବାମପଦା, ବାଲେଶ୍ୱର
ମୋ: ୬୩୭୧୯୮୬୬୬୦

## ଏମିତି ଏ ହୋଲି

**ନିରଞ୍ଜନ ସାହୁ**



ରାଧା ଖେଳେ ହୋଲି ରଙ୍ଗ ଦିଏ ବୋଲି
ମାରୁଥାଏ ପିଚକାରୀ
ସଖା ମେଳେ ରହି ଟିକେ ଦେଖିଚାହିଁ
ନାଚୁଥାଏ ବଂଶୀଧାରୀ ।

ବ୍ରଜଦାଣ୍ଡ ଆଜି ପଡୁଛିଉଠୁଛି
ଗହଳଚହଳ ଲାଗେ
କହ୍ନେଇ ଶ୍ରୀଅଙ୍ଗେ ଫଗୁ ବୋଳେ ରାଧା
ହୋଲି ଖେଳ ଅନୁରାଗେ
ଲାଜ ସରମକୁ ଭୟ ନାହିଁ ତା'ର
ହେଉ ପଛେ କୁଳନାରୀ ।

ବସନ୍ତକାଳୀନ ରାହାସ ଉତ୍ସବ
ଫଗୁଣ ମାସରେ ପଡେ
ହୋଲି ଖେଳିବାକୁ ବଡ଼ ଶରଧାରେ
ରାଧା ଗୋପଦାଣ୍ଡେ ଗଡ଼େ
ସଖୀଙ୍କ ମେଳରେ ଅବିର ଖେଳରେ
ରାଧାର ଶରଧା ଭାରି ।

ଜାତିଜାତି ଫଗୁ ଆଣି ରାଧାରାଣୀ
ଆନନ୍ଦେ ଖେଳଇ ହୋଲି
କହ୍ନେଇ ସାଥିରେ ଖେଳେ ଆଗ୍ରହରେ
ହୃଦୟ ଦରଜା ଖୋଲି
ବ୍ରଜପୁର ସାରା ଟୁପୁରୁଟାପର
ରାଧା ମାନ ଦିଏ ସାରି ।

+ନିହଳପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

## ବ୍ୟସ୍ତ ଫଗୁଣ

**ଅଞ୍ଜଳି ପଣ୍ଡା**



ଏଥର ଏମିତି ବ୍ୟସ୍ତତା
କାହିଁ କେବେ ତ ନଥିଲା।
ଅସ୍ତ ସୂର୍ଯ୍ୟକୁ ଦେଖିଲେ
ରଙ୍ଗ ଅବିରରେ
ମନଟା ରଙ୍ଗାୟିତ
ହେଉଥିଲା ତାର
ହେଲେ ବସନ୍ତର ରାସ ତ
ତାର କାୟା ବିସ୍ତାରି
ସାରିଲାଣି,
କଷି ଆମର ମହମହ ବାସ୍ନାରେ
ମଧୁମୟ ହୋଇଉଠିଲାଣି ପରିବେଶ
ବଧୂଲି ଫୁଲରୁ ରଙ୍ଗ ଚୋରାଇ
ଥଣ୍ଟକୁ ରଙ୍ଗାଇ
ହଳଦୀବସନ୍ତ ଗାଉଛି
ପ୍ରେମ ଫଗୁଣର ଗୀତ।
ଲାଜ ଲାଜ ଚାହାଣୀରେ
ଓଢ଼ଣୀ ଉଠାଇ
ମୁରୁକି ହସିଲାଣି କୃଷ୍ଣଚୂଡ଼ା
ଚଇତି ପବନେ
ଚାରିଆଡ଼େ ମଲ୍ଲୀର ମହକ
କୋଇଲିର କୁହୁ ଡାକୁ
କରେ ଆନମନା
ହେଲେ ଆଜି ସିଏ
ଶୁଣିବି ଅଶୁଣା
ଜାଗୁନାହିଁ ମନେ ତାର
ଶିହରଣ
ଏଯେ ଭୋଟର ବେଳ।
ଚଗଲା ଭଅଁର ଖେଳୁଛି ଦୋଳି
କରବୀର ଫୁଲେ
ଚାରିଆଡ଼େ ଗୋଲାପି ଗୋଲାପି
ହେଲେ ତାର କାହିଁ ଫୁରୁସତ
ଅନାଇ ଦେଖିବ ଫଗୁଣର
ଏ ରଙ୍ଗର ହାଟ।
ସେ ବି କିଣିଛି ନାଲି ନେଳି ଅବିର
ନିଜ ପାଇଁ ନୁହେଁ
ସେହିମାନଙ୍କ ପାଦରେ
ଦେଇ ମାରିବ ମୁଣ୍ଡିଆଟେ
ଦଇବ ଦଉଡ଼ି ଯାହା ହାତେ।
ମୁଁ ତୁମ ଭାଇ, ଭୋଟଟା
ଆଉ ଅଳ୍ପଦିନ
ଅଣ୍ଟୁନାହିଁ ରାତିଦିନ
ସତରେ କଣ ତା ଆଶାରେ ଲାଗିବ ରଙ୍ଗ
ଧାଁ ଧପଡ଼ର କିଛି
ମିଳିବ ସୁଫଳ।

+ଚୌଧୁରୀ ସାହି, ବାଲେଶ୍ୱର

## ରଙ୍ଗ

**ଡ. ଦୀପକ କୁମାର ମିଶ୍ର**

ରଙ୍ଗ ଆଖିରେ ଥାଏ ନା ଦୃଶ୍ୟରେ
କହିବା ମୁସ୍କିଲ୍,
ଭୋକିଲା ବାଛୁରୀଟି ପାଇଁ
ଗୋଲାପର ରଙ୍ଗ କିନ୍ତୁ
କେବେ ନାଲି ହୋଇ ନପାରେ।

ରକ୍ତର ରଙ୍ଗ ଗାଢ଼ ସବୁଜ
ଯେବେ ଧାଏଁ ଧମନୀରେ
ପ୍ରେମର ରଙ୍ଗ ଗୋଲାପୀ
ଗୋପନ ପ୍ରଥମ ଚିଠିରେ
ମୋହ ଆବିଳତାରେ ଅନ୍ଧ ହେଲେ ଆଖି
ବର୍ଣ୍ଣାନ୍ଧତା ହୁଏ
ଧୃତରାଷ୍ଟ୍ରର ଦୃଷ୍ଟି ପରି
ସବୁ ରଙ୍ଗ କଳା ଧଳା ଦେଖାଯାଏ।

ରାତିର ରଙ୍ଗ ଦିନ ଉପରେ
ନିର୍ଭର କରେ
ଯେମିତି ବନ୍ଦ ଆଖି ଓ ଖୋଲା ଆଖି
ମଧ୍ୟରେ ଚାଲିଥାଏ
ରଙ୍ଗର ଲୁଚକାଳୀ ଖେଳ।

ଆକାଶ ସବୁବେଳେ ରଙ୍ଗ ବଦଳାଏ
ଚିତ୍ରର ପୃଷ୍ଠଭୂମିର ନିଜସ୍ୱ ରଙ୍ଗ ନଥାଏ
ଯିଏ ଯେଉଁ ରଙ୍ଗ ଆଙ୍କେ
ତାହା ସେମିତି ହିଁ ଦେଖାଯାଏ।

ଯୁଦ୍ଧଭୂଇଁ ସର୍ବଦା ରଙ୍ଗହୀନ
କାରଣ ସର୍ବହରା ଲୁହର
କିଛି ରଙ୍ଗ ନଥାଏ
ଲୁହରେ ଜୀବନର ଯେତେ ରଙ୍ଗ
ଧୋଇହେଇଯାଏ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଫଗୁଣ ଦେଇଛି ଅବିରେ ଚିଠି

**ପୁରୁଷୋତ୍ତମ ସିଂହ ସାମନ୍ତ**

କିଏ ଡାକେ ମତେ ରଙ୍ଗର ପରବ
ବହିଲେ ବଉଳ ବାଆ
ବିରାଜନ୍ତା ସଦା ବସନ୍ତ ଋତୁଟା
ବଧୂଲି ବୟସେ ଆହା।
ରମ୍ୟ ଚପଳ ତା ରୂପ ଜ୍ୟୋଛନାରେ
ପ୍ରିରତି ଅବିର ବୁଣି
ପାରୁନି ବ ର୍ଣ୍ଣି ମୁଁ ଅନୁଭବେ ଯାହା
ମାୟାରେ ଭ୍ରମଇ ପୁଣି।
ପଲ୍ଲବିତ ଏଇ ସବୁଜ ଧରାରେ
ପଲକ ଫେରେନା ଆଉ
କୋଇଲି ଗାଅଇ ପଞ୍ଚମ ତାନରେ
ତନୁ ଆଲ୍ହାଦିତ ହୁଏ।
ଝରା ପତରରେ ଝୁରୁଛି ତୋତେ ମୁଁ
ଝରାଇ ସ୍ମୃତିର ଲୁହ
ତୋ ଗୋରା ତନୁରେ ଅବିରରେପ୍ରିରତି
ଲୋଚେଇ ପାରେନାକୋହ।
ବୟସ ନଈରେ ବତାଶି ପବନ
ଛନଛନ ହୁଏ ଛାତି
ଫଗୁଣ ଫଗୁର ପ୍ରିତୀ ଉପହାରେ
ହୃଦୟେ ଜଗାଏ ତାତି।
ରଙ୍ଗର ପରବ ଆସିଅଛି ବୋଲି
ସଜେଇ ହୋଇଛୁ କିବା
ଝଲମଲ ହୋଲି ରଙ୍ଗେ ଝଲମଲ
ଭଲ ପାଉଛୁ କି ଅବା।
ମହୁଲି ପବନେ ନହୁଲି ବୟସେ
କୋମଳ ପ୍ରିରଥି ଛୁଆଁ
ଫଗୁଣ ତୋତେରେ ଲକ୍ଷେ ଜୁହାର
ବିରହ ଦେବୁନି ଆହା।

+ଶିକ୍ଷକ,ଶ୍ରୀବିହାର,ଅନୁଗୋଳ
ମୋ: ୮୮୯୫୯୧୨୪୨୧

## ରଙ୍ଗର ପର୍ବ

**ଦୀପକ କୁମାର ନାଏକ**

ଆସିଛି ଫଗୁଣ ଖେଳିବା ଫଗୁ
ପ୍ରେମର ରଙ୍ଗରେ ଭିଜିବା ସବୁ
ଏଇ ରଙ୍ଗ ଆଉ ନ ଥିବ କାଲି
ଗାଲରେ ବୋଳିଦେ ଅବିର ନାଲି
ହୋଲିରେ ତୁମକୁ ଅଭିନନ୍ଦନ
ରଙ୍ଗୀନ୍ ହେଉ ତୁମ ସାରା ଜୀବନ
ବରଷକ ପରେ ଆସିଛି ହୋଲି
ଭଲରେ ଖେଳିବା ଗାଆଁରେ ବୁଲି
ବୁଲି ବୁଲି ଆମେ ଖେଳିବା ହୋଲି
ସତର୍କେ ଖେଳିବା ରଙ୍ଗରଗୋଲି
ଖେଳିବାକୁ ଏଇ ରଙ୍ଗରଗୋଲି
ବିଦେଶୁ ସେଲାଗି ଆସିଛି ଚାଲି
ଆସରେ ଖେଳିବା ଖୁସିର ହୋଲି
ଥିବା ରାଗ ଅଭିମାନକୁ ଭୂଲି ।

ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ , ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ, ପିନ୍ -୭୫୯୦୨୧
ମୋବାଇଲ୍-୮୬୩୭୨୬୧୮୨୮

## ହୋଲି ନୁହେଁ ସିଏ ଭେଳିକି

**ଜୟକୃଷ୍ଣ ସାହୁ**

ରଙ୍ଗ ପାଣି ଗୋଳି କରି
ହାତେ ପିଚକାରୀ ଧରି
ଖେଳିବାକୁ ହୋଲି ସାଥୀସାଙ୍ଗରେ,
ପାଦ କାଢ଼ିଛି କି ନାହିଁ
ହୋଲି ଖେଳି ଯିବା ପାଇଁ
ନାଡି ଭିଜାଇଲା ଦେହ ରଙ୍ଗରେ।
କେମିତିକା ଜେଜେ ତୁମେ
ଏଠି ସବୁ ଅଛୁ ଆମେ
ତୁମ ଦେହ ରକତର କଣିକା,
କହିଲ ଆମକୁ ଛାଡ଼ି
କାହିଁ ଯାଉଥିଲ ମାଡ଼ି
ସଂପର୍କ ବିହୀନ ଲୋକ ପରିକା।
ନୋହୁକି ଆମ୍ଭେ ତୁମ୍ଭର
ସଖା ସାଥୀ ସହୋଦର
ନିଜର ବେଶୀ କେ ଆମଠୁ ରହିଛି ?,
ଯାହା ସଙ୍ଗେ ଖେଳି ଖେଳ
ସୁଖେ କଟାଇବ କାଳ
ବେଶିକେ ଆମଠୁ ଭଲ ପାଇଛି ?
ଭୁଲି ମାନ ଅଭିମାନ
ହୋଇ ସବୁ ଏକ ମନ
ସାଉଁଟିଲୁ ସୁଖ ହୋଲି ଖେଳିକି,
ହେଲୁ ରଙ୍ଗ ବୋଳାବୋଳି
ପରସ୍ପରେ କୋଳାକୋଳି
ସତେ କେ ଲଗାଇଦେଲା ଭେଳିକି।

କପିଳ ପ୍ରସାଦ, ଭୁବନେଶ୍ୱର -୨
ମୋ-୯୯୩୭୦୯୨୩୯୭.



# ରଙ୍ଗ ହେଉଛି ସୌନ୍ଦର୍ଯ୍ୟର ପ୍ରତୀକ

**ଦିପ୍ତିମୟୀ ନାୟକ**



ରଙ୍ଗର ପର୍ବ ହେଉଛି ହୋଲି । ଫାଲ୍ଗୁନ ପୂର୍ଣ୍ଣିମା, ବସନ୍ତ ପୂର୍ଣ୍ଣିମା ତଥା ସୌନ୍ଦର୍ଯ୍ୟବୋଧ ପୂର୍ଣ୍ଣତାରେ ରଙ୍ଗର ପର୍ବ ହୋଲି ପାଳନ କରାଯାଏ । କାରଣ ରଙ୍ଗ ହେଉଛି ସୌନ୍ଦର୍ଯ୍ୟର ପ୍ରତୀକ । ଏବଂ ଆମ ପ୍ରାକୃତିକ ପରିବେଶ ଯେମିତି ରଙ୍ଗ ବିନା ରଙ୍ଗହୀନ । ସବୁଜ ରଙ୍ଗ ଶ୍ୟାମଳ ବର୍ଣ୍ଣ ବୃକ୍ଷରାଜିର ପ୍ରଗତୀର ପ୍ରତୀକ । ଲାଲ ରଙ୍ଗ ଶକ୍ତିର ପ୍ରତୀକ । ଗୋଲାପୀ ରଙ୍ଗ ପ୍ରେମର ପ୍ରତୀକ । କମଳା ରଙ୍ଗ ତ୍ୟାଗର ପ୍ରତୀକ । ହଳଦିଆ ରଙ୍ଗ ଜ୍ଞାନର ସଂବାହକର ପ୍ରତୀକ । ତେବେ ପ୍ରତ୍ୟେକ ମଣିଷଙ୍କ ଜୀବନରେ ରଙ୍ଗ ବିନା ଜୀବନ ଜିଇଁବା ମୂଲ୍ୟହୀନ । କାରଣ ପ୍ରତ୍ୟେକ ଲୋକଙ୍କ ସୁଖ, ଦୁଃଖ, ହସ, ଲୁହ ଜୀବନ ଭିତରେ କିଛି ରଙ୍ଗ ସହିତ ନିଜ ଭିତରେ ଟିକେ ନିଜେ ହଜିଯିବା ପାଇଁ ଏ ରଙ୍ଗର ପର୍ବ ଆସିଥାଏ ।

ତେବେ ଫଗୁଣ ମାସର ଫଗୁ ଖେଳର ମଜା କିଛି ଅଲଗା । ପରସ୍ପରକୁ ରଙ୍ଗ ବୋଳା ବୋଳି ହୋଇ ସ୍ନେହଭରା ଆଲିଙ୍ଗନ କରି ରାଗ, ରୁଷା, ଅଭିମାନକୁ ଭୁଲି ସମସ୍ତେ ପୁଣି ଏକାଠି ହୋଇ ଯେଉଁ ହୋଲି ଖେଳ ଖେଳନ୍ତି ଏଥିରୁ ଭାଇଚାରା ଭାବ ସୃଷ୍ଟି ହୋଇଯାଏ । ଆଉ ଏମିତିରେ ଜୀବନର ରଙ୍ଗ ପ୍ରତିମୁହୂର୍ତ୍ତରେ ବଦଳେ ହେଲେ ଏଠି ମଣିଷ କେବଳ ଫଗୁଣର ରଙ୍ଗକୁ ଅପେକ୍ଷା କରିଥାଏ । ଏବଂ କିଛି ପ୍ରେମୀ ଯୁଗଳ ଫଗୁଣର ଫଗୁ ଖେଳିବା ବାହାନାରେ ସିନ୍ଥିରେ ସିନ୍ଦୁର ଦେଇ ହୋଲି ଖେଳିବାର ବାହାନା ଖୋଜନ୍ତି । ଆଉ କିଛି ଲୋକ ଗୁରୁଜନ ମାନଙ୍କ ପାଦରେ ଫଗୁ ଥୋଇ ଆଶୀର୍ବାଦ ନିଅନ୍ତି । ଆମେ କେବଳ ଫଗୁଣର ଫଗୁ ଖେଳ କଥା କହିଦେଲେ ହେବନି ବରଂ ଫଗୁଣ ମାସର ଫଗୁଖେଳ ସବୁ ସମ୍ପର୍କକୁ ଏକତା ସୂତ୍ରରେ ବାନ୍ଧି ରଖି ସମ୍ପର୍କର ଆଉ ଏକ ନୂଆ ପରିଚୟ ଦେଇଥାଏ।

ସମ୍ପର୍କର ରଙ୍ଗ ବେଳେବେଳେ ଫିକା ହୋଇଯାଏ ସେଥିପାଇଁ କିଛି ଲୋକ ନିଜ ଆତ୍ମୀୟସୋଜନଙ୍କୁ ଧୋକା ଦେଇଦିଅନ୍ତି । ସୁଖ-ଦୁଃଖ, ରୋଗ-ଭୋଗ, ମାନ-ଅଭିମାନ ସବୁବେଳେ ରହେ ନାହିଁ ସମସ୍ତଙ୍କ ପାଖରେ । ସେଥିପାଇଁ କିଛି ମଣିଷ ବଞ୍ଚନ୍ତି ନିଜ ଇଚ୍ଛାରେ । ଆମେ ଯେଉଁ ନାଲି, ନେଳି, ଗୋଲାପୀ ରଙ୍ଗ କଥା କହୁଛେ ଏ ରଙ୍ଗ ତ ସମସ୍ତଙ୍କ ମୁହଁକୁ ରଙ୍ଗେଇ ଦେବ ହେଲେ ହୃଦୟ ଭିତରେ ଯେଉଁ ଇସତ୍ ଲାଲ ରଙ୍ଗର ହୃଦୟଟା ଅଛି । ସେ ହୃଦୟଟା ବଞ୍ଚେଇ ପାରିବ କାହାର ନା କାହାର ଗୋଟିଏ ଜୀବନ ।

ରଙ୍ଗର ପର୍ବ ହୋଲିକୁ ନେଇ ଅନେକ ଲୋକଙ୍କ ଅନେକ ମତ ଥାଏ ଏବଂ ଅନେକ ପୌରାଣିକ କଥା ମଧ୍ୟ ରହିଛି । କିନ୍ତୁ ମୁଁ ବାସ୍ତବ ସତକୁ ଅନୁଧ୍ୟାନ କରି କହୁଛି ଏ ରଙ୍ଗର ପର୍ବ ସମସ୍ତଙ୍କୁ ଏକାଠି କରୁଛି । ଫଗୁଣର ଫଗୁ ପ୍ରେମର ରଙ୍ଗରେ ରଙ୍ଗେଇ ଦିଏ ସାରା ଚଞ୍ଚଳ ମନକୁ । ପରସ୍ପର ରଙ୍ଗ ବୋଳା ବୋଳି ହୋଇ ସବୁ ମାନ ଅଭିମାନକୁ ଭୁଲି ଯେତେବେଳେ ଦୁଇ ଗାଲରେ ଫଗୁଣର ଫଗୁ ବୋଳି ଦେଇ ଆଲିଙ୍ଗନ କରିଦିଅନ୍ତି । ସେତେବେଳେ ଭାରି ଖୁସି ଲାଗେ । ଯେମିତିକି ଏ ଫଗୁଣ ରଙ୍ଗରେ କେବଳ ମନ ରଙ୍ଗେଇ ହୁଏନି ବରଂ ଏ ଫଗୁଣ ରଙ୍ଗରେ ରଙ୍ଗେଇ ହୋଇଯାଏ ସାରା ଜୀବନ । ଆପଣମାନେ ଭାବିବେ ମୁଁ କଣ ପାଇଁ କହିଲି ଫଗୁଣର ରଙ୍ଗରେ ରଙ୍ଗେଇ ହୋଇଯିବ ଜୀବନ । ତେବେ ଫଗୁଣ ରଙ୍ଗରେ ରଙ୍ଗେଇ ହୋଇଯାଏ ସିନା ହାତ, ମୁହଁ, କାନ, ନାକ ପୁରା ଶରୀର ହେଲେ ଜୀବନଟା କେମିତି ରଙ୍ଗେଇ ହେବ ।

ଜୀବନ ବି ରଙ୍ଗେଇ ହୁଏ । ଏ ରଙ୍ଗ ସିନା ସାରା ବଦନରୁ କିଛି କ୍ଷଣୀ ପରେ ଲିଭିଯିବ ହେଲେ ହୃଦୟ ଭିତରେ ଯେଉଁ ସ୍ମୃତି ଟିକକ ରହିଥିବ। ସେ ପ୍ରତିମୁହୂର୍ତ୍ତରେ ପ୍ରତି ବର୍ଷରେ ମନେ ପଡୁଥିବ ଠିକ ଯେମିତି ଆଜିଭଳି ଦିନରେ ଆମେମାନେ ଭେଟ ହୋଇଛେ । ଏ ଫଗୁଣର ରଙ୍ଗକୁ ସ୍ୱାଗତ କରି ଆମେବି ତା ରଙ୍ଗରେ ରଙ୍ଗେଇ ହୋଇଛେ ।

'ଫିକା ପଡିଯାଉ ପଛେ
ଏ ରଙ୍ଗୋଲିର ରଙ୍ଗ
ହେଲେ ଫିକା ନ ପଡୁ
ଆମ ହୃଦୟ ଭିତରେ ଥିବା
ଏ ରଙ୍ଗର ଦାଗ
ଏ ଦାଗ ତମେ ଦେଇଛ
ମୋ ଠାରୁ ମୋତେ ଚୋରେଇ ନେଇଛ
ସେଥିପାଇଁ ତ
ଏ ଜୀବନରେ ବନ୍ଧୁତା ଭଳି
ଏକ ପବିତ୍ର ସମ୍ପର୍କ ଗଢିଛ ।'

ତେବେ ଏତ ଥିଲା ମୋ ହୃଦୟର ଏକ ଛୋଟ କବିତା ତଥାପି କହିବି ଫଗୁଣର ଫଗୁ ନେଇ ପ୍ରତିବର୍ଷ ଫଗୁଣ ମାସରେ ଏମିତି ଆସୁଥାଉ । ଏହି ଫଗୁ ଟିକକ ସମସ୍ତଙ୍କ ହାତରେ ଥାଉ । ସେହ୍ନ, ପ୍ରେମ ରହିବା ସହ ଆତ୍ମୀୟତା ଭାବ ରଖିବା ସହ ସଚେତନ ରହି ହୋଲି ଖେଳନ୍ତୁ । ଆଖି, ନାକ, କାନ, ପାଟିକୁ ସୁରକ୍ଷା ଦିଅନ୍ତୁ ଏବଂ ଖୁସିର ମାହୋଲକୁ ସମସ୍ତେ ନିଜ ଆତ୍ମୀୟସୋଜନଙ୍କ ସହ ଉପଭୋଗ କରନ୍ତୁ ।

+ଯୁବ ସାମ୍ବାଦିକା
ମୋ: ୯୦୯୦୬୬୧୫୮୬

# ଭଞ୍ଜସେନା ସମର୍ଥିତ ମୟୁରଭଞ୍ଜ ଲୋକସଭା ପ୍ରାର୍ଥୀ ହେଲେ ବାଜୁନ ହାଁସଦା



ବାରିପଦା, ୨୪/୩ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ତଥା ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ର ପ୍ରତିଷ୍ଠାତା ଶ୍ରୀଯୁକ୍ତ କଳିଙ୍ଗ କେଶରୀ ଜେନା ଙ୍କ ଆହ୍ୱାନ ରେ ଜିଲ୍ଲା ତମାମ ପଦାଧିକାରୀ ଓ କାର୍ଯ୍ୟ କର୍ତ୍ତା ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା । ଆଗାମୀ ସାଧାରଣ ନିର୍ବାଚନରେ ମୟୂରଭଞ୍ଜର ସ୍ୱାର୍ଥ ପାଇଁ ଏବଂ ମୟୂରଭଞ୍ଜର ବିକାଶ ପାଇଁ ଭଞ୍ଜସେନା ସିଧାସଳଖ ଅଂଶ ଗ୍ରହଣ କରିବ ଏବଂ ଭଞ୍ଜସେନାର ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଙ୍କୁ ସର୍ବ ସମ୍ମତି କ୍ରମେ ଲୋକସଭା ପ୍ରାର୍ଥୀ ଭାବେ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ହୋଇ ଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଲୋକସଭା ପ୍ରାର୍ଥୀ ଭାବେ ବାଜୁନ ହାଁସଦାଙ୍କୁ ଘୋଷଣା କରିବା ସହ ଆଗାମୀ ଦିନରେ ଭଞ୍ଜସେନା ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରଙ୍କ ଦ୍ୱାରା ମୟୁରଭଞ୍ଜ ପ୍ରତି ହୋଇ ଆସୁଥିବା ବୈମାତୃକ ମନୋଭାବ ବାବଦରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପଞ୍ଚାୟତ ସ୍ତରୀୟ ନିର୍ବାଚନୀ ସଭା କାର୍ଯ୍ୟ କରି ଲୋକଙ୍କ ପାଖକୁ ପହଞ୍ଚାଇବ ବୋଲି ଆଜି ମତପ୍ରକାଶ ପାଇଥିଲା । ଆଜିର କାର୍ଯ୍ୟକ୍ରମ ରେ ଭଞ୍ଜସେନା କାର୍ଯ୍ୟକାରୀ ଅଧକ୍ଷ ସଂଜୀବ ରାଉତ,ଉପାଧକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ବାମନଘାଟି ଉପଖଣ୍ଡ ସଂଯୋଜକ ଅଞ୍ଜନ ବରାଳ,ଜିଲ୍ଲା ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ସୋସିଆଲ ମେଡ଼ିଆ ମୁଖ୍ୟ ସନ୍ତୋଷ ଗିରି,ଜିଲ୍ଲା ମହିଳା ସଭାନେତ୍ରୀ କନିକା ବୋଷ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଜିଲ୍ଲା ଯୁବ ଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର,ଜିଲ୍ଲା ଉପସଭାପତି ରାକେଶ ମହାନ୍ତି, ଇଂ ରମଜାନ ବେଗ, ଜିଲ୍ଲା ଆଦିବାସୀ ଶାଖା କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ମୁର୍ମୁ, ବାରିପଦା ଉପଖଣ୍ଡ ସଂଯୋଜକ ପାରିତୋଷ ବାରିକ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, କପ୍ତିପଦା ଉପଖଣ୍ଡ ଶାଖା ସଭାପତି ରବିନ ମହାନ୍ତି, କପ୍ତିପଦା ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସଞ୍ଜୟ ହାଁସଦା, ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସାଧାରଣ ସମ୍ପାଦକ ବିଘ୍ନେଶ୍ୱର ଟୁଡୁ, ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟ ପ୍ରକାଶ ମହାନ୍ତି, ସାରସକଣା ବ୍ଲକ ସଭାପତି ମଳୟ ନାୟକ, ବାରିପଦା ଉପଖଣ୍ଡ ସାଧାରଣ ସମ୍ପାଦକ ମନୋରଞ୍ଜନ ବାରିକ, ଜାମଦା ବ୍ଲକ ସମ୍ପାଦକ ଭାଗବତ ହେମ୍ବ୍ରମ, ମହିଳା ସଂଗଠକ ସୁଭଦ୍ରା ହେମ୍ବ୍ରମଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଇଡି ହେପାଜତରେ ଥାଇ ମୁଖ୍ୟମନ୍ତ୍ରୀ ....

ଏକ ନିର୍ଦ୍ଦେଶନାମା ପଠାଇଛନ୍ତି। ସେ ଏକ ଲେଖା ମାଧ୍ୟମନରେ ଦିଲ୍ଲୀବାସୀଙ୍କ ଜଳ ସମସ୍ୟାର ସମାଧାନ କରିବାକୁ ମନ୍ତ୍ରଣାଳୟକୁ ଆଦେଶ ଦେଇଛନ୍ତି। ଖରାଦିନ ଆସୁଛି, ଯେପରି କେହି ବି ପାଣି ଅଭାବର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଅଧିକ ଟ୍ୟାଙ୍କର ବିନିଯୋଗ କରିବାକୁ କହିଛନ୍ତି କେଜ୍ରିୱାଲ। ଦିଲ୍ଲୀ ମନ୍ତ୍ରୀ ଆତିଶୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି ଅରବିନ୍ଦ କେଜ୍ରିୱାଲ ଦେଇଥିବା ଆଦେଶ ବିଷୟରେ ସବିଶେଷ ତଥ୍ୟ ଦେଇଛନ୍ତି। ସେ କହିଛନ୍ତି, 'ଇଡି ହେପାଜତରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସହରର କେତେକ ଅଞ୍ଚଳରେ ଜଳ ଓ ସ୍ୱେରେଜ୍ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଜଳ ଅଭାବ ଦେଖାଦେଇଥିବା ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ପାଣି ଟ୍ୟାଙ୍କର ଲଗାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।' ସେ ଆହୁରି କହିଛନ୍ତି, 'ଏଭଳି ପରିସ୍ଥିତିରେ ସେ ନିଜ ବିଷୟରେ ଚିନ୍ତା କରୁନାହାନ୍ତି, ସେ ଦିଲ୍ଲୀବାସୀ ଏବଂ ସେମାନଙ୍କ ସମସ୍ୟା କଥା ଭାବୁଛନ୍ତି। ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ଲୋକଙ୍କ କାର୍ଯ୍ୟକୁ ବନ୍ଦ କରିପାରିବନି।' ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମାର୍ଚ୍ଚ ୨୧ରେ ଗିରଫ ହୋଇଥିଲେ ଅରବିନ୍ଦ କେଜ୍ରିୱାଲ। ଇଡି ତାଙ୍କୁ ୭ ଦିନିଆ ନ୍ୟାୟିକ ହେପାଜତକୁ ନେଇଛି। ସେ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ଇଡି ହେପାଜତରେ ରହିବେ। ଭାରତୀୟ ରାଜନୀତି ଇତିହାସରେ ସେ ପ୍ରଥମ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଭାବେ ଗିରଫ ହୋଇଛନ୍ତି। ଗିରଫଦାରୀ ପରେ ବି କେଜ୍ରିୱାଲ ଇସ୍ତଫା ଦେଇନାହାନ୍ତି। ଇସ୍ତଫା ନ ଦେଇ ଜେଲରୁ କାର୍ଯ୍ୟ କରିବି ବୋଲି କହିଛନ୍ତି କେଜ୍ରିୱାଲ।

# ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା ସଭା



ବାଲେଶ୍ୱର, ୨୪/୩ (ନି.ପ୍ର): ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ବାଲେଶ୍ୱର ଶାଖା ପକ୍ଷରୁ 'ଗଣତାନ୍ତ୍ରିକ ଆନ୍ଦୋଳନ ଓ ସରକାରୀ ଦମନ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ସଭା ବାଲେଶ୍ୱର ସହରର 'ଓଡ଼େଶା ଭବନ'ରେ ରବିବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ସଭାରେ 'ଭାରତରେ ଦମନ ଆଇନ : ଅତୀତ ଓ ବର୍ତ୍ତମାନ' ନାମକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉକ୍ତ ପୁସ୍ତକର ସମୀକ୍ଷା କରିବାକୁ ଯାଇ ବିଶିଷ୍ଟ ପରିବେଶବିତ୍ ତଥା ମେଗାସେସେ ପୁରସ୍କାରପ୍ରାପ୍ତ ପ୍ରଫୁଲ୍ଲ ସାମନ୍ତରା ଦେଶର ମହାନ ଗଣତନ୍ତ୍ର ଓ ଦେଶର ସମ୍ବିଧାନକୁ ସ୍ୱେଚ୍ଛାଚାରୀ ଶାସକମାନେ କିପରି ଗୁରୁତ୍ୱ ଦେଉନାହାନ୍ତି ନିଜ ବକ୍ତବ୍ୟରେ ତାହା ଦର୍ଶାଇଥିଲେ। ଏକ ଉପଯୁକ୍ତ ସମୟରେ ଉଭୟ ଦେବରଞ୍ଜନ ଓ ବିଶ୍ୱପ୍ରିୟ କାନୁନ୍‌ଗୋ ଉକ୍ତ ପୁସ୍ତକ ରଚନା କରିଥିବାରୁ ସେମାନଙ୍କୁ ଆଲୋଚକମାନେ ଧନ୍ୟବାଦ ଦେଇଥିଲେ। ଗଣତାନ୍ତ୍ରିକ ଅନୁଷ୍ଠାନମାନଙ୍କୁ ଯେଉଁଭଳି ବ୍ୟକ୍ତିଗତ ଓ ଦଳୀୟ ସ୍ୱାର୍ଥଲାଗି କେନ୍ଦ୍ର ସରକାର ବ୍ୟବହାର କରୁଛନ୍ତି ତାହା ଦେଶର ନାଗରିକମାନଙ୍କୁ ଧର୍ମନାମରେ ବିଭାଜିତ କରୁଛି ବୋଲି 'ଭାରତର ଫାସୀବାଦ' ଶୀର୍ଷକ ଆଲୋଚନାରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ ମତବ୍ୟକ୍ତ କରିଥିଲେ।

ଜିଲ୍ଲା ସଭାପତି ଡ. ବଂଶୀଧର ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଆଲୋଚନା ସଭାମଞ୍ଚକୁ ଅତିଥିମାନଙ୍କୁ ଇଂ. କୁମାର କାର୍ତ୍ତିକ ଆହ୍ୱାନ କରିଥିବାବେଳେ ଜିଲ୍ଲା ସଂପାଦକ ଗୋବିନ୍ଦ ଦଳାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦୀର୍ଘ ୫୦ବର୍ଷରେ ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ଗଣତାନ୍ତ୍ରିକ ଆନ୍ଦୋଳନ ସଂପର୍କରେ ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ସୂଚନା ଦେଇଥିଲେ। ରାଜ୍ୟ ସଂପାଦକ ତଥା ଉଦ୍‌ଘାଟିତ ପୁସ୍ତକର ଅନ୍ୟତମ ଲେଖକ ଦେବରଞ୍ଜନ ଲେଖକୀୟ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ଶରତ ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ ଓ ରଘୁନାଥ ମହାଳିକ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଇଂ. ହୃଷିକେଶ ସାହୁ, ବିଜୟ ଉପାଧ୍ୟାୟ, ମାୟାଧର ନାୟକ ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଏପରି ଆଲୋଚନା ସଭାକୁ ସ୍ୱାଗତ ଜଣାଇଥିଲେ। ଦୁଇ ଅତିଥିଙ୍କୁ ବାଲେଶ୍ୱରର ବହୁ ସାମାଜିକ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କମିଟିର କାର୍ଯ୍ୟକାରୀ ସଭାପତି ତଥା ଡ. ଆମ୍ବେଦକର ବିକାଶ ପରିଷଦର ସଭାପତି ସୁଦର୍ଶନ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ: ଅଭିଯୁକ୍ତ ଗିରଫ

ଗଞ୍ଜାମ, ୨୪/୩ (ନି.ପ୍ର): ପୋଲିସ ଭୟରେ ଘରେ ଆଶ୍ରୟ ନେଇଥିବା ଏବଂ ପରେ ସୁଯୋଗ ନେଇ ସେହି ଘରର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ହିଞ୍ଜିଳିକାଟୁ ଥାନା ଅଂଳଚରେ ଏହି ଘଟଣା ସାମ୍ନାକୁ ଆସିଛି । ପୀଡ଼ିତାଙ୍କ ଏତଲା କ୍ରମେ ହିଞ୍ଜିଳିକାଟୁ ଥାନାରେ କେସ୍ ନଂ ୧୭୮/୨୪ ରେ ଏକ ମାମଲା ରୁଜ୍ଜୁ କରାଯିବା ସହ ଅଭିଯୁକ୍ତ ଶତୃଘ୍ନ ନାୟକଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି ପୋଲିସ ।

ଶତୃଘ୍ନକୁ ପୋଲିସ ପୂର୍ବରୁ ଏକ ମାମଲାରେ ଖୋଜୁଥିଲା । ଫଳରେ ସେ ନିଜ ସମ୍ପର୍କିୟ ଭାଇଙ୍କୁ ତାଙ୍କ ଘରେ ୪ ଦିନ ପାଇଁ ଆଶ୍ରୟ ଦେବାକୁ ଅନୁରୋଧ କରିଥିଲା । କିନ୍ତୁ, ଦୁଇ ମାସ ଧରି ତାଙ୍କ ଘରେ ରହି ଯାଇଥିଲା । ପରେ ସୁଯୋଗ ଦେଖି ସମ୍ପର୍କିୟ ଭାଇଙ୍କ ପତ୍ନୀଙ୍କୁ ସେ ପ୍ରେମ ଜାଲରେ ଫସାଇ ବଳପୂର୍ବକ ଦୁଷ୍କର୍ମ କରି ଆସୁଥିଲା । କିଛି ଦିନ ପରେ ଏହାକୁ କେନ୍ଦ୍ର କରି ପତି ପତ୍ନୀଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଫଳରେ ମହିଳା ଜଣକ ଦୁଇ ମାସ ତଳେ ତାଙ୍କ ଭାଇଙ୍କ ନିକଟକୁ କେରଳ ଚାଲି ଯାଇଥିଲେ । ଫେରିବା ପରେ ସ୍ୱାମୀ ଦୁଇ ପୁଅଙ୍କୁ ଛାଡି କେରଳ ପଳାଇଥିବା ଜାଣିବାକୁ ପାଇଥିଲେ । ଗତକାଲି ପୁଣି ଶତୃଘ୍ନ ତାଙ୍କ ଘରକୁ ଆସି ଦୁଷ୍କର୍ମ ଉଦ୍ୟମ କରିବା ସହ କିଛି ଜିନିଷପତ୍ର ନେଇଯାଇଥିଲା । ଘଟଣା ବିଷୟରେ ବାହାରେ ପ୍ରଘଟ କଲେ ସ୍ୱାମୀ ଓ ଦୁଇ ପୁଅଙ୍କୁ ହତ୍ୟା କରିବ ବୋଲି ଧମକ ଦେଇଥିଲା । ମହିଳା ଜଣକ ଏ ବାବଦରେ ଥାନାରେ ଏତଲା କରିବା ପରେ ହିଞ୍ଜିଳିକାଟୁ ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜ୍ଜୁ କରିବା ସହ ଘଟଣାରେ ଶତୃଘ୍ନକୁ ଗିରଫ କରିଛି ।

# ରାହ୍ୱା ମହିଳା ହସ୍ତଶିଳ୍ପ କାରିଗର ସଂଘର ବାର୍ଷିକ ପ୍ରତିଷ୍ଠା ଉତ୍ସବ



ବାଲିଆପାଳ ୨୪/୩(ନି ପ୍ର) ବହୁ ଦାବି ଓ ଆନ୍ଦୋଳନ ଫଳରେ ଏବେ ସରକାର ହସ୍ତଶିଳ୍ପ କାରିଗରଙ୍କ ଜୀବନ ଓ ଜୀବିକା ପ୍ରତି ସଚେତନ ବୋଲି ରବିବାର ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ମହିଳା ସଂଗଠନ ରାହ୍ୱା ର ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ମାତ୍ର କାରିଗର ମାନେ କୌଣସି ପରିସ୍ଥିତିରେ ଏହି ପେଶାଗତ ବୃତ୍ତିକୁ ନ ଛାଡ଼ି ନିଜ ଶକ୍ତି ଓ ଦମ୍ଭରେ ଅଗ୍ରସର ହେବା ଦରକାର। ରାହ୍ୱା ସବୁ ସବାଇ କାରିଗରଙ୍କ ପାଇଁ ମାର୍ଗ ଦର୍ଶକ ହୋଇ ସବୁ ସମୟରେ ଛିଡା ହୋଇଛି ବୋଲି ଅତିଥିମାନେ ମଧ୍ୟ କହିଛନ୍ତି। ଅନୁଷ୍ଠାନର ସଭପତି ମାଳତୀ ଜେନା କାର୍ଯକ୍ରମରେ ପୌରହିତ୍ୟ କରିଥିବା ବେଳେ ଅନ୍ୟତମ କାର୍ଯ୍ୟକର୍ତ୍ତା ରାକେଶ କୁମାର ପାତ୍ର ଏହାକୁ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶା ଶିଳ୍ପୀ ମହାସଂଘର ସଂଘର ସଭାପତି ଉଦୟ ମହାନ୍ତି ମୁଖ୍ୟ ଅତିଥି, ଇଞ୍ଚୁଡ଼ିର ଭୂମିପୁତ୍ର ତଥା ବରିଷ୍ଠ ସମାଜ ସେବୀ ସର୍ବେଶ୍ୱର ଦାସ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ବାଲିଆପାଳ ଇତିହାସ ଲେଖକ ଅଧାପକ ଡଃ ସୁକାନ୍ତ କୁମାର ଗିରି, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ବରିଷ୍ଠ ସମାଜ ସେବୀ ଶ୍ୟାମ ସୁନ୍ଦର ଦାସ ଅଧିକାରୀ, ଅଧାପକ ବୀର ମାଧବ ଦାସ, କୁଞ୍ଜ କାନ୍ତ ପାତ୍ର, ଆଇନଜିବୀ ତଥା ଜନନୀ ପରିବାର ମୁଖ୍ୟ ଜ୍ୟୋସ୍ନା ରାଣୀ ମହାନ୍ତି, ଓଡ଼ିଶା ଶିଳ୍ପୀ ମହାସଂଘର ସମ୍ପାଦିକା ସରୋଜିନୀ ଦାସ, ଜିଲ୍ଲା ସଂଘ ର ସମ୍ପାଦିକା ଶମ୍ପା ଶିଲ୍, ସଂଯୋଜକ ରାଜେଶ କୁମାର ପାତ୍ର, ଉଡାଣର ରାଜ୍ୟ ସଭାପତି ସଦାଶିବ ସେଠୀ, ଯୋଗୀ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ। କୃତିତ୍ୱ ପାଇଁ କେତେକ ସବାଇ ଘାସ କାରିଗରଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାହ୍ୱା ର ସମ୍ପାଦିକା ଆରତୀ ପାତ୍ର ବାର୍ଷିକ ବିବରଣୀ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଧରିତ୍ରୀ ଜେନା, ଦେବ ଲିନା ଜେନା, ସାଇ କଲ୍ୟାଣୀ ଜେନା , ସାଇଶ୍ରୀ ଜେନା ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମହିଳା ସ୍ୱେଚ୍ଛସେବୀ ନିରୂପମା ଜେନା, ଅନୁପମା ଜେନା, ଉପମା ଜେନା, ରାଜଶ୍ରୀ ପାତ୍ର, ସସ୍ମିତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

# ସାନଖୁଡୀ ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ୩୪ ତମ ବାର୍ଷିକ ଅଧିବେଶନ ପାଳନ



ମଥାନୀ , ୨୪/୩ (ନି.ପ୍ର): ସାନଖୁଡୀ ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ୩୪ ତମ ବାର୍ଷିକ ଅଧିବେସନ,ଆଶ୍ରମର ବରିଷ୍ଠ ଆତ୍ମଜ୍ଞାନୀ ଯୋଗୀ ନରେନ୍ଦ୍ର ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି ।ସର୍ବ ପ୍ରଥମେ ଆଶ୍ରମର ସଭାପତି ମୁନିରାଜ ସୃଷ୍ଟିଧର ମହନ୍ତଙ୍କ କର କମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇଥିଲା ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ,ମୁନି ସମାଜର ଜ୍ୟୋତି,ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗୀ ବିମଳ ମୁନିଜୀ ମହୋଦୟ ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବମୁନି ଆଶ୍ରମରୁ ଆସିଥିବା,ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ,କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ,ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ, ବରିଷ୍ଠ ଯୋଗୀ କୃପାସିନ୍ଧୁ ମୁନିଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗୀ ଅରୁଣ ମୁନିଜୀ ମହୋଦୟ,ଯୋଗୀ ସୃଷ୍ଟିଧର ନାୟକ ମହୋଦୟ ପ୍ରମୁଖ ।ସମ୍ପାଦକୀୟ ବିବରଣୀ ପାଠ କରିଥିଲେ, ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନିରାଜ ଚନ୍ଦ୍ରମୋହନ ମହାନ୍ତି ମହୋଦୟ ।ମୁନି ସଙ୍ଗୀତ ଗାନ କରିଥିଲେ, ଯୋଗଶିକ୍ଷୟତ୍ରୀ ସୁବାସିନୀ ମହାନ୍ତି, ଯୋଗ ଶିକ୍ଷୟତ୍ରୀ କମଳ କାମିନୀ ଦେ, ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା, ଯୋଗଶିକ୍ଷୟତ୍ରୀ ବନ୍ଦିନୀ ଜେନା, ମୁନିମତୀ ସଂଯୁକ୍ତା ମହାନ୍ତି ପ୍ରମୁଖ ।ଉପସ୍ଥିତ ଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ଯୋଗୀ ରାମଚନ୍ଦ୍ର ବେହେରା, ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା, ଆତ୍ମଜ୍ଞାନୀ ଯୋଗୀ ମନ୍ମଥ ଆଇଚ ମହୋଦୟ, ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କନକଲତା ଆଇଚ ମହୋଦୟା, ମୁନିମତୀ ଜ୍ୟୋତ୍ସ୍ନା ରାଣୀ ଭୂୟାଁ,ମୁନି କୁମାରୀ ପ୍ରିୟାଙ୍ଗସୀ ପ୍ରିୟ ଦର୍ଶନୀୟ ବେହେରା ପ୍ରମୁଖ ।ପ୍ରଥମେ ସମୂହ ପ୍ରଣବ,ଶାନ୍ତି ପାଠ,ଶିବ ବଚନାମୃ ପାଠ କରାଯାଇ ଅଧିବେଶନ ଆରମ୍ଭ କରାଯାଇଥିଲା ।ଆତ୍ମାର ଅନନ୍ତ ଶକ୍ତି ଉପରେ,ପ୍ରାଞ୍ଜଳ ଭାବରେ, ବିଭିନ୍ନ ଉଦାହରଣ ମାନ ପ୍ରଦାନ କରି, ଅନୁଭୂ ଜନିତ ଜ୍ଞାନ ମାନ,ସର୍ବ ସମ୍ମୁଖରେ ପ୍ରକାଶ କରା ଯାଇଥିଲା ।ଯିଏ ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନ କରି କରି ଚାଲେ,ସେ ନିଶ୍ଚୟ ଦିନେ ଆତ୍ମ ଦର୍ଶନ କରି ପାରିବ,ତାର ପ୍ରତ୍ୟେକ ସଂକଳ୍ପ ନିଶ୍ଚୟ ଫଳବତୀ ହବ ହିଁ ହେବ ,ଏହା ବକ୍ତାମାନେ ମତବ୍ୟକ୍ତ କରିଥିଲେ ।ଶେଷରେ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ମୟୂରଭଂଜ ସାହିତ୍ୟ ପରିଷଦର ୩୯ତମ ବାର୍ଷିକୋତ୍ସବ ପାଳିତ



ବାରିପଦା, ୨୪/୩ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାରସ୍ୱତ ସଂଗଠନ ମୟୂରଭଂଜ ସାହିତ୍ୟ ପରିଷଦର ୩୯ତମ ବାର୍ଷିକୋତ୍ସବ ମହାଡମ୍ବରରେ ଶ୍ରୀମା ମହିଳା ମହାବିଦ୍ୟାଳୟ ପରିସରରେ ଆଜି ଆୟୋଜିତ ହୋଇଯାଇଛି ।ପୂର୍ବାହ୍ନରେ ପରିଷଦର ପତାକା ଉତ୍ତୋଳନ ପରେ ଉଦଘାଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରିଷଦର ସଭାପତି ପଦ୍ମନାଭ ସାହୁଂକ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ ଭାବରେ ବରିଷ୍ଠ ପତ୍ରକାର ଡ. ବିଜୟ କୁମାର ଅଗ୍ରୱାଲା ଯୋଗଦେଇ ମୟୂରଭଂଜ ଜିଲ୍ଲାର ଭାଷା ଓ ସାହିତ୍ୟର ବିକାଶରେପରିଷଦର ଭୂମିକାକୁ ପ୍ରଶଂସା କରିଥିଲେ । ତତସହିତ ବିଛିନ୍ନାଂଚଳ ସବୁରେ ମୟୂରଭଂଜ ସାହିତ୍ୟ ପରିଷଦର ଶାଖା ଖୋଲାଯିବା ଉଚିତ ବୋଲି ମତପ୍ରକାଶ କରିଥିଲେ । ବିଶିଷ୍ଟ ଅନୁସର୍ଜକ ପ୍ରଫେସର ପ୍ରଣବ ରଂଜନ ଭୂୟାଁ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନଟବର ଗିରି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପରିଷଦର କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର ବଶା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ଇଂ ମନୋଜ ଦଳବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ସୁଶ୍ରୀ ଭାରତୀ ବେବର୍ତ୍ତା ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ କୈବଲ୍ୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଡ. ସଂଜୀବ ପାଣିଗ୍ରାହୀ ଆବାହନୀ ମନ୍ତ୍ର ପାଠ କରିଥିଲେ । ଏହି ଅବସରରେ ବାରିପଦାର ସୁଶ୍ରୀ ବୀଣାପାଣି ପଣ୍ଡା ଏବଂ କପ୍ତିପଦାର ବସନ୍ତ କୁମାର ରାଉଳଂକୁ ମୟୂରଭଂଜ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ଡ. ଭାଗବତ ଲେଂକାଂକୁ ସରୋଜିନୀ-ପ୍ରଫୁଲ୍ଲ ଓତା ସ୍ମୃତିସମ୍ମାନ ଏବଂ ନୀରୋଦ ସୁନ୍ଦର ଜେନାଂକୁ ଲକ୍ଷ୍ମୀକୁମାରୀ ଦାସ ଯୁବସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ପୁନଶ୍ଚ ଏହି ଅବସରରେ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସାଇ ଜ୍ୟୋତି ମହାନ୍ତିଂକୁ ପୁରସ୍କୃତ କରାଯାଇଥିଲା । ଅବସରରେ ପରିଷଦର ମୁଖପତ୍ର ମୟୂରାକ୍ଷି ଲୋକାର୍ପିତ ହୋଇଥିଲା । ମୟୂରାକ୍ଷି ସଂପାଦନା ମଣ୍ଡଳିର ଅନ୍ୟତମ ସଦସ୍ୟ ଅଜିତ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଂକ ମଧ୍ୟରେ ବୃନ୍ଦାବନା ଦାଶ, ଡା. କୁମୁଦ ରଂଜନ ରାଉତ, ଅଜିତ କୁମାର କବାଟ, ମେଜର ରବୀନ୍ଦ୍ର କୁମାର ପରିଡା, ଭରତ ଚନ୍ଦ୍ର ଦାଶ ବକ୍ତବ୍ୟ ରଖିଥିଲେ। ଅପରାହ୍ନରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ବ୍ୟଂଗ କବିତା ପାଠ ଆୟୋଜିତ ହୋଇଥିଲା । ପରିଷଦର ଉପସଭାପତି ଜୟନ୍ତ କୁମାରୀ ଦ୍ୱାରୀଂକ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଉଷା ଶତପଥୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ବିଶିଷ୍ଟ କବି ଡ. ରାଜେନ୍ଦ୍ର କୁମାର ସାମଲ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କବି ଶିଉଲାଲ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବୟିତ୍ରୀ ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କବୟିତ୍ରୀ ପାର୍ବତୀ ବାରିକ ତଥା ଡ. ଶଶିଧର ବିଶ୍ୱାଳଂକ ସଂଯୋଜନାରେ ଆୟୋଜିତ କବିତାପାଠରେ ଶତାଧିକ କବି ସ୍ୱରଚିତ କବିତାପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କାବେରୀ ମିଶ୍ର, ବନମାଳୀ ପାତ୍ର, ମିତାରାଣୀ ସାହୁ, ସୁମିତା ବେହେରା, ଅଜୟ ପାଳ, ନରସିଂହ ବାରିକ, ଭାସ୍ୱତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଆମ୍ ଆଦମି ପାର୍ଟିର ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୨୪/୩ (ନି.ପ୍ର): ବାଲେଶ୍ୱର ରେ ଶୋଭା ରାମ ପୁର ଠାରେ ଥିବା ଆ ମ ଆଦିମ ପାର୍ଟି ଅଫିସ ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତହୋଇ ଯାଇଅଛି ।ଅରବିନ୍ଦ କେଜରିୱାଲଙ୍କୁ ମିଥ୍ୟା ଅଭିଯୋଗ ରେ ଗିରଫ କରିଥିବା ଏ ବଂ ଅଭିଯୋଗକାରୀ ଠାରୁ ଚାନ୍ଦା ଆଦାୟ କରିଥିବା ଭାରତୀୟ ଜନତା ପାର୍ଟି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ଅଛନ୍ତି। ଆ ମ ଆଦିମ ପାର୍ଟିର ରାଷ୍ଟ୍ରିୟ ସଭାପତି ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲ୍ ଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯିବା ସମ୍ବନ୍ଧ ରେ ସାଙ୍ଘାତିକ ତଥ୍ୟ ପଦାକୁ ଆସିଛି ।ଏହି ତଥ୍ୟ ରୁ ଭାରତୀୟ ଜନତା ପାର୍ଟି ହିଁ ପ୍ରକୃତ ଅପରାଧୀ ଏ ବଙ୍ଗ ଚକ୍ରାନ୍ତ କରି କେଜରିୱାଲ ଙ୍କୁ ଜେ ଲ ପଠାଇଥିବା ପ୍ରମାଣିତ ହେଇଛି। କେନ୍ଦ୍ରୀୟ ତଦନ୍ତ କରି ସଂସ୍ଥା ଏଡିର ଅଭିଯୋଗ ହେଉ ଛି ପି ଶରତ ଚନ୍ଦ୍ର ରେଡ୍ଡୀ ନାମକ ମ ଦ ବେପାରୀ ଅ ର ବିନ୍ଦ୍ କେଜରିୱାଲ ଦିଲ୍ଲୀ ରେ ମ ଦ ଠିକା ପାଇବା ପାଇଁ ୧୦୦ କୋଟି ଟଙ୍କା ଲାଞ୍ଚ ଦେଇଛନ୍ତି। ସୁପ୍ରିମକୋର୍ଟ ନିର୍ଦ୍ଦେଶ ପରେ ସାର୍ବଜନୀନ ହୋଇଥିଲା ଇ ଲେକ୍ଟ୍ରୋରାଲ ବଣ୍ଡ ତଥ୍ୟରୁ ସାଙ୍ଘାତିକ ତଥ୍ୟ ଜଣା ପଡ଼ିଛି ।ପି ଶରତ ଚନ୍ଦ୍ର ରେଡ୍ଡୀ କେବଳ ଜଣେ ମ ଦ ବେପାରୀ ନୁହନ୍ତି, ସେ ଅରବିନ୍ଦ ଫାର୍ମା ନାମକ ଏ କ ବଡ଼ ଔଷଧ କମ୍ପାନୀର ମାଲିକ ଅଟନ୍ତି ।ଶରତ ଚନ୍ଦ୍ର ରେଡିଙ୍କୁ ଇ ଡି ମଦ ଘୋଟଲ ର ମୁଖ୍ୟ ପୁରୋଧା କହି ଗିରଫ କଲା। ତାଙ୍କୁ ଇ ଡି ଜରା ବେଳେ ସେ ଅର ବିନ୍ଦ କେକୁରିଆଲ ଙ୍କୁ ଚିହ୍ନି ନାହାନ୍ତି ଶରତ ଚନ୍ଦ୍ର ରେଡ୍ଡୀ ଇ ଡି ମାଧ୍ୟମରେ ଭୟ ଭିତ କରି ଭାରତୀୟ ଜନତା ପାର୍ଟି ତାଙ୍କର ବିଭିନ୍ନ କମ୍ପାନୀରୁ ୫,୯ କୋଟି ଟଙ୍କା ଚାନ୍ଦା ନେଇ ଛି। ସେ ଜେଲ ରେ ଥିଲା ବେଳେ କିଛି ଚାନ୍ଦା ଦେଇ ଅଛନ୍ତି । ଅ ର୍ବିନ୍ଧ କେ ଜରି ୱାଲ୍ ବିରୋଧ ରେ ଅଭିଯୋଗ କରିବାକୁ ରାଜି ହେବାରୁ ଇଡି ତାଙ୍କ ବେଲ୍ କୁ ବିରୋଧ କରି ନ ଥିଲା, ଏ ବଙ୍ଗ ତାଙ୍କୁ ରାଜ ସାକ୍ଷୀ କରି ମୁକ୍ତ ଦେଇ ଥିଲା। ଜେଲ ରୁ ବାହାରିବା ପରେ ଭାରତୀୟ ଜନତା ପାର୍ଟି କୁ ୫୦ କୋଟି ଚାନ୍ଦା ଦେଇ ଛନ୍ତି। ଆମ୍ ଆଦମୀ ପାର୍ଟି ବିଜେପି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି,ବିଜେପି ର ରା ଷ୍ଟି ୟ ସଭାପତି ଜେ ପି ନଡ୍ଡା ଙ୍କର ଗିରଫ ଦାବି କରୁ ଅଛି। ଏଥିରେ ସଭାପତି କୁମାର ସ୍ୱର୍ଣ୍ଣ ଭାରତ ମଲ୍ଲିକ ,ନିକୁଞ୍ଜ ମ ହା ନ୍ତି,ମୀନାକ୍ଷୀ ଦାସ, ସ ରୋଜ୍ କୁମାର ରାଉଳ ,କୈଳାଶ ଚନ୍ଦ୍ର ପୃଷ୍ଟି ସୋମନାଥ ରାଉତ ଜୟନ୍ତୀ ଦାସ ଆଦି ସମସ୍ତ ମେମ୍ବର ଉପସ୍ଥିତ ଥିଲେ।

CMYK

ସୋମବାର, ମାର୍ଚ୍ଚ ୨୫, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଉଦଳାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ



ଉଦଳା , ୨୪/୩ (ନି.ପ୍ର): କପ୍ତିପଦା ଉପଖଣ୍ଡ ବ୍ରାହ୍ମଣ ମହାସଭା ତରଫରୁ ଚଳିତ ମୀନ ମାସ ୧୧ ଦିନ ଫାଲ୍ଗୁନ ଶୁକ୍ଳପକ୍ଷ ଚତୁର୍ଦଶୀ, ଇଂରାଜୀ ମାର୍ଚ୍ଚ ୨୪ ତାରିଖ ରବିବାର ଦିନ ସ୍ଥାନୀୟ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଏକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ପୃଥିବୀ ବର୍ତମାନ ତୃତୀୟ ବିଶ୍ୱଯୁଦ୍ଧକୁ ସାମନା କରିବାକୁ ଯାଉଥିବା ବେଳେ, ବିଶ୍ୱବାସୀ ଖୁବ୍ ଭୟଭିତ ଅବସ୍ଥାରେ ଅଛନ୍ତି । ବିଶ୍ୱଯୁଦ୍ଧର ଭୟକୁ ଦୂର କରିବା ସହ ସମଗ୍ର ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଜିର ଏହି ଯଜ୍ଞ ଅନୁଷ୍ଠିତ ହେଉଥିବାର ଜଣାଯାଇଛି । ତେବେ ଏହି ଯଜ୍ଞ ପାଇଁ ଦିର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ପ୍ରାତଃ ୭ ଘଟିକାରେ ଘଟୋତଳନ ଓ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ଦିବସ ବ୍ୟାପି ଚାଲିଥିବା ଏହି ଯଜ୍ଞରେ ବେଦପାଠ ସହିତ ଘୃତ ଆହୁତି ଦିଆଯାଇଥିଲା । ଦିବା ୧ ଘଟିକାରେ ପ୍ରସାଦ ସେବନ ଓ ଅପରାହ୍ନ ୫ ଘଟିକାରେ ପୂର୍ଣ୍ଣାହୂତୀର ପର୍ବ ଅନୁଷ୍ଠିତ ହୋଇଥିଲା । ମହାସଭାର ସଭାପତି ସତ୍ୟବ୍ରତ ମିଶ୍ର, ସଂପାଦକ ରଂଜନ ପ୍ରହରାଜ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଉକ୍ତ ଯଜ୍ଞ ଆୟୋଜନର ନେତୃତ୍ୱ ନେଇଥିବା ବେଳେ ତ୍ରୀଲୋଚନ ରଥ, ମନୋରଂଜନ ପାଢ଼ୀ, ବନମାଳି ପଣ୍ଡା, ଶାନ୍ତନୁ କୁମାର ପଣ୍ଡା, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ସୁରେନ୍ଦ୍ର ଶତପଥୀ, ତାରାକାନ୍ତ ରାୟ ପ୍ରମୁଖ ଯଜ୍ଞ ପରିଚାଳନାର ଦାୟିତ୍ୱ ତୁଲାଇଥିଲେ ।

# ୨୧ତମ ଜାତୀୟ ନାଟ୍ୟ ମହୋତ୍ସବ 'କ୍ୟାନଫେଷ୍ଟ' ଦର୍ଶକଙ୍କ ମନ ମୋହିଲା ନାଟକ 'କ୍ୟା କାରେଗା କାଜୀ'



ପାରାଦୀପ, ୨୪/୩ (ନି.ପ୍ର): ପ୍ରେମ ଏକ ଭାବନାକୁ ବୁଝାଇଥାଏ । ଏହାଛଡା ବ୍ୟକ୍ତିଗତ ସ୍ନେହ ଓ ସଂଯୋଗକୁ ମଧ୍ୟ ପ୍ରେମ କୁହାଯାଏ । ଦୁଇଜଣଙ୍କ ମଧ୍ୟରେ ଥିବା ଦୟା, ବିଶ୍ୱାସ, ସ୍ନେହ, ପ୍ରଣୟ ହେଉଛି ପ୍ରେମର ଏକ ରୂପ। କେତେବେଳେ କାହାକୁ ଯେ କାହା ସହ ପ୍ରେମ ହୋଇଯାଏ ତାହା ଜଣା ନଥାଏ। କ୍ୟାନମାସ ଦ୍ୱାରା ଆୟୋଜିତ କାନଫେଷ୍ଟର ଜୟଦେବ ସଦନଠାରେ ଷଷ୍ଠ ଦିନରେ ମଞ୍ଚସ୍ଥ ହୋଇଛି ନାଟକ 'କ୍ୟା କାରେଗା କାଜୀ'। ଅଜୟ ମାଲକାନି ନିର୍ଦ୍ଦେଶିତ ଯୁଭା ରଙ୍ଗା ମଞ୍ଚ,ରାଞ୍ଚି ଗ୍ରୁପ ନାଟକ କ୍ୟା କରେଗା କାଜିରେ ଜଣେ ଯୁବ ଆରିଷ୍ଟୋକ୍ରାଟ୍ ବିଷୟରେ କୁହାଯାଇଛି ଯିଏ ଲକ୍ଷ୍ନୌର ଏକ ସୁନ୍ଦର ଝିଅ ରୋଶନୀଙ୍କୁ ଭେଟିଥାଏ ଏବଂ ଦୁହେଁ ପରସ୍ପରକୁ ଭଲ ପାଆନ୍ତି। କ୍ୟା କରେଗା କାଜୀ' ହେଉଛି ଫରାସୀ ଡ୍ରାମା ଦ ବାରବର୍ ଅଫ୍ ସେଭିଲର ଏକ ହିନ୍ଦୁସ୍ତାନୀର ଚିରାଚରିତ ନାଟକ। ଅଷ୍ଟାଦଶ ଶତାବ୍ଦୀରେ ଲିଖିତ ଏହି ଡ୍ରାମା, ଯୁବା ପ୍ରେମର ଲିବରେନଙ୍କ କାହାଣୀକୁ ଏକ ହାସ୍ୟାସ୍ପଦ ଶାସନରେ ଅନେକ ଯୁଗରୁ ଶାସନ କରୁଥିବା କାହାଣୀକୁ ଦର୍ଶାଯାଇଛି। ଏହି ନାଟକରେ ନିର୍ଦ୍ଦେଶକ ରୋଶନି ଚରିତ୍ରକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି। ଅନାଥ ଆଶ୍ରମରେ ଜନ୍ମ ହେଇଥିବା ଝିଅ ରୋଶନିକୁ ଚିକିତ୍ସକ ବାବାନ୍ ଖାନ ଲାଳନ ପାଳନ କରିଛନ୍ତି। ଏବଂ ପରବର୍ତ୍ତୀ ସମୟରେ ବାବାନ୍ ଖାନ୍ ରୋଶନିଙ୍କୁ ପାଇବାକୁ ଚେଷ୍ଟା କରିଛି ଓ ତାଙ୍କୁ ବିବାହ କରିବାକୁ ଯୋଜନା କରୁଥିବାବେଳେ ରୋଶନୀ ନିଜକୁ ବଞ୍ଚାଇବାକୁ ଯେଉଁ ସଂଘର୍ଷ କରିଛି ତାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ସମାଜରେ ଗୋଟେ ଝିଅ ନିଜ ପ୍ରେମ ପାଇଁ କିପରି ଏକୁଟିଆ ଲଢୁଛି ତାହା ଖୁବ୍ ନିକଟରୁ ଉପସ୍ଥାପନା କରଯାଇଛି ଏହି ନାଟକରେ। ଏତେ ସବୁ ବାଧା ବିଘ୍ନତା ପରେବି ଆରିଷ୍ଟୋକ୍ରାଟ୍ ଓ ରୋଶନୀ ପ୍ରେମ କାହାଣୀ ବିବାହରେ ପରିଣତ ହେଇଛି ଏହାକୁ ନାଟକ ମାଧ୍ୟମରେ ଦେଖାଇ ଦର୍ଶକଙ୍କ ମନରେ ପ୍ରେମ ପାଇଁ ସଂଘର୍ଷର ବାର୍ତ୍ତା ପ୍ରଦାନ କରିଛନ୍ତି ନିର୍ଦ୍ଦେଶକ।

# ଗୋଠଗଡିଆ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୧୫ ତମ ବାର୍ଷିକ ଉତ୍ସବ ପାଳିତ

ବସ୍ତା, ୨୪/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ଅଧୀନସ୍ଥ ଗୋଠଗଡ଼ିଆ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୧୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଚକ୍ରଧର ଗୋଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ବ୍ୟବସାୟୀ ତଥା ସମାଜସେବୀ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିବିଧତା ଭିତରେ ଏକତା ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଭାରତରେ ପ୍ରାଚୀନ କାଳରୁ ଗୁରୁଶିଷ୍ୟ ପରମ୍ପରା ଏକ ଶ୍ରେଷ୍ଠ ନିଦର୍ଶନ ଏବଂ କୋମଳମତି ଛାତ୍ରଛାତ୍ରୀଙ୍କୁ ସୁନାଗରିକ ଭାବେ ଗଢିତୋଳିବା ଓ ସେମାନଙ୍କୁ ଉଚିତ୍ ମାର୍ଗ ପ୍ରଦର୍ଶନ କରିବା ଗୁରୁଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସେ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡଃ ହର ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥିଭାବେ ଭାବେ ବିଶିଷ୍ଟ ପ୍ରବଚକ ରତିକାନ୍ତ ପଣ୍ଡା, ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ ସମ୍ବିତ୍ ଗୋଛାୟତ ପ୍ରମୁଖ ଯୋଗ ଦେଇ ଯୋଗଦେଇ ସୁନ୍ଦର ଓ ସୁସ୍ଥ ସମାଜ ଗଠନରେ କିପରି ଛାତ୍ରଛାତ୍ରୀ ମାନଙ୍କ ଭୂମିକା ରହିଛି ସେ ବିଷୟରେ ଆଲୋଚନା କରିଥିଲେ । ଶିକ୍ଷକ ସୁବାସ ଚନ୍ଦ୍ର ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ପୂର୍ବରୁ ବିଦ୍ୟାଳୟରେ ହୋଇଥିବା ଅନେକ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶିକ୍ଷକ ସଂଜୟ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁମା ଦମୟନ୍ତୀ ବିଶ୍ୱାଳ, ଆରତୀ ଖଓଟୁଆ, ନିବେଦିତା ଜେନା, ନମିତା ଗୋଛାୟତ କାର୍ଯ୍ୟକମ ପରିଚାଳନା କରିଥିଲେ ।

# ମାକିଡିଆ ଓ କାଳୀକ ପଂଚାୟତରେ ବିଜେଡି କର୍ମୀ ସମିଳନୀ

ଜଳେଶ୍ୱର , ୨୪/୩ (ନି.ପ୍ର): ଜଳେଶ୍ୱର ବ୍ଲକ ବିଜେଡି ପକ୍ଷରୁ ମାକିଡିଆ ଓ କାଳିକ ପଂଚାୟତରେ ବିଜେଡିର କର୍ମୀସମ୍ମଳନୀ ଅନୁ:ଷ୍ଠିତ ;ହୋଇ ଯାଇଛି । ବ୍ଲକ ସଭାପତି ଦିଲ୍ଲିପ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶ୍ୱନୀ ପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ମଧୁସୂଦନ ସେନାପତି, ତପନ ଦାସ, ବ୍ରିଜେଶ ରଣା, ସଂଜୟ ଘୋଷ, ବିଷ୍ଣୁପ୍ରିୟା ଘୋଷ, ବିଜୟ କୁଇଲା, ରତିକାନ୍ତ ସେନାପତି, ମନ୍ମଥ ଖଟୁଆ, ଦୀପକ କାପୁଡି, ସଂଧ୍ୟାବତୀ ଘୋଷ, ଅଶୋକ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଇ ଶିକାରୀ ସମେତ ଦୁଇ ଦେଶୀ ବନ୍ଧୁକ ଜବତ



ନୀଳଗିରି, ୨୪/୩ (ନି.ପ୍ର): କୁଳଡିହା ବନବିଭାଗ ,ଶିମିଳିପାଳ ଏସଟିଏଫ ଓ ନୀଳଗିରି ପୋଲିସ ପକ୍ଷରୁ ଜାରି ରହିଥିବା କମ୍ବିଂ ଅପରେସନର ଚତୁର୍ଥ ଦିନରେ ଦୁଇ ଶିକାରୀ ଓ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି ।ଗତକାଲି ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଧୀନ ଖୁମଖୁଟ ଓ ଗୋଡିଖୋଳା ଗ୍ରାମରେ ରାତି ଅଧିଆ ଚଢାଉ କରାଯାଇଥିଲା ।ଏହି ଚଢ଼ାଉରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଖୁମଖୁଟ ଗ୍ରାମର ଶିବ ହାସଦା (୪୨) ଓ ଗୁଡିଖୋଳା ଗ୍ରାମର ଛୋଟରାୟ ମୁର୍ମୁଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିବା ସହ ନୀଳଗିରି ପୋଲିସ ୯୮/୨୪ରେ ଏକ ମାମଲା ରୁଜ୍ଜୁ କରି କୋର୍ଟ ଚାଲଣ କରିଛି।

# ନିଉ ଲିଭିଂ ଚର୍ଚ୍ଚରେ ବିଜୟ ଦିବସ ପାଳିତ



ନୀଳଗିରି, ୨୪/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଠାରେ ଥିବା ନିଉଲିଭିଂ ଚର୍ଚ୍ଚ ପକ୍ଷରୁ ବିଜୟ ଦିବସ ଆଚାର୍ଯ୍ୟ ସାଧୁ ସୁନ୍ଦର ସିଂହଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ବିଜୟ ଦିବସ ପାଳନ ଅବସରରେ ଖ୍ରୀଷ୍ଟଧର୍ମୀୟ ଭାଇଭଉଣୀ ମାନେ ଖଜୁରୀ ଡାଳରେ ବିଭିନ୍ନ ପ୍ରକାରର ଫୁଲ ଖଞ୍ଜିବା ସହିତ ଖଜୁରୀ ଗଛର କଅଁଳ ଡାଳର ପତ୍ରରେ ଛନ୍ଦି ତାହାକୁ ଶୋଭାଯାତ୍ରାରେ ଧରି ସହର ପରିକ୍ରମାକରି ଚର୍ଚ୍ଚ ଠାରେ ଏକତ୍ରିତ ହୋଇଥିଲେ। ସେଠାରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପ୍ରଭୁ ଯୀଶୁ ଙ୍କ ବିଜୟ ଦିବସ ତାତ୍ପର୍ଯ୍ୟ ଉପରେ ଉପସ୍ଥିତ ଅତିଥିମାନେ ଦିବ୍ୟ ସମ୍ଭାଷଣରେ ପ୍ରତିପାଦନ କରି ଥିଲେ । ମୁଖ୍ୟ ଅତିଥି ଭାବେ ଜୋହନ୍ ଜୋସେଫ ଦାସ ଥିବାବେଳେ ମୁଖ୍ୟ ବକ୍ତା ଭାବେ ସମରେନ୍ଦ୍ର ପ୍ରାମାଣିକ, ସମ୍ମାନିତ ଅତିଥି ଭାବେ ତପନ କୁମାର ଦାସ , ଝୁମୁରି ବେହେରା, ସପନ କୁମାର ଗିରି, ବାସୁଦେବ ସିଂ ସୁରେଶ କୁମାର ବିଶ୍ୱାଳ ଉପସ୍ଥିତ ରହି ପ୍ରଭୁଙ୍କ ବିଜୟ ଦିବସ ଉପରେ ଆଲୋକପାତ କରିଥିଲେ। ଶେଷରେ ମଧୁସୁଦର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତକର୍କଟ ରୋଗ୍ରଗ୍ରସ୍ତ ପୁଅ ମୃତ୍ୟୁରେ ବାପା କଲେ ଶୁଦ୍ଧିକ୍ରିୟା

ଜଳେଶ୍ୱର , ୨୪/୩ (ନି.ପ୍ର): ସଂସାରର ନିୟମ ବିଚିତ୍ର । ସାମାଜିକତା ମଧ୍ୟରେ ରହି କାର୍ଯ୍ୟ ସମ୍ପାଦନ କରିବା ବାଧ୍ୟତା ମୂଳକ । ନିୟମ ଅନୁଯାୟୀ ବାପାର ମୃତ୍ୟୁପରେ ଶୁଦ୍ଧିକ୍ରିୟା ପରପିଢି ପୁଅ ପୁତୁରା ଦେଇଥାନ୍ତି । ଭାଗ୍ୟର ବିଡମ୍ବନା ଯେ ଜଳେଶ୍ୱର ଅଂଚଳର ଜଣେ ବାପା ତାର ରକ୍ତକର୍କଟ ରୋଗଗ୍ରସ୍ତ ପୁଅର ମୃତ୍ୟୁପରେ କ୍ରିୟାକର୍ମ ଶେଷ କରିଛି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶିଖିରପୁର ପଂଚାୟତର ଚକହରୀ ଗାଁର ସୁଧିର କୁମାର ଦାସଙ୍କ ୬ବର୍ଷର ପୁଅ ରୁଦ୍ର ଦୀର୍ଘଦିନ ଧରି ରକ୍ତକର୍କଟ ରୋଗରେ ପିଡିତ ହେବାରୁ ବମ୍ବେସ୍ଥିତ ଏ ଚିକିତ୍ସାଳୟରେ ଚିକିତ୍ସା ହେଉଥିଲେ । କିନ୍ତୁ ଗତ ୬ଦିନ ପୂର୍ବରୁ ରୁଦ୍ରର ମୃତ୍ୟୁ ହେବାରୁ ବାପା ସୁଧିର ପଣ୍ଡିତମାନଙ୍କ ମତାମତ ଲୋଡିଥିଲେ । ଶାଳିକୋଠାର ରବିନାରାୟଣ ରଥସର୍ମାଙ୍କ ପରାମର୍ଶକ୍ରମେ ମୃତ୍ୟୁର ୬ଷ୍ଠ ଦିନରେ କ୍ରିୟାକର୍ମ କରିଥିଲେ । ଜଳେଶ୍ୱରସ୍ଥିତ ଭଲାଭଣ୍ଡାରୀ ସଂଗଠନ ଏହି କାର୍ଯ୍ୟରେ ସହାୟତାଲାଗି ଆଗେଇ ଆସିଥିଲେ । ଏଥିରେ ୪୦ଜଣ ଅନ୍ଧ, ନିରାଶ୍ର ଓ ବେସାହାରା ଲୋକଙ୍କୁ ଅନ୍ନବସ୍ତ୍ର ଦାନ କରିଥିଲେ । ଏଥିରେ ଏହି ସହଂଗଠନର ସଦସ୍ୟ ହରିଶଂକର ପଣ୍ଡା, ଅଂଜନ ଦାସ, ଲିପୁନ ପଣ୍ଡା, ଜିତୁନ ପଣ୍ଡା ସମସ୍ତକାର୍ଯ୍ୟ ପରିଚାଳନା କରିଥିଲେ ।

# ବୋଲଂ ପ୍ରିମିୟମ ଲିଗ୍ ମ୍ୟାଚ୍ ଉଦ୍‌ଘାଟିତ

ବାଲିଆପାଳ ୨୪/୩(ନିପ୍ର) ବାଲିଆପାଳ ବ୍ଲକ ବୋଲଂ କ୍ରିକେଟ ପଡ଼ିଆରେ ଦ୍ୱିତୀୟ ସଂସ୍କରଣ ବୋଲଂ ପ୍ରିମିୟମ ଲିଗ୍ ମେଚ୍ ଶନିବାର ଅପରାହ୍ନରେ ଉଦଘାଟିତ ହୋଇଯାଇଛି। ଏହି ମେଚ୍ ୧୫ ଓଭର ବିଶିଷ୍ଟ ଜୟଦୁର୍ଗା ସୁପର କିଙ୍ଗ ଏବଂ ବଜରଙ୍ଗ ଇଲେଭେନ ଷ୍ଟାର ମଧ୍ୟରେ ଉଦଯାପନୀ ମେଚ୍ ଅନୁଷ୍ଠିତ ହୋଇଥିଲା ।ଜୟଦୁର୍ଗା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ରେ ୧୧୭ ରନ୍ କରିଥିଲା । ୧୧୮ ରନ୍ ର ବିଜୟୀ ଲକ୍ଷନେଇ ପଡିଆକୁ ପ୍ରବେଶ କରିଥିଲା ମାତ୍ର ବଜରଙ୍ଗ ଇଲେଭେନ ଷ୍ଟାର ଟିମ୍ ସମସ୍ତ ଓଇକେଟ୍ ହରାଇ ୬୯ ରନ୍ ସଂଗ୍ରହ କରିଥିଲା । ୪୮ ରନ୍ ରେ ଜୟଦୁର୍ଗା ଟିମ୍ ବିଜୟୀ ହୋଇଥିଲେ। ଏହି ମେଚ୍ ୬ ଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଶତୃଘ୍ନ ମଲ୍ଲିକ, ଯୁବନେତା କାର୍ତ୍ତିକ ମଲ୍ଲିକ,ତପନ ରାଉତ ପ୍ରମୁଖ ଯୋଗଦେଇ ଖୋଳାଳି ମାନଙ୍କ ଉତ୍ସାହିତ କରିଥିଲେ। ସମାଜସେବୀ ଯୋଗେନ୍ଦ୍ର ମହାପାତ୍ର ସଭାକାର୍ଯ୍ୟ ସଂଯୋଜନା କରିଥିଲେ ।ସପନ ରାଉତ, ସତ୍ୟଜିତ ମହାପାତ୍ର, ଶିଦ୍ଧେଶ୍ୱର ମଲ୍ଲିକ, ମିନକେତନ ବେହେରା, ଅଭିରାମ ପଟ୍ଟାଯତ, ଦୁଷ୍ମନ୍ତ ମହାପାତ୍ର, ସତ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସେଙ୍ଗେଲ ପକ୍ଷରୁ ସାର୍ନା ଧର୍ମ କୋଡ ଜନସଭା




ବାରିପଦା, ୨୪/୩ (ନି.ପ୍ର): ବାରିପଦା ସ୍ଥିତ ଛଉ ପଡିଆ ଠାରେ ବାରିପଦା ଜୋନାଲ କମିଟିର ସେଙ୍ଗେଲ ସଭାପତି ସହ ଓଡିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ଶ୍ରୀ ନାରାନ ମୁର୍ମୁଙ୍କ ନେତୃତ୍ୱରେ ସାର୍ନା ଧର୍ମ କୋଡ ଜନସଭା ଆୟୋଜନ କରାଯାଇଥିଲା । ବକ୍ତାମାନେ ଏଥିରେ ଆଦିବାସୀ ସମାଜକୁ ବିକାଶ ପଥରେ ଆଗକୁ ନେବା ପାଇଁ ସେଙ୍ଗେଲର ସ୍ଲୋଗାନ୍ ହେଉଛି ମାଝୀବାବା (ଗ୍ରାମମୁଖ୍ୟ) ବଦଳାଅ, ଗାଁକୁ ବଞ୍ଚାଅ । କାରଣ ଅଧିକାଂଶ ମାଝୀବାବାଙ୍କ ଦ୍ୱାରା ପ୍ରତ୍ୟେକ ଆଦିବାସୀ ଗ୍ରାମରେ ବ୍ୟାପ୍ତ ନିଶା ସେବନ, ଅନ୍ଧବିଶ୍ୱାସ, ଡାହାଣୀ ପ୍ରଥା (ଡାହାଣୀ ନାମରେ ହତ୍ୟା), ଇର୍ଷା-ଦ୍ୱେଷ, କଙ୍ଗାରୁ କୋର୍ଟ (ମନ ଇଚ୍ଛା ଜୋରିମାନା), ସାମାଜିକ ବହିଷ୍କାର, ଭୋଟ୍ କ୍ରୟ ବିକ୍ରୟ, ମହିଳା ବିରୋଧୀ ମାନସିକତା ଆଦି ପରମ୍ପରା ନାମରେ ପ୍ରଚଳନ କରି ଆସୁଛନ୍ତି ଏବଂ ସାର୍ନା ଧର୍ମ କୋଡ ମାନ୍ୟତା ପାଇଁ ନିଜ ଗ୍ରାମରେ ବୈଠକ କରି ନାହାନ୍ତି, ସହଯୋଗ ମଧ କରୁ ନାହାନ୍ତି । ତେଣୁ ଉକ୍ତ ଖରାପ ପରମ୍ପରାକୁ ହଟାଇବା ପାଇଁ ସେଙ୍ଗେଲ ସଂକଳ୍ପବଦ୍ଧ । ତେବେ ଆଦିବାସୀ ସମାଜ ବଞ୍ଚାଇବାକୁ ହେଲେ ସାମାଜିକ ଏକତା ଗଠନ ଦୃଢ଼ କରିବା ସହିତ ସାରନା ଧର୍ମ କୋଡ ମାନ୍ୟତା ନିତାନ୍ତ ଆବଶ୍ୟକ । ତେଣୁ ପ୍ରକୃତି ପୂଜକ ଆଦିବାସୀମାନଙ୍କୁ ଧାର୍ମିକ ସ୍ୱାଧୀନତା ଦେବା ଦରକାର ବୋଲି କୁହାଯାଇଛି, କାରଣ ୨୦୧୧ ଜନଗଣନାରେ ୫୦ ଲକ୍ଷ ଆଦିବାସୀ ସାରନା ଧର୍ମ ଲେଖିଥିଲେ, କିନ୍ତୁ ଜୈନମାନେ ଲେଖିଥିଲେ ମାତ୍ର ୪୪ ଲକ୍ଷ, ହେଲେବି ଉକ୍ତ ସାମ୍ବିଧାନିକ ମୌଳିକ ଅଧିକାର ସାର୍ନା ଧର୍ମ କୋଡ ନ ଦେବା ଏକ ଷଡଯନ୍ତ୍ର ବୋଲି କହିଛନ୍ତି ଯାହାକି ଜବରଦସ୍ତି ଧର୍ମାନ୍ତରଣ ହେବାକୁ ବାଧ କରାଯାଉଛି ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି । ତେଣୁ ବର୍ତ୍ତମାନ ବୃହତ ଆଦିବାସୀ ଜନ ଏକତା ଏବଂ ବୃହତ ନିର୍ଣ୍ଣାୟକ ଜନ ଆନ୍ଦୋଳନ ବିନା କିଛି ରହିବ ନାହିଁ ବୋଲି କହିଛନ୍ତି । ତତପଶ୍ଚାତ୍ ଚଳିତ ବର୍ଷ ନିର୍ବାଚନରେ କାହାକୁ ଭୋଟ୍ ଦେବା ବଦଳରେ କାହିଁକି ଭୋଟ୍ ଦେବା ବିଷୟରେ ଚିନ୍ତା କରିବା ଜରୁରୀ ଏବଂ ସାର୍ନା ଧର୍ମ କୋଡର ଜବାବ ଦିଅ, ଆଦିବାସୀମାନଙ୍କ ଭୋଟ୍ ନିଅ ସ୍ଲୋଗାନ୍ ପ୍ରତ୍ୟେକ ଆଦିବାସୀ ଗ୍ରାମରେ ଆୱାଜ୍ ଉଠାଇବା ପାଇଁ କୁହାଯାଇଛି । ବକ୍ତାମାନଙ୍କ ଭିତରୁ କେନ୍ଦ୍ରୀୟ ସେଙ୍ଗେଲ ସଂଯୋଜକ ବୁଦ୍ଧାନ ମାର୍ଣ୍ଡି, ଓଡିଶା ପ୍ରଦେଶ ସେଙ୍ଗେଲ ସଭାପତି ନରେନ୍ଦ୍ର ହେମ୍ବ୍ରମ, ଓଡିଶା ପ୍ରଦେଶ ମହିଳା ମୋର୍ଚ୍ଚା ସଭାପତି ମାଲହ ମାର୍ଣ୍ଡି, ପାନମଣି ହେମ୍ବ୍ରମ, ବାରିପଦା ଉପଖଣ୍ଡ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ଜୋନାଲ ଉପସଭାପତି ବାହାଦୁର ମୁର୍ମୁ, ଜିତେନ୍ଦ୍ରନାଥ ହେମ୍ବ୍ରମ, ଜୋନାଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ, ବାବୁଲୁ ମୁର୍ମୁ, ଉଦୟନାଥ ହେମ୍ବ୍ରମ, ଚନ୍ଦନ କୁମାର ସୋରେନ, ପିଥ ମାଝୀ, ମେଘ୍ରାୟ ସୋରେନ, ପ୍ରମୁଖ ଉପସ୍ଥିତ ଥିଲେ।

# ହୋଲି ଉତ୍ସବ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବେତନଟୀ, ୨୪/୩ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ବାହାନଡା ବ୍ୟାଡମିଣ୍ଟନ ପଡିଆ ଠାରେ ଆଜି ରାଧାକୃଷ୍ଣ ହୋଲି କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବେତନଟୀ ବ୍ଲକ ବ୍ଲକ ସାମ୍ବାଦିକ ସଂଘ ର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ଙ୍କ ସଂଯୋଜନା ରେ ଆୟୋଜିତ ଶିବିର କୁ ବାଲେଶ୍ୱର ସାଂସଦ ଙ୍କ ପ୍ରତିନିଧି ପ୍ରଦୀପ ପରିଡ଼ା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବରେ ବରିଷ୍ଠ ଶିକ୍ଷକ ରାଧାମୋହନ ବେହେରା , ୩୫ ନମ୍ବର ମଣ୍ଡଳ ସଭାପତି ରାଜକିଶୋର ଶାହା, କ୍ଲବ ର ସଭାପତି ତପନ କୁମାର ନାୟକ, ସମ୍ପାଦକ ନିରଞ୍ଜନ ମହାନ୍ତି, ଯୁ ସମାଜସେବୀ ମନୋଜ ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାରିପଦା ରକ୍ତଭଣ୍ଡାର ରୁ ହିନ୍ଦୁ ମାରାଣ୍ଡି, ରୁଚିକା ଖୁରାନା, ପ୍ରଫୁଲ୍ଲ ମାଝୀ, କରୁଣା କର ଜେନା, ଶକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରୁ ୨୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ କୁ କ୍ଲବ ର ଅଲୟ କୁମାର ପ୍ରଧାନ , ରଞ୍ଜିତ ପ୍ରଧାନ, ସଞ୍ଜୟ କୁମାର ବେହେରା, ଖଗେନ୍ଦ୍ର ସାହୁ, ସୁଦିପ୍ତ ନାୟକ, ବିରେନ୍ଦ୍ର ସାହୁ, ପ୍ରିୟଜିତ ନାୟକ, କିଶୋର ବେହେରା, ମନୋଜ କୁମାର ଜେନା, ସୁରଜିତ ପ୍ରଧାନ, ପ୍ରଭାକର ପୁହାଣ, ପ୍ରସିଲ କୁମାର ବେହେରା, ନବୀନ କୁମାର ପରିଡ଼ା, ପ୍ରଯୋଜିତ ନାୟକ, ତନ୍ମୟ ପଣ୍ଡିତ,ପଙ୍କଜ ସାହୁ, କିଶୋର ବେହେରା, ସନ୍ଦୀପ ନାୟକ, ସୁଦୀପ୍ତ ନାୟକ, ବିଶ୍ୱଜିତ ନାଏକ, ପଙ୍କଜ ସାମଲ, ପ୍ରମୋଦ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ସୁଧାଂଶୁ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ଦାରି ଉଚ୍ଚ ବିଦ୍ୟାଳୟର ୨୦୦୬ ବନ୍ଧୁ ମିଳନ ଉତ୍ସବ

ବାସୁଦେବପୁର, ୨୪/୩ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ମନ୍ଦାରି ଉଚ୍ଚ ବିଦ୍ୟାଳୟର ୨୦୦୬ ମସିହା ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ରତ୍ନାକର ମଲ୍ଲିକ, ଅର୍ଜୁନ ଚରଣ ମଣ୍ଡଳ, ବ୍ରଜ କିଶୋର ବଗୋଡାଇ, ସନାତନ ନାୟକ, ପ୍ରଦୀପ କୁମାର ମଲ୍ଲିକ, ଅଜୟ ମହାକୁଡ, ବ୍ରଜ ମୋହନ କର ଅକ୍ଷୟ ନାୟକ, ଶିକ୍ଷା କର୍ମଚାରୀ କୈଳାସ ଚନ୍ଦ୍ର ବିଶ୍ୱାଳ, ଦଇତାରୀ ମଳିକ, ବନମାଳି ନାୟକ ଓ ଗଦାଧର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଶିକ୍ଷା ଜୀବନର ଅନେକ ସ୍ମୃତି ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଅବସରରେ ଅବସର ପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ମାନପତ୍ର ଉପଢ୍ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ରାଜୀବ ଲୋଚନ ଓଝା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ମଞ୍ଚ ପରିଚାଳନା କରିଥିଲେ ଅଭିମନ୍ୟୁ ମହାକୁଡ ଓ ପି ବିଶ୍ୱ ଗୋପାଳ ଜେନା । ବିଶ୍ୱ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏକ କେକ୍ କଟା ଯାଇଥିଲା ଓ ସମସ୍ତେ କେକ ଖାଇ ପରସ୍ପର ସମସ୍ତଙ୍କୁ ସ୍ନେହ ପ୍ରେମ ଶ୍ରଦ୍ଧା ସମ୍ମାନର ସହିତ ଅଭିନନ୍ଦନ ଜଣାଇଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo

CMYK